

ଅନିମେଷ କୁଜୁର
ଶ୍ରେଷ୍ଠ କ୍ରୀଡ଼ାବିତ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-66 ◆SATURDAY ◆30 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୬ ◆ଶନିବାର ◆୩୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଉର୍ଜିତ ପଟେଲ୍ ଆଇଏମ୍ଏଫ୍ ଇଡି

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ। ଆଇଏମ୍ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ।



୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ



ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା

# ୧ ଡଲାର = ୮୮.୭୫ ଟଙ୍କା

ଡଲାର ତୁଳନାରେ ରେକର୍ଡ ହ୍ରାସ

■ **ନୂଆଦିଲ୍ଲୀ,୨୯।୮(ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ୍ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ୍ୟ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

ଚମ୍ବାରେ ଭୂସ୍ଖଳନ

# ୧୧ ଶ୍ରଦ୍ଧାଳୁ ମୃତ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ରହିଛନ୍ତି। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ୍ୟ ମଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ୍ୟ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।

## ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଡ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହରିଛନ୍ତି। ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ▶ପୃଷ୍ଠା-୭



ଭାରତ-ଚୀନ୍ ବନ୍ଧୁତା

# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'

## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।

ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ୍ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ▶ପୃଷ୍ଠା-୭



ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା

# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି



■ **ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଙ୍ଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଙ୍ଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ

- ▶▶ ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଙ୍ଗଠନ
- ▶▶ ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ
- ▶▶ ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା

ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର ତୃଣମୂଳସ୍ତରରେ ଦୁଇ ଛାମୁଆ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ▶ପୃଷ୍ଠା-୭

# ପିକ୍‌ଅପ୍-ବାଇକ୍ ମୁହାଁମୁହିଁ, ୨ ମୃତ

■ **କୁକୁଡ଼ାଖଣ୍ଡି, ୨୯।୮ (ସମିସ):** ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଆଜି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ପିକଅପ-ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ ଓ ସନାତନ ସୁଆଁସିଆ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତାକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

**ଶବ ରଖି ୬ ଘଣ୍ଟା ରାସ୍ତା ଅବରୋଧ**

ସୂଚନାନୁସାରେ, ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ଓ ସନାତନ ଦିଗପହଣ୍ଡି ପଟୁ ବାଇକ୍ (ଓଡି-୦୭ଟି-୭୯୫୪)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବାଇଗଣବାଡ଼ି ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ଓଡି-୦୨ସିକେ-୫୩୪୩) ▶ପୃଷ୍ଠା-୭

ଏସ୍‌ସି,ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟ: ଓମ୍ ବିର୍ଲା



## ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ଏହି ସମ୍ମିଳନୀ: ମୋହନ

## ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ ନୂଆ ଶିକ୍ଷାନୀତି: ଧର୍ମେନ୍ଦ୍ର

■ **ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଉର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ▶ପୃଷ୍ଠା-୭

ୟୁ-ଡାଇଜ୍ ରିପୋର୍ଟ

# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ୍) ତଥ୍ୟରୁ ଜଣାପଡ଼ିଛି।

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ

## ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ

## ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ୍ୟ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି



ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି। ▶ପୃଷ୍ଠା-୭

## ପଶୁ ହେବାକୁ ଚାହୁଁଛି ମନୁଷ୍ୟ



ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏକବିଂଶ ଶତାବ୍ଦୀର ଆଧୁନିକ ମନୁଷ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବନାଇ ସବୁ କାର୍ଯ୍ୟକୁ ସହଜ କରିଦେଇଛି। କିନ୍ତୁ ଏପରି ସମୟରେ କିଛି ଲୋକ ପଶୁ ହେବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ 'କ୍ୱାଡ୍ରୋବିକ୍ସ' ଧାରା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଚାରି ହାତ-ଗୋଡରେ ପଶୁ ପରି ଚାଲିବାର ପ୍ରତିଯୋଗିତା ଚାଲିଛି। ଅନେକ ଲୋକେ ମଧ୍ୟ ଏହି ଧାରାରେ ସାମିଲ ହୋଇ ନିଜେ ପଶୁ ପରି ଚାଲୁଥିବାର ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ଫିଟ୍‌ନେସ୍‌ର ନୂଆ ଧାରା କୁହାଯାଉଛି। କ୍ୱାଡ ଏବଂ ଏରୋବିକ୍ସର ମିଶ୍ରଣରୁ କ୍ୱାଡ୍ରୋବିକ୍ସ ହୋଇଛି। ଏହାର ଅର୍ଥ ହେଉଛି, ହାତ ଏବଂ ଗୋଡ଼ ଏକାସଙ୍ଗେ କାମ କରୁଥିବାଭଳି ବ୍ୟାୟାମ କରିବା। ଏଥିରେ ମନୁଷ୍ୟ ପଶୁ ପରି ଦୌଡୁଛି, ଡେଉଁଛି ଏବଂ ଗଛରେ ଚଢୁଛି। ପ୍ରଥମେ ବେଲ୍‌ଜିୟମର ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏଲେକ୍ସିଆ କ୍ରାଫ୍ଟ ଏହି ଧାରା ଆରମ୍ଭ କରିଥିଲେ। ସେ ୨୦୨୧ରେ ସ୍ପେନର ଏକ ଜଙ୍ଗଲରେ ଗବେଷଣା କରୁଥିବା ସମୟରେ ଭିକ୍ଟର ମାନୁଏଲଙ୍କ ବିଷୟରେ ଶୁଣିଥିଲେ। ଏହି ବ୍ୟକ୍ତି ଜଙ୍ଗଲରେ ମୋଗଲୀ ଭଳି ରହୁଥିଲେ। ଭିକ୍ଟରଙ୍କଠାରୁ ଏଲେକ୍ସିଆ ପ୍ରଶିକ୍ଷଣ ନେଇଥିଲେ। ପରେ ଉଭୟେ ଏହାର ନାମ କ୍ୱାଡ୍ରୋବିକ୍ସ ରଖିଥିଲେ। ଏବେ ହଜାର ହଜାର ଲୋକ ଏହି ପଶୁ ହେବାର ଧାରାରେ ସାମିଲ ହେଉଛନ୍ତି।

## ୨ ଲକ୍ଷ ଦେଇ ପରିଚୟ ହଟାଉଛନ୍ତି ଲୋକେ



ଟୋକିଓ, ୨୯।୮ (ଏଜେନ୍ସି): ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ। ମାତ୍ର ଜାପାନରେ ଲୋକେ ସମାଜରୁ ଦୂରେଇ ଯାଉଛନ୍ତି। ପ୍ରତି ବର୍ଷ ହଜାର ହଜାର ଲୋକ ଜାଣିଶୁଣି ନିଜ ଚାକିରି, ପରିବାର ଏବଂ ବନ୍ଧୁଙ୍କୁ ଛାଡ଼ି ଗାଏବ ହେଇ ଯାଉଛନ୍ତି। ଜାପାନରେ ଚାଲିଥିବା ଏହି ଧାରାକୁ 'ଜୋହାତ୍ସୁ' କୁହାଯାଉଛି। ଏହାର ଅର୍ଥ ଗାଏବ ହୋଇଯିବା। ଜାପାନରେ ବ୍ୟକ୍ତିଗତ ବିଫଳତାକୁ ପରିବାର ପାଇଁ ଲଜ୍ଜାଜନକ ଧରାଯାଏ। ଲଜ୍ଜା, ଋଣ ଏବଂ ଘରୋଇ ହିଂସାରୁ ବର୍ତ୍ତିବା ଲାଗି ଲୋକେ ଗାଏବ ହେବାକୁ ଉଚିତ ମଣୁଛନ୍ତି। ଏହା ବ୍ୟତୀତ ଚାକିରି ହରାଇବା, ଦେବାଳିଆ ହେବା, ଛାଡ଼ପତ୍ର ଏବଂ ପଢାରେ ବିଫଳ ଏହାର ପ୍ରମୁଖ କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ୨୦୨୨ରେ ୮୪, ୯୧୦ ଜଣ ଗାଏବ ହେବା ନେଇ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଜାପାନରେ ଏକ ସ୍ୱତନ୍ତ୍ର କମ୍ପାନୀ 'ୟୋନିଗେ-ୟା' ରହିଛି। ୩ ଲକ୍ଷ ୟେନ ଅର୍ଥାତ୍ ପ୍ରାୟ ୨ ଲକ୍ଷ ଟଙ୍କା ଦେଲେ ଏହି କମ୍ପାନୀ ରାତାରାତି ଲୋକଙ୍କୁ ଗାଏବ କରିଦେଉଛି। ଏହା ସହିତ ଲୋକଙ୍କ ପୁରୁଣା ପରିଚୟକୁ ନଷ୍ଟ କରି ନୂଆ ନାମ ଏବଂ ଠିକଣା ପ୍ରଦାନ କରୁଛି। ଜାପାନରେ ମଧ୍ୟ ଏହାକୁ ଆଇନଗତ ଅନୁମତି ମିଳିଛି। କେହି ଗାଏବ ହେଲେ ପୁଲିସ ତାହାର ଯାଞ୍ଚ କରେନି।

## ବିହାରରେ ୩ ଲକ୍ଷ ସନ୍ଦିଗ୍ଧ ଭୋଟରଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ବିହାର ୩ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର) ସମୟରେ ବହୁ ଅନିୟମିତତା ହୋଇଥିବା କମିଶନ ଜାଣିବାକୁ ପାଇଛନ୍ତି। ୩ ଲକ୍ଷ ଭୋଟର ନିଜର ଆବଶ୍ୟକୀୟ କାଗଜପତ୍ର ଜମା କରିନାହାନ୍ତି। ଫଳରେ ଏମାନଙ୍କୁ ନିଜର ନାଗରିକତା ଦେଖାଇବାକୁ ଅର୍ଥାତ ପ୍ରମାଣ କରିବାକୁ କମିଶନ କହିଛନ୍ତି ଓ ଏଥିପାଇଁ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ନାଗରିକତା ନ ଦେଖାଇପାରିଲେ ମତଦାତା ସୂଚୀରୁ ସେମାନଙ୍କ ନାମ କାଟିଦିଆଯିବ। କିଶନଗଞ୍ଜ, ପୂର୍ଣ୍ଣିଆ, ଅରରିଆ, ସହରସା, ମଧୁବନୀ ଓ ଚମ୍ପାରଣ ଭୋଟରମାନଙ୍କୁ ଏହି ନୋଟିସ ଜାରି କରାଯାଇଛି। ବୁଥ୍‌ସ୍ତରର ଅଧିକାରୀମାନେ ଘରଘର ବୁଲି ସର୍ଭେକ୍ଷଣ କରିବା ଅବସରରେ ନେପାଳ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାରର ନାଗରିକମାନେ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲେ ବୋଲି ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି। ଏହି ବିଦେଶୀ ନାଗରିକଙ୍କ ପାଖରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର ଓ ରାସନକାର୍ଡ ମିଳିଥିଲା। ନକଲି କାଗଜପତ୍ର ଦେଖାଇ ଏମାନେ ପରିଚୟପତ୍ର ହାସଲ କରିଛନ୍ତି। ଏଭଳି ସ୍ଥିତିରେ ପଚରାଉଚରା ପରେ ଏମାନଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ଭୋଟରମାନଙ୍କୁ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ନିଜର ରେକର୍ଡ ସ୍ପଷ୍ଟ କରିବାକୁ କୁହାଯାଇଛି। ଅଗଷ୍ଟ ୧ରୁ ୩୦ ମଧ୍ୟରେ ଯେଉଁମାନେ ଅଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ଅନ୍ତିମ ତାଲିକାରୁ କାଟି ଦିଆଯିବ ବୋଲି କୁହାଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସେନା ମୁଖ୍ୟ ମୃତ

ତେଲ ଅଭିଭ୍, ୨୯।୮(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ ରାଜଧାନୀ ସନ୍ନାରେ ରହୁଥିବା ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ଗୁରୁବାର ବଡ଼ ଧରଣର ଆକ୍ରମଣ କରିଛି ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ଆକ୍ରମଣରେ ହୁତିର ସେନା ଓ ରାଜନୈତିକ ନେତୃବୃନ୍ଦ ବଡ଼ ଧରଣର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ ଘାଲିବ ଅଲ-ରାହଓ୍ୱ, ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ନାସେର ଅଲ- ଅଟାଫି ଓ ସେନା ମୁଖ୍ୟ ପ୍ରାଣ ହରାଇଛନ୍ତି। ତେବେ ଇସ୍ରାଏଲ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଇସ୍ରାଏଲ ୧୦ ଜଣ ହୁତି ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଥିଲା। ଏହି ମନ୍ତ୍ରୀମାନେ ଏକ ରାଜଧାନୀ ବାହାରେ ଏକ ଜଣେ ଗ୍ରୁପ୍ ଲିଡରଙ୍କ ଭାଷଣ ଶୁଣିବାକୁ ଏକାଠି ହୋଇଥିଲେ।

## ପୂର୍ବତନ ବିଜେପି ବିଧାୟକ, ଆଇପିଏସଙ୍କୁ ଆଜୀବନ ଜେଲ୍

ଅହମଦାବାଦ, ୨୯।୮ (ଏଜେନ୍ସି): ସାତ ବର୍ଷ ତଳର ବିଟ୍‌କଏନ ଲୁଟ୍ ଏବଂ ଅପହରଣ ମାମଲାରେ ଅହମଦାବାଦ ସିଟି ସେସନ୍ସ କୋର୍ଟଙ୍କ ଏସିବି ଅଦାଲତ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ବିଜେପିର ପୂର୍ବତନ ବିଧାୟକ ନଳିନ କୋଟଡିଆ, ଅମରେଲିର ପୂର୍ବତନ ଏସ୍‌ପି ଜଗଦୀଶ ପଟେଲ, ପୂର୍ବତନ ଇନ୍ସପେକ୍ଟର ଅନନ୍ତ ପଟେଲଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ୨୦୧୮ର। ସେତେବେଳେ ସୁରଟର ବିଲ୍ଡର ଶୈଳେଶ ଭଟ୍ଟ ଅଭିଯୋଗ କରିଥିଲେ ଯେ ଅମରେଲି ଜିଲ୍ଲାର କିଛି ପୁଲିସ ଅଧିକାରୀ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ବନ୍ଦୀ ବନାଇ ଥିଲେ। ଏହା ପରେ ପୁଲିସ ଅଧିକାରୀ ଡରାଇ ଧମକାଇ ୧୨ କୋଟି ଟଙ୍କାର ବିଟ୍‌କଏନକୁ ନିଜ ଖାତାକୁ ନେଇ ଯାଇଥିଲେ। ଏହି ଷଡ଼ଯନ୍ତ୍ରରେ ବିଜେପିର ପୂର୍ବତନ ବିଧାୟକ ନଳୀନ କୋଟାଡିଆ ସାମିଲ ଥିଲେ। ପରେ ନିଜ ସହଯୋଗୀ କିରୀଟି ପଲାଡିଆ ପୁଲିସ ସହ ମିଶିଥିବା ସେ ଅଭିଯୋଗ କରିଥିଲେ। ସିଆଇଡି ଯାଞ୍ଚରୁ ମାମଲା ସତ୍ୟ ସାବ୍ୟସ୍ତ ହୋଇଥିଲା। ୨୦୧୮ରେ ଏହି ମାମଲାରେ ଏସ୍‌ପି ସମେତ ଅନେକ ପୁଲିସ ଅଧିକାରୀ ଗିରଫ ହୋଇଥିଲେ।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହଁ: କୋର୍ଟ

ସୁରତ, ୨୯।୮(ଏଜେନ୍ସି): ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବା ଦୁଷ୍କର୍ମ ନୁହଁ ବୋଲି ସୁରତର ଏକ ସେସନ କୋର୍ଟ କହିଛନ୍ତି। ଗୁରୁବାର ହୋଇଥିବା ଏକ ଶୁଣାଣି ଅବସରରେ କୋର୍ଟ ଏହିକ୍ରମରେ ଜଣେ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହି ମାମଲାରେ ପୀଡିତା ଜଣକ ବିନା କୌଣସି ଚାପରେ ହୋଟେଲ ଓ ରେସ୍ତୋରାଁ ନିଜର ପରିଚୟ ପତ୍ର ଦେଇଥିଲେ। ତେଣୁ ଏଥିପାଇଁ ତାଙ୍କ ଉପରେ କୌଣସି ଜୋର ଜବରଦସ୍ତି କରାଯାଇନାହିଁ। ପୁଣି ଯେତେବେଳେ ଯୁବକଙ୍କ ସହ ବିବାହ ସମ୍ଭବ ନୁହଁ ବୋଲି ଜାଣିଥିଲେ ମଧ୍ୟ ପୀଡିତାଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

### ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଗାଳି ଅଭିଯୋଗ

# ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ; ଚାଲିଲା ଠେଙ୍ଗାବାଡ଼ି

ପାଟନା, ୨୯।୮ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଗାଳିଦେବାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏହାକୁ ନେଇ ଶୁକ୍ରବାର ପାଟନାରେ ବିଜେପି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ସକାଳେ ବିଜେପି କର୍ମୀ ବିକ୍ଷୋଭ ପାଇଁ କଂଗ୍ରେସ ଅଫିସ ସାମନାରେ ପହଞ୍ଚି ଥିଲେ। ଏଠାରେ ସେମାନେ ରାହୁଲଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିନ୍ତୁ କଂଗ୍ରେସ କର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ପରେ ସେମାନେ ମଧ୍ୟ ବିଜେପି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଖୁ ଦେଖୁ ଏହି ବିକ୍ଷୋଭ ଗଣ୍ଡଗୋଳର ରୂପ ନେଇଥିଲା। ଉଭୟ ଦଳର କର୍ମୀ ବାଡିଆପିଟା ହୋଇଥିଲେ। ଠେଙ୍ଗାବାଡ଼ି ଚାଲିଥିଲା। ପରସ୍ପର ଉପରକୁ ଇଟା ପଥର ମାଡ଼ ମଧ୍ୟ କରାଯାଇଥିଲା। ଅନେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ଦେଖି ପୁଲିସ ବିଜେପି କର୍ମୀଙ୍କୁ ସେଠାରୁ ହଟାଇ ଦେଇଥିଲା। କିନ୍ତୁ ଏତିକିରେ ମାମଲା ଶାନ୍ତ ପଡ଼ି ନ ଥିଲା। ଏହା ପରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ଏଥିଯୋଗୁଁ ଟ୍ରାଫିକ ଜାମ୍ ହୋଇଥିଲା। ଏହା ଦେଖି ପୁଲିସ ମାତ୍ର ୩୦ ମିନିଟ ଭିତରେ କଂଗ୍ରେସ କର୍ମୀଙ୍କୁ ହଟାଇ ଦେଇଥିଲା।

ମୁଜାଫରପୁରରେ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ବିଜେପି କର୍ମୀ ସ୍ଲୋଗାନ ଦେଇଥିଲେ। ସେହିପରି ଆରାରେ ମଧ୍ୟ ବିଜେପି ଏବଂ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ। ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ପହଞ୍ଚି ଯିବାରୁ ସ୍ଥିତି ବିଗିଡି ଯାଇଥିଲା। କଂଗ୍ରେସ କର୍ମୀ ବିକ୍ଷୋଭ କରି ବିଜେପି ଏବଂ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନାରାୟଣ ମେହଟା ପାଟଳିପୁତ୍ର ଥାନରେ ଅଭିଯୋଗ ଦାଏର କରିଛନ୍ତି। କଂଗ୍ରେସ ପକ୍ଷରୁ ଠେଙ୍ଗାବାଡ଼ି, ଇଟାପଥର ମାଡ଼କରି ଆତ୍ମଘାତୀ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ମାମଲାକୁ

### ମୁଜାଫରପୁର, ଆରାରେ ମଧ୍ୟ ସଂଘର୍ଷ

### ଗାଳି ଦେଇଥିବା ଅଭିଯୁକ୍ତ ଗିରଫ



ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଖରାପ ଶବ୍ଦ ବ୍ୟବହାର କରି କଂଗ୍ରେସ ସବୁଠାରୁ ହୀନ କାମ କରିଛି। ରାହୁଲ ଯେଉଁ ଭଳି ରାଜନୀତି ଆରମ୍ଭ କରିଛନ୍ତି ତାହା ସାର୍ବଜନୀନ ଜୀବନକୁ ଶିଖରରେ ପହଞ୍ଚାଇବ ନାହିଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ସୋନିଆ, ରାହୁଲ, ମଣିଶଙ୍କର ଆୟର ଏଭଳି ଘୃଣିତ ମନ୍ତବ୍ୟ ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଯେତେ ଗାଳିଦେବେ ସେତେ ପଦ୍ମ ଫୁଟିବ ବୋଲି ଶାହା କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସତ୍ୟ ଏବଂ ଅହିଂସା ଆଗରେ ହିଂସା ରହିପାରିବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଅଶୋଭନୀୟ କହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସୀମାରେ କାନ୍ଥ ନିର୍ମାଣ କରିବ କି

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେରିକା ଭଳି ଭାରତ ସୀମାରେ କାନ୍ଥ ନିର୍ମାଣ କରିବାକୁ ଯୋଜନା କରୁଛି କି ବୋଲି ପଚାରିଛନ୍ତି। ପଶ୍ଚିମବଙ୍ଗର ମାଇଗ୍ରାଣ୍ଟ ୱେଲଫେୟାର ବୋର୍ଡର ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଲୋକଙ୍କ ସଂସ୍କୃତି ଓ ଭାଷା ପଡ଼ୋଶୀ ଦେଶ ସହ ମିଶୁଛି। ସେମାନଙ୍କ ଭାଷା ସମାନ, କିନ୍ତୁ ସୀମା ଲୋକଙ୍କୁ ଅଲଗା କରିଦେଉଛି। ଆବେଦନରେ କୁହାଯାଇଥିଲା ଯେ ବଙ୍ଗଳା ଭାଷା କହୁଥିବା ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଗିରଫ କରାଯାଉଛି। ସରକାର ତାଙ୍କ ଉପରେ ବାଂଲାଦେଶ ଯିବାକୁ ଚାପ ପକାଉଛନ୍ତି।

ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ବୋର୍ଡ ଦାବି ଅସ୍ପଷ୍ଟ ରହିଛି। କିଛି ରାଜ୍ୟ ସରକାର ବେଆଇନ ପ୍ରବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ବେଆଇନ ପ୍ରବାସୀଙ୍କ ଯୋଗୁଁ ଜନସଂଖ୍ୟା ବଦଳୁଛି। ତେଣୁ ରୋହିଙ୍ଗ୍ୟା ମାମଲା ସହ ଏହାର ଶୁଣାଣି କରାଯାଉ। ଶେଷରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ଏକ ଅଲଗା ମାମଲା। ହାଇକୋର୍ଟଙ୍କୁ ଏହାର ଶୁଣାଣି କରି ଉଚିତ ନିର୍ଦ୍ଦେଶ ଦେବାକୁ କୁହାଯିବ। ବେଆଇନ ପ୍ରବାସୀ ବିଶେଷ କରି ବାଂଲାଦେଶୀଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଆପଣା ଯାଇଥିବା ଏସ୍‌ଓପି ବିଷୟରେ ଅବଗତ କରାଇବାକୁ କୋର୍ଟ କେନ୍ଦ୍ରକୁ କହିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ବେଆଇନ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ସୀମିତ ସମ୍ବଳ ଉପରେ ବେଆଇନ ପ୍ରବାସୀ ଚାପ ପକାଇପାରନ୍ତି, ତେଣୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ପଶ୍ଚିମବଙ୍ଗ, ପଞ୍ଜାବର ଭାଷା ଏକା ଭଳି। ତେଣୁ ଭାଷା ଆଧାରରେ କାହାକୁ ବିଦେଶୀ ଭାବିବା ଭୁଲ। ବେଆଇନ ପ୍ରବାସୀଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରାଯିବା ଉଚିତ। କେବଳ ଗଣମାଧ୍ୟମ ରିପୋର୍ଟ କିମ୍ବା ଖାଲି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ହେବା ଉଚିତ।

### ● ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ବଢ଼ିଲା

## ରାଷ୍ଟ୍ରପତି ହେବାକୁ ଜେଡି ଭାନ୍ସ ପ୍ରସ୍ତୁତ

ନ୍ୟୁୟର୍କ, ୨୯।୮(ଏଜେନ୍ସି): ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ଲାଗି ରହିଛି। ସେ ୨୦୨୮ ପର୍ଯ୍ୟନ୍ତ ପଦରେ ରହିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି ସମୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏହି ସଂଶୟକୁ ଅଧିକ ବଢ଼ାଇ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିଛି ଅଘଟଣ ଘଟେ ତେବେ ଏଭଳି ସ୍ଥିତିରେ କିଏ ହେବ ରାଷ୍ଟ୍ରପତି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ଟ୍ରମ୍ପଙ୍କ ଅନୁଗତ ଭାନ୍ସ ଏହାର ଉତ୍ତର ଦେଇଛନ୍ତି। ଯଦି ଟ୍ରମ୍ପଙ୍କ ସହ କୌଣସି ଅଘଟଣ ଘଟେ ତେବେ ଭାନ୍ସ ରାଷ୍ଟ୍ରପତି ପଦ ସମ୍ଭାଳିବେ। ୟୁଏସ୍ ଟୁଡେକୁ ସାକ୍ଷାତକାର ଦେଇ ନିଜେ ଭାନ୍ସ ଏହା କହିଛନ୍ତି। ସେ ଏଭଳି ସ୍ଥିତିରେ ଏହି ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି। ତେବେ ଟ୍ରମ୍ପ ନିଜ ୪ ବର୍ଷର କାର୍ଯ୍ୟକାଳ ନିର୍ବାହ କରିବାକୁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ବୋଲି ଭାନ୍ସ କହିଛନ୍ତି।



ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଓ ଅଟକଳ ଚାଲିଥିବା ବେଳେ ଭାନ୍ସ ଏଭଳି ମନ୍ତବ୍ୟ ଦେଇ ଆଲୋଡ଼ନ ସୃଷ୍ଟି କରିଛନ୍ତି। ନିକଟରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍‌ଙ୍କ ସହ ସାକ୍ଷାତ କଲା ବେଳେ ଟ୍ରମ୍ପଙ୍କ ହାତରେ ଏକ ବଡ଼ ନୀଳ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଥମେ ଜୁଲାଇରେ ଏହି କ୍ଷତି ଚିହ୍ନ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟ୍ ହାଉସ୍ କିଛି ଲୁଚାଇବାକୁ ପ୍ରୟାସ କରୁଥିବାରୁ ଅନୁମାନ କରାଯାଉଛି। ଟ୍ରମ୍ପ ଗତ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୭୮ ବର୍ଷ ୭ ମାସ ବୟସରେ ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ବିବେଚିତ ହୋଇଥିଲେ। ଟ୍ରମ୍ପ ଜନତାଙ୍କର ନେତା। ସେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ତୁଳନାରେ ଲୋକଙ୍କ ସହ ଅଧିକ ମିଳାମିଶା କରୁଛନ୍ତି ଓ ସେମାନଙ୍କ ସହ ହାତ ମିଳାଉଛନ୍ତି ବୋଲି ହ୍ୱାଇଟ୍ ହାଉସ ତରଫରୁ କୁହାଯାଇଛି। ଏହି କାରଣ ଯୋଗୁଁ ତାଙ୍କ ହାତରେ କ୍ଷତ ଚିହ୍ନ ଦେଖିବାକୁ ମିଳିଛି। କିନ୍ତୁ ଭାନ୍ସ କୌଣସି ପ୍ରକାର ଅଘଟଣକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ପୂର୍ବପରି ପୂରା ଦମ୍‌ରେ କାର୍ଯ୍ୟ କରୁଛନ୍ତି ବୋଲି ଭାନ୍ସ କହିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦୀ ଓ ଇସିବାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର

## ଜାପାନ ରକେଟରେ ଲଞ୍ଚ ହେବ ଚନ୍ଦ୍ରଯାନ-୫

ଟୋକିଓ, ୨୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଜାପାନ ଗସ୍ତରେ ଯାଇ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ସେ ଏଠାରେ ଆୟୋଜିତ ଭାରତ-ଜାପାନ ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏଥିରେ ମୋଦୀ ଏବଂ ତାଙ୍କ ଜାପାନୀ ସମକକ୍ଷ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଚନ୍ଦ୍ରଯାନ-୫କୁ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଚନ୍ଦ୍ରଯାନ-୫ ପାଇଁ ଦୁଇ ଦେଶର ମହାକାଶ ଏଜେନ୍ସି ଭାରତର ଇସ୍ରୋ ଏବଂ ଜାପାନର ଜାକ୍ସା ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶ ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ଅଧ୍ୟୟନ କରିବେ। ଅନ୍ୟପକ୍ଷରେ ମୋଦୀ ଆଗାମୀ ସମ୍ମିଳନୀ ପାଇଁ ଭାରତ ଆସିବାକୁ ଇସିବାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଛନ୍ତି



ଯେ ଦୁଇ ଦେଶର ସମ୍ବନ୍ଧ ମୁଖ୍ୟ ଆଧାର ହେଉଛି ଭରସା। ଉଭୟ ଦେଶର ଜନସାଧାରଣ, ବିଶ୍ୱରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ସ୍ୱପ୍ନକୁ ନେଇ ଆଗକୁ ବଢ଼ିବେ। ଆଗାମୀ ଦଶନ୍ଧି ପାଇଁ ଆମେ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରିଛୁ।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟମ ଜାପାନ ଗସ୍ତ। ସେ ଟୋକିଓରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଗାୟତ୍ରୀ ମନ୍ତ୍ର ଗାନ କରି ତାଙ୍କ ସ୍ୱାଗତ କରିଥିଲେ। ଏହି ସମୟରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟିଥିଲେ। ପରେ ଏକ ସମ୍ମିଳନୀକୁ ସମ୍ବୋଧନ କରି ଭାରତ ଉପରେ ସାରା ବିଶ୍ୱର ଭରସା ବୋଲି କହିଥିଲେ। ପରେ ଭାରତ ଏବଂ ଜାପାନ ମଧ୍ୟରେ ୭ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ୧୫୦ଟି ଏମଓୟୁ ଘୋଷଣା ହୋଇଥିଲା। ଏହା ମଧ୍ୟରେ ପ୍ରତିରକ୍ଷା ଜ୍ଞାନକୌଶଳ ସେୟାର ଏବଂ ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନର ସମ୍ଭାବନା ଦିଗରେ କାର୍ଯ୍ୟ କରିବା, ଦୁଇ ଦେଶ ମଧ୍ୟରେ ଜାହାଜ ଚଳାଚଳ ବୃଦ୍ଧି ଏବଂ ସମୁଦ୍ରରେ ଡକାୟତଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଦି ସାମିଲ ରହିଛି।

# ରୁଷ୍ ଆକ୍ରମଣରେ ବୁଡ଼ିଲା ୟୁକ୍ରେନର ସବୁଠୁ ବଡ଼ ଜାହାଜ

ମସ୍କୋ, ୨୯।୮(ଏଜେନ୍ସି): ରୁଷିଆ ପୁଣି ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ ନୌସେନାର ସବୁଠାରୁ ବଡ଼ ଜାହାଜ 'ସିମଫେରୋପୋଲ' ବୁଡିଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୧୦ ବର୍ଷ ହେବ ଏହା ୟୁକ୍ରେନର ସବୁଠାରୁ ବଡ଼ ଜାହଜ ଥିଲା। ଏହା ଏକ ଲାଗୁନ କ୍ଲାସ ଅର୍ଥାତ ଉପକୂଳବର୍ତ୍ତୀ ଅଞ୍ଚଳର ଜାହାଜ ଥିଲା। ଗୁଇନ୍ଦା କାର୍ଯ୍ୟ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୟୁକ୍ରେନର ଓଡୋସା ଅଞ୍ଚଳରେ ଥିବା ଡାନ୍ୟୁବ ନଦୀରେ ପ୍ରଥମଥର ପାଇଁ ରୁଷିଆ ସାମୁଦ୍ରିକ ଡ୍ରୋନ ଆକ୍ରମଣ କରି ଏହି ଜାହାଜକୁ ବୁଡାଇବାକୁ ସକ୍ଷମ ହୋଇଛି। ଏଥିସହ ଏହି ଯୁଦ୍ଧରେ ରୁଷିଆ ଏକ ବଡ଼ଧରଣର ସଫଳତା ହାସଲ କରିଛି ବୋଲି କୁହାଯାଉଛି।

୨୦୨୧ରେ ୟୁକ୍ରେନ ନୌସେନାରେ 'ସିମଫେରୋପୁଲ' ଜାହାଜକୁ ସାମିଲ କରାଯାଇଥିଲା। ୨୦୧୪ରେ ପରେ ୟୁକ୍ରେନ ଏଥିସହ ତା'ର ସର୍ବବୃହତ ଜାହଜକୁ ଲଞ୍ଚ୍ କରିଥିଲା। ଏହି ଆକ୍ରମଣରେ

### ପ୍ରଥମଥର ସାମୁଦ୍ରିକ ଡ୍ରୋନ୍‌ର ବ୍ୟବହାର

ଜଣେ କ୍ରୁ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଜାହଜ ବୁଡି ଯାଇଥିଲେ ମଧ୍ୟ ଅଧିକାଂଶ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ୟୁକ୍ରେନ ନୌସେନାର ମୁଖପାତ୍ର ଡିମିତ୍ରୋ ପ୍ଲେଟେନଚୁକ୍ କହିଛନ୍ତି। ତେବେ ନିଖୋଜ ହୋଇଥିବା କେତେଜଣଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଏହି ମଧ୍ୟମ ଆକାରର



ଜାହାଜ ରେଡିଓ, ଇଲେକ୍‌ଟ୍ରୋନିକ, ରାଡାର ଓ ଅପଟିକାଲ ରିଜୋନାନ୍ସ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରୁଷ୍‌ର ଏହି ଆକ୍ରମଣକୁ ୟୁକ୍ରେନ ସ୍ୱୀକାର କରିଛି। ରୁଷିଆ ଗତକିଛି ମାସ ମଧ୍ୟରେ ସାମୁଦ୍ରିକ ଡ୍ରୋନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଥାଉ କି, ୟୁକ୍ରେନ ମଧ୍ୟ ଅତୀତରେ ରୁଷିଆର ନୌ ଜାହାଜକୁ ଲକ୍ଷ୍ୟ କରି ଏକାଧିକ ଆକ୍ରମଣ କରି ସଫଳତା ହାସଲ କରିଥିଲା। ପୂର୍ବରୁ ଗୁରୁବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲା। ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୮ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ରୁଷିଆ ୫୯୮ ଡ୍ରୋନ୍ ଓ ୩୧ ମିସାଇଲ ମାଡ଼ କରିଥିଲା। ୟୁକ୍ରେନର ସବୁ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇଛି ବୋଲି ରୁଷିଆ ତରଫରୁ କୁହାଯାଇଛି।

ସକାଳ THE SAKALA
ଶନିବାର ୩୦ ଅଗଷ୍ଟ, ୨୦୨୫



# ପାଖାପାଖି ଜଳିଲା ଜେଜେ-ନାତୁଣୀଙ୍କ ଜୁଇ

- ସାପ କାମୁଡ଼ାରେ ନାତୁଣୀ ମୃତ
- ଖବର ଶୁଣି ଜେଜେଙ୍କୁ ହୃଦ୍‌ଘାତ

ବାଲିଚନ୍ଦ୍ରପୁର, ୨୯।୮(ସମିସ): ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଚାଲିଗଲା ଜେଜେଙ୍କ ଜୀବନ। ମୃତକଦ୍ୱୟ ହେଲେ, ଗ୍ରାମର ବାବାଜୀ ପରମାଣିକ(୭୫) ଓ ତାଙ୍କ ନାତୁଣୀ ଅଙ୍କିତା ପ୍ରିୟଦର୍ଶିନୀ(୧୫)। ଆଜି ଗାଁ ମଶାଣିରେ ପାଖାପାଖି ଦୁହିଁଙ୍କ ଜୁଇ ଜଳିଛି। ସୂଚନା ମୁତାବକ, ଏହି ଅଙ୍କିତା ଦଶମ ଶ୍ରେଣୀରେ ପାଠ ପଢ଼େ। ଗତ ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାକୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଅଙ୍କିତା ଏହା ଜାଣିବା ପରେ ପରିବାରଲୋକଙ୍କୁ ଜଣାଇଥିଲା। ତାକୁ ଚିକିତ୍ସା ଲାଗି ପରିବାରଲୋକ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥ ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଙ୍କିତାର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଆଜି ଗାଁକୁ ଫେରୁଥିବା ବେଳେ ଏହି ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଗାଁ ମଶାଣିରେ ଉଭୟ ଜେଜେ-ନାତୁଣୀଙ୍କ ଶବକୁ ଏକାଠି ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଓଆଇଏସ୍‌ଏଲ୍ କାରଖାନାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୯।୮(ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ଛକରେ ଥିବା ଓଆଇଏସଏଲ କାରଖାନାର ଲାବୋରେଟରୀ ଭିତରେ ଜଣେ ଠିକା ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଠିକା ଶ୍ରମିକଜଣଙ୍କ କୁନମୁର ପଞ୍ଚାୟତ ତେତେରକେଲା ଗ୍ରାମର ଆନନ୍ଦ ଲାକ୍ରାଙ୍କ ପୁଅ ପ୍ରଦୀପ ଲାକ୍ରା। ସେ ଓଆଇଏସଏଲ କାରଖାନାରେ ଠିକା କମ୍ପାନୀ ଆକାଶ ଏଣ୍ଟରପ୍ରାଇଜେସ୍ ଅଧୀନରେ ଲାବୋରେଟରୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ଲାବୋରେଟରୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପ୍ରଦୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ରାଜଗାଙ୍ଗପୁର ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଙ୍ଗ ଖାଇ ଟ୍ରକ୍ ମଡ଼ାଇଦେଲା

## ଭାଙ୍ଗିଲା ୨ ଦୋକାନ ଘର, ଜଣେ ମୃତ

ଧରାକୋଟ,୨୯।୮(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଡଉଗାଁ ଛକରେ ଶୁକ୍ରବାର ସକାଳୁ ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଟି ଦୋକାନ ଘର ଭାଙ୍ଗି ଯାଇଛି। ସୂଚନାନୁଯାୟୀ, ଦ୍ରୁତଗତିରେ ଆସୁଥିବା ଏକ ଏଲ୍‌ପିଜି ସିଲିଣ୍ଡର୍ ବୋଝେଇ ଟ୍ରକ୍ ପ୍ରଥମେ ଜଣେ ବ୍ୟକ୍ତିଙ୍କ ଉପରେ ମାଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଟ୍ରକ୍‌ଟି ଫେରାର୍ ହେବା ପାଇଁ ଚେଷ୍ଟା କରି ଡଉଗାଁ ମିଲ ଛକରେ ଥିବା ଦୁଇଟି ଦୋକାନ, ଜଣେ ବ୍ୟକ୍ତିଙ୍କ ଘର, ଗୋଟିଏ ବାଇକ ଓ ସାଇକେଲ ଉପରେ ମାଡ଼ି ଯାଇଥିଲା। ମୃତକ ହେଲେ ବସନ୍ତ ପରିଡ଼ା(୪୮)।। ଦୁର୍ଘଟଣା ଘଟାଇବା ପରେ ଚାଳକ ଗାଡ଼ି ଧରି ଚମ୍ପଟ ମାରୁଥିବା ବେଳେ ଗାଁ ଲୋକେ ତାକୁ ଅଟକ ରଖି ପୁଲିସର ଜିମା ଦେଇଛନ୍ତି। ଅଧିକ ଭାଙ୍ଗ ସେବନ ଯୋଗୁଁ ନିଶାରେ ସେ ଏପରି ଅଘଟଣ ହୋଇଛି ବୋଲି ଚାଳକଜଣଙ୍କ ପୁଲିସ୍ ଆଗରେ କହିଛି। ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ, ଏହି ଦୁର୍ଘଟଣାରେ ମୃତ ବସନ୍ତଙ୍କ ପରିବାର ପୂରା ଭାଙ୍ଗି ପଡ଼ିଛି। ପୁଲିସ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ରେଡ୍‌କ୍ରସ୍ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଗଣେଶ ପୂଜା ଭସାଣିରେ ଅଘଟଣ

# ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଣିକୋଇଲି, ୨୯।୮(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଆଜି ଏକ ଅଘଟଣ ଘଟିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟପ୍ରକାଶ(୧୩)। ସେ ଗ୍ରାମରେ ଥିବା ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୧ଟାରେ ସ୍କୁଲରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ୧୦ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥିଲେ। ଏହା ଦେଖି ଗ୍ରାମବାସୀମାନେ ୯ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସତ୍ୟପ୍ରକାଶଙ୍କୁ ପାଇନଥିଲେ। ବହୁ ଖୋଜାଖୋଜି ପରେ ସତ୍ୟଙ୍କୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାର ଡାକ୍ତର ସତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିନା ଶିକ୍ଷକରେ ପିଲାମାନଙ୍କୁ କିଏ ଓ କାହିଁକି ବିସର୍ଜନ ପାଇଁ ପଠାଇଥିଲା, ତାହାର ତଦନ୍ତ କରିବାକୁ ଦାବି ହୋଇଛି।

## ଉପକୂଳ ସୁରକ୍ଷା ସହ ଖେଳ

# ବାଣ୍ଟିଦେଲେ ପାଟ୍ରୋଲିଂ ଡ୍ରୋନ୍

**ମୁକୁଳା ପଡ଼ିଛି ଉପକୂଳ ମାର୍ଗ; ଆତଙ୍କବାଦୀ ପ୍ରବେଶର ଭୟ ଘାରିଲାଣି**

ଭୁବନେଶ୍ୱର,୨୯।୮(ସମିସ): ଉପକୂଳ ସୁରକ୍ଷା ପାଇଁ ଓଡ଼ିଶା ପୁଲିସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡ୍ରୋନ୍ କିଣିଥିଲା। ହେଲେ ଏହି ଡ୍ରୋନ୍ ଉପକୂଳରେ ପାଟ୍ରୋଲିଂ କରିବ କ'ଣ, ଆକାଶରୁ ଉଭାନ୍ ହୋଇଗଲାଣି। ଗତ ମାର୍ଚ୍ଚରେ କିଣାଯାଇଥିବା ଏହି ଡ୍ରୋନ୍‌ଗୁଡ଼ିକୁ ଓଡ଼ିଶା ପୁଲିସ୍ ଉପକୂଳ ସୁରକ୍ଷାରେ ନିୟୋଜିତ ନ କରି ନକ୍ସଲ ମୁକାବିଲା ନିମନ୍ତେ ସ୍ପେସାଲ ଅପରେସନ୍ ଗ୍ରୁପ୍ (ଏସଓଜି)କୁ ହସ୍ତାନ୍ତର କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ, କାହା ନିର୍ଦ୍ଦେଶରେ ଏପରି କରାଯାଇଛି, ସେନେଇ କେହି ମୁହଁ ଖୋଲୁନାହାନ୍ତି।

ନିକଟରେ, ବିହାରକୁ ୩ଜଣ ଆତଙ୍କବାଦୀ ନେପାଳ ରାସ୍ତା ଦେଇ ପଶି ଆସିଥିବା ଗୁଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ଓଡ଼ିଶା ବି ଏକ ସମ୍ବେଦନଶୀଳ ରାଜ୍ୟ। ବିଶେଷକରି, ଏହାର ସୁଦୀର୍ଘ ଉପକୂଳ ଦେଇ ଆତଙ୍କୀ ପଶି ଆସିବାର ଆଶଙ୍କା ରହିଛି। ଅତୀତରେ ଓଡ଼ିଶାରୁ ମଧ୍ୟ ଏକାଧିକ ଆତଙ୍କବାଦୀ ଧରାପଡ଼ିବାର ନଜିର ରହିଛି। କେବଳ ଆତଙ୍କବାଦୀ ନୁହେଁ, ଓଡ଼ିଶାକୁ ଲାଗିଥିବା ଦୀପଗୁଡ଼ିକରେ ମଧ୍ୟ ଅନୁପ୍ରବେଶକାରୀମାନେ ରହିଲେଣି। ଏହା ଉପରେ ନଜର ରଖିବା ଲାଗି ରାଜ୍ୟ ସରକାର ଉପକୂଳ ସୁରକ୍ଷା ପ୍ଲାନରୁ ୧୨.୭୩ କୋଟି ଟଙ୍କା ଓଡ଼ିଶା ପୁଲିସକୁ ମଞ୍ଜୁର କରିଥିଲେ। ଉପକୂଳ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ବିଡ଼ିଂ ପ୍ରକ୍ରିୟାରେ ୨୦୨୫ ମାର୍ଚ୍ଚରେ ୧୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରୋନ୍ କିଣାଯାଇଥିଲା। ମାତ୍ର ସେହି ଡ୍ରୋନ୍‌କୁ ଉପକୂଳ ସୁରକ୍ଷାରେ ନିୟୋଜିତ କରାନଯାଇ ସେଥିରୁ ୫ଟି ଡ୍ରୋନ୍‌କୁ ଏସ୍‌ଓଜିକୁ ହସ୍ତାନ୍ତର କରାଯାଇଛି। ନକ୍ସଲ ମୁକାବିଲା ନିମନ୍ତେ ଏସ୍‌ଓଜି ପାଖରେ ୨୦୨୪ ମସିହାରୁ ୬ଟି ଡ୍ରୋନ୍ ରହିଛି। ଯଦି ଓଏସ୍‌ଜି ପାଇଁ ଅଧିକ ଡ୍ରୋନର ଆବଶ୍ୟକତା ଥିଲା, ସେଥିପାଇଁ ଅଲଗା ଟେଣ୍ଡର୍ ଡାକି କ୍ରୟ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା ଆର୍ଥିକ ନିୟାମବଳୀର ଉଲ୍ଲଙ୍ଘନ କରି ଉପକୂଳ ସୁରକ୍ଷା ପାଣ୍ଠିରୁ କ୍ରୟ ଡ୍ରୋନ୍‌ଗୁଡ଼ିକୁ ଏସଓଜିକୁ ହସ୍ତାନ୍ତର ହୋଇଛି ବୋଲି କୁହାଯାଉଛି।

ଅପରପକ୍ଷେ, ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏହାର ଫାଇଦା ନେଉଥିବା ଅଭିଯୋଗ ହେଉଛି। ଦଳଦଳ ହୋଇ ସେମାନେ ବିନା ଭୟରେ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ଆଗାମୀ ଦିନରେ ଏହା ଉଭୟ ରାଜ୍ୟ ଓ ଦେଶ ପାଇଁ ବିପଦ ଆଣିବ ବୋଲି କୁହାଯାଉଛି।

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଏବେ ଗୁରୁତର ସମସ୍ୟା ହୋଇ ରହିଛି। ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ୍ ୩୭୩୮ ଜଣ ବାଂଲାଦେଶୀ ନାଗରିକ ରହୁଛନ୍ତି ବୋଲି ତଥ୍ୟରୁ ଜଣାପଡ଼ିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଭଳି ଉପକୂଳ ଜିଲ୍ଲାରେ ସମୁଦ୍ର ମାର୍ଗ ଦେଇ ବାଂଲାଦେଶୀଙ୍କ ଅନୁପ୍ରବେଶର ଆଶଙ୍କା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ସମୁଦ୍ର ମାର୍ଗରେ ଦେଶୀ ଡଙ୍ଗା ଅବା ବୋଟ୍ ସହାୟତାରେ ସର୍ବାଧିକ ୮-୧୦ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ବି ରହୁଛି।



ପୁରୀରେ ମହାପ୍ରଭୁଙ୍କ ଦର୍ଶନ ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ବିଧାୟକଗଣ

## ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ଲେଖାଶ୍ରୀ

# 'ମହିଳାଙ୍କ ପ୍ରତି ସମ୍ମାନ ରାଜନୈତିକ ଚାଟୁକାରିତାରେ ସୀମିତ'

- ନୀଳଗିରି ବିଧାୟକଙ୍କ ଅସଭ୍ୟ, ଅଶୋଭନୀୟ ଭାଷାକୁ ୨ ମାସ ପୂରିଲା
- ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ ଶବ୍ଦ ବାହାରିଲାନି

ଭୁବନେଶ୍ୱର, ୨୯।୮(ସମିସ): ବିହାର ଦରଭଙ୍ଗାଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗୀୟା ମା'ଙ୍କ ପ୍ରତି ଅପଶବ୍ଦ ପ୍ରୟୋଗକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରି ଅପଶବ୍ଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଥିବା ବେଳେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର। ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ଲେଖାଶ୍ରୀ କହିଛନ୍ତି, ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉପରେ ହୋଇଥିବା ଅସଭ୍ୟ ଟିପ୍ପଣୀକୁ ଭର୍ତ୍ସନା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଧନ୍ୟବାଦ। ମହିଳାଙ୍କ ଉପରେ ଅତ୍ୟାଚାର, ଅପରାଧ ଓ ଅସମ୍ମାନର ବିରୋଧ କରିବା ଓ ଦୋଷୀକୁ ଦଣ୍ଡିତ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଭାବେ ଆପଣଙ୍କ ଦାୟିତ୍ୱ ସବୁଠାରୁ ଅଧିକ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ମାନ ପାଇଁ ଆପଣ ଅଣ୍ଟା ଭିଡ଼ିଲେ ଭଲ କଥା। ମାତ୍ର ମୋ ଉପରେ ଆପଣଙ୍କ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା କୁତ୍ସିତ, ଅସଭ୍ୟ, ଅଭଦ୍ର ମନ୍ତବ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଆପଣଙ୍କ ମୁହଁରୁ ଉଁ ଟିଏ ମଧ୍ୟ ବାହାରିଲା ନାହିଁ। ଆପଣଙ୍କର ମହିଳାଙ୍କ ପ୍ରତି ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ, ଅଭଦ୍ର ମନ୍ତବ୍ୟକୁ ନେଇ ବିଜେଡି ଦିଲ୍ଲୀରୁ ଓଡ଼ିଶା ଯାଏଁ ସ୍ୱର ଉତ୍ତୋଳନ କରିଆସିଛି। ଦିଲ୍ଲୀରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟ ପୁଲିସ ମୁଖିଆଙ୍କ ନିକଟରେ ଏନେଇ ବିଜେଡି ଫେରାଦ ହୋଇଥିଲେ ମଧ୍ୟ ଶ୍ରୀ ଖଟୁଆଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ୩୧ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ତେଣୁ ବର୍ଷା କମିବ। ମାତ୍ର ୩୧ ତାରିଖରୁ ପୁଣି ବର୍ଷା ବଢ଼ିବ। ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଆଗମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି। ଏହି ଆକଳନ ଅନୁସାରେ, ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଅଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି। ତେଣୁ ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ମାତ୍ର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଥିବା ଜଣାପଡ଼ିଛି। ଶନିବାର ମଧ୍ୟ ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ କମିବା ସହ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ୩୧ରେ ବର୍ଷା ବଢ଼ିବା ଯୋଗୁଁ କିଛି କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି।

- ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

# କମିଟି ସଦସ୍ୟଙ୍କୁ ଶୀଘ୍ର ବାନ୍ଧ

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା**

ବାଲେଶ୍ୱର,୨୯।୮(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ଜଣ ଗିରଫ ହୋଇଛନ୍ତି। କିନ୍ତୁ ଯେଉଁ ଆଇସିସି କମିଟିର ରିପୋର୍ଟ ପାଇଁ ହତାଶ ହୋଇ ଝିଅ ଆତ୍ମହତ୍ୟା କଲା, ସେ କମିଟି ସଦସ୍ୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ଆଜି ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି। ଯେଉଁମାନେ ଝିଅକୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ, ଝିଅକୁ ପ୍ରତାରଣା ଏବଂ ମାନସିକ ନିର୍ଯାତନା ଦେଇଥିଲେ, ସେମାନଙ୍କ ଉପରେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ହତ୍ୟା ମାମଲା ରୁଜୁ ହେଉ ବୋଲି ବଳରାମ ଦାବି କରିଛନ୍ତି। ତେବେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

## ରାଜ୍ୟ ପୁଲିସ ମୁଖ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

# ଓଡ଼ିଶା ପୁଲିସର ୪୧ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



କଟକ,୨୯।୮(ସମିସ): କିଂବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୁଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ଆଇପିଏସ୍ ମେସସ୍ଥିତ ଆର୍.କେ ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭାର ପ୍ରଶଂସା କରିଥିଲେ। ଏଥିନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଆମେରିକାର ବିର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ୭ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତ୍‌ମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହ ଓଡ଼ିଶା ପୁଲିସକୁ ଗୌରବମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଡିଜିପି ୪୧କ୍ରୀଡ଼ାବିତ୍‌ଙ୍କୁ ଉତ୍ତରୀୟ, ନଗଦ ଅର୍ଥରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିହାରରେ ଧର୍ମେନ୍ଦ୍ର ଓ ଭକ୍ତଙ୍କ ନିର୍ବାଚନ ପ୍ରଚାର

- ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର
- ବିହାରରେ କଂଗ୍ରେସ ପ୍ରଭାରୀ ଭକ୍ତଙ୍କର ରହିଛି ଅଭିଜ୍ଞତା

ଭୁବନେଶ୍ୱର,୨୯।୮(ସମିସ): ଆଉ ଦୁଇମାସ ପରେ ବିହାର ବିଧାନସଭା ନିର୍ବାଚନ। ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ଏହି ନିର୍ବାଚନ ଉପରେ ସାରା ଦେଶର ନଜର ରହିଛି। ଯଦିଓ ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ, ତଥାପି ନିର୍ବାଚନ ପରିବେଶ ବେଶ୍ ସରଗରମ ରହିଛି। ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ଯଦିଓ ବିହାର ସହ ଓଡ଼ିଶାର ସେପରି କିଛି ସମ୍ପର୍କ ନାହିଁ; ତଥାପି ବିହାର ରାଜନୀତି ସହିତ ଜଡ଼ିତ ଓଡ଼ିଶାର ଦୁଇ ନେତା ବିଧିବଦ୍ଧ ଭାବରେ ନିର୍ବାଚନରେ ସାମିଲ ହୋଇ ସାରିଲେଣି। ପୂର୍ବରୁ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିହାର ପାଇଁ ଏକଦା କଂଗ୍ରେସ ପ୍ରଭାରୀ ରୂପେ କାର୍ଯ୍ୟ କରିଥିବା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।

ଅତୀତରେ ବିହାର ବିଧାନସଭା ନିର୍ବଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଓ ବିହାରରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ବିହାର ନିର୍ବାଚନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତ। ଗତ ୨୬ତାରିଖରେ ଧର୍ମେନ୍ଦ୍ର ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଜେପି ସରକାରରେ ବିହାର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦର୍ଶାଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯାହାକୁ ସ୍ଥାନୀୟ ସାମ୍ବାଦିକମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଉଛନ୍ତି।

ବର୍ତ୍ତମାନ ବିହାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍‌ଅଧିକାର ଯାତ୍ରା କରୁଛନ୍ତି। ଏହା ସହ ବିହାର ହୋଇଥିବା 'ଏସ୍‌ଆଇଆର୍' ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କହି ନିର୍ବାଚନ କମିସନ ଓ ବିଜେପି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ତେଣୁ ବିହାରରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ ବିହାର ଗସ୍ତ କରି ବିଭିନ୍ନ ସ୍ଥାନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ବିହାରର ନିର୍ବାଚନରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଓ କୌଶଳ ସମ୍ପର୍କରେ ତାଙ୍କର ପୂର୍ବ ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି କଂଗ୍ରେସ ମନେ କରୁଛି। ଶୁକ୍ରବାର ଭକ୍ତ ପାଟନାଠାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଭକ୍ତଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିହାର ସକ୍ରିୟ ଭାବେ ଦଳ ପାଇଁ କାମ ଆରମ୍ଭ କରିଦେଇଛନ୍ତି।

# ଓକିଲାତି ଲାଇସେନ୍ସଧାରୀ ଅନ୍ୟ ପେସାରେ ଥିଲେ ରୁଜୁ ହେବ ଫୌଜଦାରୀ ମାମଲା

**ବାର୍ କାଉନସିଲର ଚିଠି**

କଟକ, ୨୯।୮ (ସମିସ): ଓକିଲାତି ପେସାରେ ଯୋଗଦେବା ଲାଗି ରାଜ୍ୟ ଆଇନଜୀବୀ ପରିଷଦରୁ ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ସରକାରୀ ଚାକିରି ସହ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ ଓ ଅନ୍ୟାନ୍ୟ ପେସାରେ ଯୋଗ ଦେଇ କାର୍ଯ୍ୟ କରୁଛନ୍ତି। ଏପରି ଅଭିଯୋଗକୁ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହାକୁ ରୋକିବା ଲାଗି ସମସ୍ତ ବାର୍ ଆସୋସିଏସନକୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛି ପରିଷଦ।

ଆଇନଜୀବୀ ଆଇନ-୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକପୂର୍ଣ୍ଣ ସମୟ ଲାଗି କନ୍‌ସଲ୍ଟାଣ୍ଟ ଓ ରିସର୍ଚ୍ଚର୍ ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୋଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର୍ କରିବା କଥା, ନଚେତ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାର ନିୟମ ରହିଛି। ତଥାପି ଏହାକୁ କିଛି ଆଇନଜୀବୀ ଉଲ୍ଲଙ୍ଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କାଉନସିଲ୍‌ର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ବାବଦରେ ବାର୍ ଆସୋସିଏସନ୍‌କୁ କାଉନସିଲ୍ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ ପାଇଁ କାଉନସିଲ ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର୍ ଆସୋସିଏସନକୁ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଙ୍ଘନକାରୀଙ୍କ ସଂପର୍କରେ ବାର୍ ଆସୋସିଏସନ୍ କିମ୍ବା ବାର୍ କାଉନସିଲରେ ଜଣାଇଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାଉନସିଲ୍ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

### ଅଲଗୁମର ପ୍ରସିଦ୍ଧ ଜାଗୁଲେଇଯାତ୍ରା ଆରମ୍ଭ

# ଖୋଲିଲା ବିରିଯାବ; ଆଜିଠୁ ଭୋଗଖିଆ



ସାକ୍ଷୀଗୋପାଳ,୨୯।୮ (ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅଲଗୁମର ମା' ଜାଗୁଲେଇଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ ହୋଇଛି। ଷଷ୍ଠୀଓଷା ସନ୍ଧ୍ୟାରେ ମା'ଙ୍କ ମୁହଁରୁ ବିରିଜାବ ଖୋଲାଯାଇଛି। ବର୍ଷସାରା ବନ୍ଦ ହୋଇ ରହୁଥିବା ମା'ଆଖିରୁ ବିରିଯାବ ଖୋଲାଯିବା ପରେ ଆସନ୍ତା କାଲିଠାରୁ ଗାଁକୁ ଗାଁ ବୁଲି ଭୋଗ ଖାଇବେ ମା' ଜାଗୁଲେଇ। ଏହି ଯାତ୍ରା ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ପରମ୍ପରା ଅନୁଯାୟୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲେଇଙ୍କ ଚକ୍ଷୁ ବର୍ଷସାରା ବିରିଯାବ ଦ୍ୱାରା ବନ୍ଦ ହୋଇ ରହିଥାଏ। ଭାଦ୍ରବ ଶୁକ୍ଳ ଷଷ୍ଠୀ ଦିନ ଏହା ଖୋଲାଯାଇଥାଏ। ଆଜି ସକାଳୁ ସମସ୍ତ ନୀତିକାନ୍ତି ସରିବା ପରେ ବ୍ରାହ୍ମଣ ସେବକ ଦେବୀ ପ୍ରତିମାଙ୍କୁ ଅଭିମନ୍ତ୍ରିତ ସୁଗନ୍ଧିତ ଜଳରେ ସ୍ନାନ କରାଇଥିଲେ। ଚୁଆ, ଚନ୍ଦନ, କର୍ପୁର, ସିନ୍ଦୂର, ନୂତନବସ୍ତ୍ର, ଫୁଲମାଳ ଲାଗି କରାଯାଇ ମାଜଣା ହୋଇଥିଲା। ସନ୍ଧ୍ୟା ଆଳତି ପରେ ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଢୋଲ, ମହୁରୀ, ବାଦ୍ୟ, କାହାଳୀ ବାଦ୍ୟ ସହିତ ମନ୍ତ୍ର ଉଚ୍ଚାରଣ ପରେ ଦେବୀଙ୍କୁ ବଳି ଉତ୍ସର୍ଗ କରାଯାଇଥିଲା। ପରେ ଧୂପ ଓ ଆଳତି କରାଯାଇ ବିଜେ କାଳେସୀ ଉଭା ହୋଇଥିଲେ। ନିକଟରେ ଥିବା ପ୍ରଭୁ ଗତିଶ୍ୱରଙ୍କ ମନ୍ଦିର ଚତୁଃପାଶ୍ୱର୍ କାଳେସୀ ପରିକ୍ରମା କରିଥିଲେ। ଆଗେ ଆଗେ ବାରିକ ସେବାୟତ ଦିହୁଡ଼ି ଧରି ପରିକ୍ରମା କରିଥିଲେ। ଆସନ୍ତା କାଲି ଠାରୁ ଗାଁ ଗାଁ ବୁଲି ଠାକୁରାଣୀ ଭୋଗ ଖାଇବେ। ବାରପଡ଼ା ବିଶିଷ୍ଟ ଅଲଗୁମର ଟିକରପଡ଼ାରୁ ଭୋଗଖିଆ ଆରମ୍ଭ ହେବ। ତା' ପରେ ଖଣ୍ଡାୟତ ସାହି, କୋଠଭୋଗ, ଐଶାନ୍ୟପଡ଼ା, ବଉଳସାହି, ଜେନାସାହି, ମାଳିସାହି, ବାଟୁଳିପଡ଼ା ଆଦି ଗ୍ରାମରେ ମା' ଭୋଗ ଖାଇବେ। ଏଥିପାଇଁ ଗ୍ରାମର ଘରେ ଘରେ ପ୍ରସ୍ତୁତି ହୋଇଛି। ପ୍ରତି ପରିବାରରେ ଅନ୍ନ, ମାଛ ବେସର, ଖିରି, ପିଠା, ପୋଡ଼ାବଳି ଆଦି ଅନେକ ପ୍ରକାରର ଭୋଗ ଲାଗି କରାଯିବ। ଏହି ପର୍ବ ନିମନ୍ତେ ଗ୍ରାମଟି ଉତ୍ସବ ମୁଖର ହୋଇଉଠିବ। ନବଦିନ ଯାତ୍ରା ପରେ ପ୍ରସିଦ୍ଧ କାଠିଯାତ୍ରା ଓ ଦାନ୍ତକାଠିଆ ଅନୁଷ୍ଠିତ ହେବ। ବାରବାଟୀ ପଡ଼ିଆରେ ୨୨ ହାତ ୨୨ ଆଙ୍ଗୁଳର କାଠି ଉପରେ ତିନିଜଣ ବିଜେ କାଳେସି ଗରା ଉପରେ ବସି ବର୍ଷକର ଭବିଷ୍ୟବାଣୀ କରିବା ସହ ମାନସିକଧାରୀ ଗୁହାରିହା ଉଠାଇବେ। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ପ୍ରତି ପରିବାରରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗି ରହିବ। ଦୂରଦୂରାନ୍ତରେ ଥିବା ଗ୍ରାମର ସମସ୍ତ ଲୋକେ ଏହି ପର୍ବ ପାଇଁ ଆସିବାରେ ଲାଗିଥିବାବେଳେ ତିନିଦନ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ମୀନାବଜାରରେ ଭିଡ଼ ଜମିବ ବୋଲି ଅଲଗୁମ ଦେଶ କମିଟି ପକ୍ଷରୁ କୁହାଯାଇଛି।

## ସୋରଭା କାନାରା ବ୍ୟାଙ୍କ ଶାଖାରେ ମହିଳା ସମାବେଶ

ନୟାହାଟ,୨୯।୮ (ସମିସ): ନୟାହାଟ ଫାଣ୍ଡି ସୋରଭା କାନାରା ବ୍ୟାଙ୍କ ପକ୍ଷରୁ ପରିଚାଳକ ଅଭୟକୁମାର ଦାସଙ୍କ ନେତୃତ୍ୱରେ ଗ୍ରାମପଞ୍ଚାୟତ ସ୍ତରୀୟ ପରିପୂର୍ଣ୍ଣ ଅଭିଯାନ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ତେବେ ଏକ ପ୍ରହସନରେ ପରିଣତ ହୋଇଥିଲା ବାଲି ଚର୍ଚ୍ଚା ହେଉଛି। କାର୍ଯ୍ୟକ୍ରମକୁ ଅଞ୍ଚଳର କୌଣସି ସାମ୍ବାଦିକଙ୍କୁ ଡକା ଯାଇନଥିବାରୁ ଆଗାମୀ ଦିନରେ ବ୍ୟାଙ୍କର କୌଣସି କାର୍ଯ୍ୟରେ ଯୋଗଦେବେନାହିଁ ବୋଲି ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ପ୍ରଧାମନ୍ତ୍ରୀଙ୍କ ସୁରକ୍ଷା ଯୋଜନା, ଜୀବନ ଜ୍ୟୋତି ଯୋଜନା, କେୱାଇସି କରିବା ପାଇଁ ମହିଳା ମାନଙ୍କୁ ବୁଝାଇଥିଲେ। ଗୋପ ବ୍ଲକ ସାଂସଦଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ। ସୋରଭ କାନାରା ବ୍ୟାଙ୍କରେ ଠିକ୍ ସମୟରେ ଉପଯୁକ୍ତ ସେବା ପାଉନଥିବା ଅଭିଯୋଗ ହେଉଥିବା ବେଳେ ଋଣ ପାଇଁ କେତେକ ବ୍ୟକ୍ତି ବର୍ଷ ବର୍ଷ ଧରି ବ୍ୟାଙ୍କ କୁ ଦୌଡ଼ି ନିରାଶ ହୋଇ ଘରେ ବସିଛନ୍ତି।



## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ନୟାହାଟ,୨୯।୮ (ସମିସ): ନୟାହାଟରେ ମା' ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ପାଇଁ ଶୁକ୍ରବାର ଷଷ୍ଠୀ ତିଥିରେ ପ୍ରାଚୀ ନଦୀର ପୁନର୍ବା ଘାଟିରୁ ମାଟି ଉଠାଯାଇଛି। ନୟାହାଟ ବଜାରରୁ ଦୀର୍ଘ ୨କିମି ଦୂର ପ୍ରାଚୀ ନଦୀକୁ ବାଜା ବଜାଇ ବାଣ ଫୁଟାଇ ଏକ ଶୋଭାଯାତ୍ରାରେ ପ୍ରାଚୀକୂଳ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ଓ ଭୋଗ ରାଗ ସରିବା ପରେ ମୁଖ୍ୟ ପୂଜକ ଉମାକାନ୍ତ ମୁଖାର୍ଜୀ, ଭଗବାନ ପାଢ଼ୀ ଓ ପ୍ରାଚୀ ନଦୀରୁ ଭଗବାନ ଦୁବେ ମାଟି ଉଠାଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ମାଟିକୁ ଆଣି ନୟାହାଟ ଦୁର୍ଗା ମଣ୍ଡପରେ ପହଞ୍ଚିଥିଲେ ବୋଲି ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ମୋହନ ବିଟି ପ୍ରକାଶ କରିଛନ୍ତି।

## ଋଣ ଭାର ସହି ନ ପାରି ଜୀବନ ହାରିଲେ ମହିଳା

କଣାସ, ୨୯।୮ (ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ଅଧୀନ ସାହୁପଡା ଗ୍ରାମର ସୁରେଶ ବଳିୟାରସିଂହଙ୍କ ପତ୍ନୀ ସତ୍ୟଭମା ବଳିୟାରସିଂହ ବିଭିନ୍ନ ସଂସ୍ଥାରୁ ଋଣ ଆଣି ଶୁଝିପାରି ନଥିଲେ। ଋଣରେ ଏତେ ବୁଡ଼ିଯାଇଥିଲେ ଯେ ନିଜର ଜୀବନ ପୋଲିସ୍ ଠାରୁ ପ୍ରକାଶ ସତ୍ୟଭମା ଦୀର୍ଘ ଦିନ ହେଲା ଋଣ ଭାରରେ ବୁଡ଼ି ରହିଥିଲେ। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାର ହେତୁ ପ୍ରତ୍ୟେକ ଦିନ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ସେହି ଋଣ ଚାପରେ ଅତିଷ୍ଠ ହୋଇ ଗତକାଲି ସତ୍ୟଭମା ସ୍ୱାମୀ ଘରେ ନ ଥିବା ସମୟରେ କନିଅର ମଞ୍ଜି ବାଟି ପିଇଦେଇଥିବା ସ୍ୱାମୀଙ୍କ ନିକଟକୁ ଫୋନରେ ଜଣାଇଥିଲେ। ସ୍ୱାମୀ ଏକଥା ଜାଣିବା ପରେ ଘକୁ ଆସିଥିଲେ। ଘରେ ପହଞ୍ଚିବାବେଳକୁ ସତ୍ୟଭମାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଗଡ଼ିଶାଗୋଦା ଥାନା ଆଇଆଇସି ସୁଧୀର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚିବା ସହିତ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି। ଏ ନେଇ ଗଡ଼ିଶାଗୋଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମନ୍ଦାରବସ୍ତ ଫାଣ୍ଡି ଅଧିକାରୀଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

କଣାସ,୨୯।୮ (ସମିସ): ପୁରୀ ଜିଲ୍ଲା କଣାସ ଥାନା ଅଧୀନରେ ଥିବା ମନ୍ଦାରବସ୍ତ ଫାଣ୍ଡି ଅଧିକରୀ ଏ.ଏସ୍.ଆଇ କୃଷ୍ଣଚନ୍ଦ୍ର ବେହେରାଙ୍କୁ



ଗତକାଲି ରାତିରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଧରିନେଇଥିବା ଜଣାପଡ଼ିଛି। ଶ୍ରୀ ବେହେରା ୨୦୨୧ ମସିହା କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ହତ୍ୟା ମାମଲା କେସ୍ ନଂ-ସି.ଆଇ.ବି. ସି.ବି୧୭/୨୦୨୧ରେ ଶ୍ରୀବେହେରାଙ୍କୁ ମନ୍ଦାରବସ୍ତ ଫାଣ୍ଡି ମଧ୍ୟରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଧରି ନେଇଛନ୍ତି। ସେ ୨୦୨୧ ମସିହାରେ ଅସ୍ତରଙ୍ଗ ଥାନା ଆଇଆଇସି ଜୟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ସପ୍ତାହରେ କ୍ରାଇମବ୍ରାଞ୍ଚ ଟିମ୍ ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ ବଳିୟାରସିଂହଙ୍କୁ ଅସ୍ତରଙ୍ଗ ଥାନାରୁ ଧରି ଭୁବନେଶ୍ୱର ଆଣି ପଚରାଉଚରା କରିବା ସମୟରେ ବାବୁ ଜଣଙ୍କ ଚକମା ଦେଖାଇ କ୍ରାଇମବ୍ରାଞ୍ଚ ଟିମ୍ ନିକଟରୁ ଖସି ପଳାଇଥିଲେ। ତାଙ୍କ ସହଯୋଗୀ ଭାବେ ଶ୍ରୀ ବେହେରା ଥିବାରୁ ଗତକାଲି ରାତିରେ ମନ୍ଦାରବସ୍ତ ଫାଣ୍ଡିରୁ କ୍ରାଇମବ୍ରାଞ୍ଚ ଅଧିକରୀମାନେ ଧରି ନେଇଛନ୍ତି।

## ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରିଣୀ



ଅସ୍ତରଙ୍ଗ,୨୯।୮ (ସମିସ): ଶୁକ୍ରବାର ଖଣ୍ଡାସାହିସ୍ଥିତ ବିନୋଦିନୀ କଲ୍ୟାଣ ମଣ୍ଡପ ରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅସ୍ତରଙ୍ଗ କାକଟପୁରର ବିଭିନ୍ନ ସମସ୍ୟା କୁ ନେଇ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ନାୟକ, ଅଶୋକ ପଢ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଘ ପଞ୍ଜୀକରଣ ହେବା ପରେ ଏହା ସଙ୍ଘର ୧ମ କାର୍ଯ୍ୟକାରିଣୀ ବୈଠକ। ଏହି ବୈଠକ ଆରମ୍ଭରୁ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିବା ପରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ ପ୍ରଥମେ ସଙ୍ଘର ସ୍ଥାୟୀ ସ୍ଥାନ ଓ କାର୍ଯ୍ୟାଳୟ ନିର୍ମାଣ ଓ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆଗାମୀ ଦିନରେ ସଙ୍ଘ ତରଫରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ପ୍ରକ୍ରିୟା ଉପରେ କହିଥିଲେ। ଉପଦେଷ୍ଟା ନିରଞ୍ଜନ ଦାସ, ଦୁଃଶାସନ ନାୟକ ଓ ସମ୍ପାଦକ ଲୋକନାଥ ସ୍ୱାଇଁ ସାମ୍ବାଦିକ ସଙ୍ଘର ଏକତା ସହିତ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଲୋକଙ୍କ ସମସ୍ୟାକୁ କିପରି ଗୁରୁତ୍ୱ ଦିଆଯାଇ ସଙ୍ଘ କାର୍ଯ୍ୟ କରିବ ସେ ଉପରେ ନିଜ ଅଭିଭାଷଣ ରଖିଥିଲେ। ବୈଠକରେ ସଙ୍ଘର କୋଷାଧ୍ୟକ୍ଷ ସମୀର କର, ଉପସଭାପତି ସମୀର ବେହୁରା, ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ବାରିକ, ସୁଧୀର କର, ଆର୍ତ୍ତତ୍ରାଣ ମହାନ୍ତି, ଆଦିତ୍ୟ ବିଶ୍ୱାଳ ଉପସ୍ଥିତ ରହିଥିଲେ। ଶେଷରେ ସଙ୍ଘର ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ ଅତିଥିଙ୍କ ସମେତ ସଙ୍ଘକୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୨୯।୮ (ସମିସ): ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିଦିନିଆ ଶ୍ରୀରାଧା ଜନ୍ମ ମହୋତ୍ସବ-୨୦୨୫ ଆଜିଠାରୁ ଆରମ୍ଭ ହୋଇଛି। ସିଂହଦ୍ୱାର ଭଜନ କମିଟି ଆନୁକୂଲ୍ୟରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞରେ ପଣ୍ଡିତ ମଣ୍ଡଳୀ ଆହୁତି ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ଉତ୍କଳ ବିଦ୍ୟୁତ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଂଗ୍ରହାଳୟ ସୁପରିଣ୍ଟେଣ୍ଟ ଡ. ଭାଗ୍ୟଶ୍ରୀ ମଲ୍ଲ, ସମ୍ମାନିତ ଅତିଥି ରୂପେ ସଦସ୍ୟ ଆଇନ ସେବା ପ୍ରାଧିକରଣ ଡ. ଜୟଶ୍ରୀ ମହାପାତ୍ର, କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, କ୍ଲବ ସତ୍ୟବାଦୀ ସଭାପତି ନିହାର ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସଭାପତିତ୍ୱ କରିଥିଲେ ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ। ବିବରଣୀ ପାଠ କରିଥିଲେ ସମ୍ପାଦକ ଦିବାକର ମହାପାତ୍ର। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ଜିତେନ ମହାପାତ୍ର, ଅଦାଲତ ଖୁଣ୍ଟିଆ ଓ ରବିନ୍ଦ୍ରନାଥ ଷଡ଼ଙ୍ଗୀ ପରିଚାଳନା ରେ ସହଯୋଗ କରିଥିଲେ। ସଂଯୋଜନା କରିଥିଲେ ଆଲୋକ କୁମାର ଖୁଣ୍ଟିଆ।



ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରି କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସେବାୟତ କନ୍ୟା ମାନେ ଶ୍ରୀରାଧାଙ୍କ ଗୋପଲୀଳା ଭଜନ ନୃତ୍ୟ, ଯାଜ୍ଞସେନୀ ମହାପାତ୍ର ମଙ୍ଗଳାଚରଣ ଏବଂ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରିସର୍ଚ୍ଚ ଏକାଡେମୀର କଳାକାରମାନେ ପାରମ୍ପରିକ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ।

## ପିପିଲିରେ ଜାତୀୟ କ୍ରୀଡ଼ା ଦିବସ



ପିପିଲି,୨୯।୮ (ସମିସ): ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ସାଢେ ୭ଟାରେ ପିପିଲି ନୋଡାଲ ହାଇସ୍କୁଲ ଖେଳପଡ଼ିଆରୁ ଏକ ବିଶାଳ କ୍ରୀଡ଼ା ଶୋଭାଯାତ୍ରା ବାହାରି ପିପିଲି ବଜାର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ଶୁଭାରମ୍ଭ କରିଥିଲେ। ପିପିଲିର ବିଭିନ୍ନ ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ୮ଟି କ୍ରୀଡ଼ା ସଂଗଠନର କର୍ମକର୍ତ୍ତାମାନେ ଏଥିରେ ଯୋଗ ଦେଇଥିଲେ। ଜବାହର ବିଦ୍ୟାପୀଠ ଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀ ମହାନ୍ତି, ପିପିଲି ବିଇଓ ପୀତବାସ ସେଠୀ, ଆନ୍ତର୍ଜାତିକ କ୍ରୀଡ଼ାବିତ୍ ସୁସ୍ମିତା ଟିଗ୍ଗୋ, ସବିତା ଟପ୍ପୋ, ପିପିଲି ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦୀନବନ୍ଧୁ ବେହୁରା, ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ, କ୍ରୀଡ଼ାବିତ୍ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

## କୋଣାର୍କରେ ଜାତୀୟ କ୍ରୀଡ଼ା ଦିବସ



କୋଣାର୍କ,୨୯।୮ (ସମିସ): ଶୁକ୍ରବାର କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି କ୍ରୀଡ଼ା ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତିଥି ଭାବରେ ଏନସିସି ଅଧିକାରୀ ଦିଲ୍ଲିପ କୁମାର ନାୟକ, ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ବଂଶୀଧର ମହାପାତ୍ର, ବିଜ୍ଞାନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ନିହାରିକକ୍ଷ ମହାନ୍ତି ଓ ମହାପ୍ରସାଦ ମହାରଣା ପରିଚାଳନା କରିଥିଲେ। ଶେଷରେ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ



ପିପିଲି,୨୯।୮ (ସମିସ): ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ମୃତ୍ତିକସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଜଗନ୍ନାଥପୁର, ଦୁର୍ଗାଦାସପୁର, ସହଜପୁର, ସଂପୁର ଓ ପୁବାଶାସନଠାରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ପାଞ୍ଚ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସାକ୍ଷୀଗୋପାଳ କୃଷି ଜିଲ୍ଲା ଅଧିକାରୀ ଡ. ପରେଶ କୁମାର ପଣ୍ଡା, ପୁରୀ ଜିଲ୍ଲା ମୃତ୍ତିକା ରସାୟନବିତ୍ ଜି. ଶ୍ୱେତା, ସାକ୍ଷୀଗୋପାଳ ଯୋଜନା ଅଧିକାରୀ ବିକାଶ ବିହାରୀ ପୃଷ୍ଟି ଏବଂ ଡେଲାଙ୍ଗ ବ୍ଲକ୍‌ର ସହକାରୀ କୃଷି ଅଧିକାରୀ ମନୋଜ କୁମାର ବାରିକ ପ୍ରମୁଖ ଅଧିକାରୀମାନେ ଯୋଗଦାନ କରି ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା, ସ୍ୱାସ୍ଥ୍ୟ କାର୍ଡ ଅନୁସାରେ ଖାଦ୍ୟ ସାର ପରିଚାଳନା, ଜୈବିକ ଓ ନାନୋ ସାରର ପ୍ରୟୋଗ ତଥା ସମସ୍ୟା ବହୁଳ ମାଟିର ପରିଚାଳନା ଇତ୍ୟାଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଚାଷୀମାନଙ୍କର କ୍ଷେତ୍ର ସମସ୍ୟା ଓ ତା'ର ସମାଧାନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସହକାରୀ କୃଷି ଅଧିକାରୀ ପିପିଲି ସସ୍ମିତା ମହାନ୍ତି କାର୍ଯ୍ୟକ୍ରମର ଆୟୋଜନ ତଥା ସୁପରିଚାଳନା କରିଥିଲେ। କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ର ଅଧ୍ୟକ୍ଷ ସୁବୋଧ କୁମାର ମହାନ୍ତି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷାରେ ଜୈବିକ ଚାଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉମାକାନ୍ତ ଦଳାଇ ମଣ୍ଡଳ ବୈଷୟିକ ପରିଚାଳକ ପିପିଲି ତଥା କ୍ଷେତ୍ର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରି ଏହାକୁ ସଫଳ ରୂପାୟିତ କରିଥିଲେ। ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ।

### ଖୋଲିଲାନି ନୂତନ ସେବା ସମବାୟ ସମିତି

# ଖରିଫ ଧାନମଣ୍ଡି ପଞ୍ଜୀକରଣରୁ ବଞ୍ଚିତ ଚାଷୀ

ପିପିଲି,୨୯।୮ (ସମିସ):

ଚାଷୀର ଉନ୍ନତି ହେଲେ ରାଜ୍ୟ ତଥା ଦେଶର ପ୍ରଗତି ହେବ ବୋଲି ସରକାର କହୁଥିବାବେଳେ ପ୍ରଶାସନିକସ୍ତରରେ ହେଉଥିବା ନିୟମ କାର୍ଯ୍ୟକାରୀ ହେଉନଥିବାରୁ ଏହାର ବାସ୍ତବତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପିପିଲିରେ ନୂତନ ସେବା ସମବାୟ ସମିତି ନଖୋଲିବାରୁ ବହୁ ଚାଷୀ ଖରିଫ ଧାନ ମଣ୍ଡି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ବ୍ଲକ୍‌ର ସରସ୍ୱତୀପୁର କୃଷକ ସେବା ସମବାୟ ସମିତି ଅଧୀନରେ ଯଶୁଆପୁର, ବୀରପୁରୁଷୋତ୍ତମପୁର ଏବଂ ରଥପୁରୁଷୋତ୍ତମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ। ସରସ୍ୱତୀପୁର କୃଷକ ସେବା ସମବାୟ ସମିତିଠାରୁ ଦୂରତା ହେତୁ ଏହି ତିନି ପଞ୍ଚାୟତର ଚାଷୀମାନେ ସମିତି ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଖରିଫ ଏବଂ ରବି ଋତୁରେ ଏହି ପଞ୍ଚାୟତର ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ଧାନ ମଣ୍ଡିରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ତେଣୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଚାଷୀମାନେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବାରେ ପୂର୍ବତନ ସରକାର ସମୟରେ ଚାଷୀମାନଙ୍କର ସୁବିଧା, ଦୂରତା ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ଉପରୋକ୍ତ ତିନିଗୋଟି ପଞ୍ଚାୟତରେ ସେବା ସମବାୟ ସମିତି ଖୋଲିବା ପାଇଁ ରେଜିଷ୍ଟ୍ରର କୋ ଅପରେଟିଭ ଓଡ଼ିଶା, ଭୁବନେଶ୍ୱର ତାଙ୍କ ପତ୍ର ସଂଖ୍ୟା ୮୦୫୧/୨୭/୦୪/୨୦୨୩ରେ ପୁରୀ ଡିଆରସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଡିଆର୍‌ସିଏସ୍, ଏଆର୍‌ସିଏସ୍ ଏବଂ ପିପିଲି ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ସମୟରେ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏହି ତିନିଗୋଟି ପ୍ରାଥମିକ ସେବା ସମବାୟ ସମିତି ଅଧୀନରେ ଯାଉଥିବା ଚାଷୀମାନଙ୍କର ଋଣ, ଅଂଶଧନ, ପଞ୍ଜୀକରଣ ଏବଂ ଧାନ ମଣ୍ଡି ଖୋଲିବା ପାଇଁ ଡିଆରସିଏସ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଦେବାର ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଖୋଲିପାରିଲା ନାହିଁ। ରଥ ପୁରୁଷୋତ୍ତମପୁରର ଚାଷୀନେତା ପ୍ରତାପ ପ୍ରଧାନ, ସରସ୍ୱତୀପୁରର ପୂର୍ବତନ ସରପଞ୍ଚ ରାଧାଶ୍ୟାମ ରଥ, ଯଶୁଆପୁରର ଆଶିଷ ବରାଳ, ବୀରପୁରୁଷୋତ୍ତମପୁରର ବିଷ୍ଣୁ ପତି ପ୍ରମୁଖ ଡିଆର୍‌ସିଏସ୍‌ଙ୍କୁ ଜଣାଇଲେ ମଧ୍ୟ ସେ ଏଥିପ୍ରତି ଦୃଷ୍ଟି ଦେଇନଥିଲେ। ଏହି ୩ଟି ପ୍ରାଥମିକ ସେବା ସମବାୟ ସମିତି ୨୪ ନମ୍ବର ଜିଲ୍ଲାପରିଷଦ ଜୋନ୍‌ରେ ଯାଉଥିବାରୁ ଚାଷୀମାନେ ସଭ୍ୟ ଧରଣୀଧର ସାହୁଙ୍କ ପାଖରେ ଅଭିଯୋଗ କରିଥିଲେ। ଶ୍ରୀ ସାହୁ ଜିଲ୍ଲାପରିଷଦ ବୈଠକରେ ଏବଂ ପିପିଲି ବ୍ଲକ୍‌ରେ ଜିଲ୍ଲପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇନଥିଲେ। ଫଳରେ ହଜାର ହଜାର ଚାଷୀ ମଣ୍ଡି ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି।

ଏହାର ପ୍ରତିବାଦ କରି ୩ଟି ପଞ୍ଚାୟତର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯଶୁଆପୁରଠାରେ ଚାଷୀମାନେ ଏକତ୍ର ହୋଇ ବୈଠକ କରିଥିଲେ। ତେବେ ଏ ସମ୍ପର୍କରେ ଏଆର୍‌ସିଏସ୍ ସନାତନ ବେହେରାଙ୍କୁ ପଚାରିବାରେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଚାଲିଛି। ଆସନ୍ତା ବର୍ଷକୁ ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲିଯିବ ବୋଲି କହିଥିଲେ। ଅପରପକ୍ଷରେ ପିପିଲିର ପ୍ରଶାସନିକ ଅଧିକାରୀଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କ ଅସହଯୋଗ ହେତୁ କାର୍ଯ୍ୟ ଆଗେଇପାରୁ ନ ଥିବା କହିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିଖର ନାୟକ
ମାଛପଦା (ଗୋଡା), ବୋରିକିନା, ଜଗତ୍‌ସିଂହପୁର
ଆବିର୍ଭାବ - ୦୧/୦୬/୧୯୪୯
ତିରୋଧାନ - ୨୦/୦୮/୨୦୨୫
ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ଏହି ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା ? ଯଥାସମ୍ଭବ ଚେଷ୍ଟା କରିଥିଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ତମର ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ପୁଅ- ସରୋଜ, ନିରୋଦ, ହେମନ୍ତ, ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

# ଶ୍ରୀକ୍ଷେତ୍ର ସିଟି

୨୮/୮/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୦୪,୭୦୮/- ସୁନା: ୦୦.୦୭୦ ଗ୍ରାମ୍ ରୁପା: ୦୭.୦୦୦ ଗ୍ରାମ୍





### ସଚେତନତା ଶୋଭାଯାତ୍ରାରେ ହଜାରେ କ୍ରୀଡ଼ାବିତ୍

## ଧ୍ୟାନଚାନ୍ଦ ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ଆଦର୍ଶ

ପୁରୀ, ୨୯।୮ (ସମିସ)

କିଂବଦନ୍ତୀ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦ ସବୁବେଳେ ଜନମାନସରେ ରହିଥିବେ। ତାଙ୍କ ପ୍ରତିଭା ଅତୁଳନୀୟ। ଆଜିର ଯୁବପିଢ଼ି ଓ ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ସେ ଆଦର୍ଶ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ ଡା. ସମ୍ବିତ ପାତ୍ର ଏହା କହିଛନ୍ତି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ସାଂସଦ ଡା. ପାତ୍ର ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିଥିଲେ। ସାଂସଦ ଡା. ପାତ୍ର କହିଥିଲେ ଯେ ସରକାର କ୍ରୀଡ଼ା ଓ କ୍ରିଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ସେପ୍ଟେମ୍ବରରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯାଇଛି। ଏଥିରେ ୮ଟି କ୍ରୀଡ଼ା ବର୍ଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ଆଜିର ଏହି ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରୁ ଇନଡୋର୍ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡା ପାତ୍ର ଯୋଗ ଦେବା ସହ କୋଚ ଓ କ୍ରିଡାବିତ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ପରେ ସେ ସମସ୍ତଙ୍କୁ କ୍ରିଡା ଶପଥ ପାଠ କରାଇଥିଲେ। ଏହି ଅବସରରେ ବାଲୁକା କଳା ଶିଳ୍ପୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଦିବସ ଓ ବେଟୀ ବଚାଓ ବେଟୀ ପଢାଓର କୃତି କୁ ସାଂସଦ ଉନ୍ମୋଚନ କରିଥିଲେ। ପରେ ଯୋଗଗୁରୁ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନ ସହ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷର ଭାରପ୍ରାପ୍ତ ଅଧିକାରୀ ତ୍ରୈଲୋକ୍ୟ ନାଥ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କ୍ରୀଡ଼ାର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ବିଭିନ୍ନ କ୍ରୀଡ଼ା ସଂଘର ମୁଖ୍ୟମାନେ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୯।୮ (ସମିସ): ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ, ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, ପୂଜାପଣ୍ଡା ସାମନ୍ତ ଜଗନ୍ନାଥ ପୂଜାପଣ୍ଡା, ବରିଷ୍ଠ ସିଂହାରୀ ସେବକ ମଧୁସୂଦନ ସିଂହାରୀ, ବଳରାମ କୋଟର ମଠାଧୀଶ ପୂଜ୍ୟ ରଘୁବୀର ଦାସ ମହାରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତରୁଣ କବି ଦାମୋଦର ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ତଥା ବିଶ୍ୱହିନ୍ଦୁ ପରିଷଦର ସର୍ବଭାରତୀୟ ପୂଜକ ଅର୍ଚ୍ଚକ ବିଭାଗର ଉପସଭାପତି ଦୋଳଗୋବିନ୍ଦ ପଣ୍ଡା, ପ୍ରସନ୍ନ ମିଶ୍ରଙ୍କ ସହ ପୁରୀ ସହରର ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ୨୦୦୮ ମସିହାଠାରୁ ସାଧୁ, ସନ୍ଥ, ବାବାଜୀ ବୈଷ୍ଣବ, ଭୋକିଲା ଲୋକମାନଙ୍କୁ ଅନ୍ନଦାନ ଆଜି ପର୍ଯ୍ୟନ୍ତ ଚାଲୁଛି। ଟ୍ରଷ୍ଟ ଦ୍ୱାରା ଭାଗବତ ଗ୍ରନ୍ଥ ୨୦୦ ଗ୍ରାମରେ ନିତ୍ୟ ପାଠ ପାଇଁ ବଣ୍ଟନ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ବିଦ୍ୟାଦାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଇତ୍ୟାଦି କାର୍ଯ୍ୟ ଚାଲୁଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିଶେଷାଙ୍କ 'ଅନ୍ନଦା'ର

### ପୁସ୍ତକ 'ଅନ୍ନଦା'ର ଲୋକାର୍ପଣ

ଶୁଭ ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଅନୁଷ୍ଠାନର ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି, ପ୍ରତାପ ଚନ୍ଦ୍ର ଦାସ, କିରଣ କୁମାର ସାହୁ, ଡକ୍ଟର ନାରାୟଣ ପତି, ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ଥିତପ୍ରଜ୍ଞ ଜେନା, ଅନିଲ ସାହୁ, ବରିଷ୍ଠ ସେବାୟତ ରବିନାରାୟଣ ଦାସ, ଦିନମଣି ବଳ, କବି ପ୍ରଶାନ୍ତ ତ୍ରିପାଠୀ, ସଂଗ୍ରାମକେଶରୀ ମହାପାତ୍ର, ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

● ଶ୍ରୀକ୍ଷେତ୍ରରେ ଷଠି ଓଷା

## ସନ୍ତାନଙ୍କ ଦୀର୍ଘାୟୁ କାମନା କଲେ ମା'



ପୁରୀ, ୨୯।୮ (ସମିସ): ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ସନ୍ତାନମାନଙ୍କ ଦୀର୍ଘାୟୁ କାମନା କରି ମା'ମାନେ ଷଠି ଓଷା ପାଳନ କରିଛନ୍ତି। ଶୁକ୍ରବାର ଶ୍ରୀକ୍ଷେତ୍ରରେ ମହିଳାମାନେ ପୁଅ-ଝିଅଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର କାମନା କରି ମା' ଷଷ୍ଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏହି ଓଷା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ ଓଡ଼ିଶାର ଏହା ଏକ ପାରମ୍ପରିକ ଓଷା। ୬ ପ୍ରକାର ଡାଳ, ବରକୋଳି, ବଜ୍ରମୂଳି, ବାଉଁଶପତ୍ର, ଓଲୁଅ, କଣ୍ଟାଇକୋଳି, ଅପମାର୍ଗ, ୬ ପ୍ରକାର ଶାଗ ଓ ୬ ପ୍ରକାର ପରିବା ପଡ଼ିଥିବା ତରକାରୀ ମା' ଷଷ୍ଠୀ ଦେବୀଙ୍କ ପାଖରେ ଭୋଗ ଲାଗି କରାଯାଇଥାଏ। ଏଥିସହ ଖିରୀ, ଖେଚେଡି, ଶାଗ ଓ ପରିବା ତରକାରୀ ମଧ୍ୟ ଭୋଗ ହୁଏ। ଘରର ସବୁ ପିଲା ନୂତନ ବସ୍ତ୍ର ପରିଧାନ କରିଥା'ନ୍ତି। ଷଷ୍ଠୀ ଦେବୀଙ୍କୁ ପୂଜା ପରେ ସନ୍ତାନମାନଙ୍କୁ ବନ୍ଦାପନା କରିଥା'ନ୍ତି। ବନ୍ଦାପନା ପରେ ମା'ଙ୍କୁ ଲାଗି ହୋଇଥିବା ୬ ପ୍ରକାର ଡାଳକୁ ପିଲାଙ୍କ ମୁଣ୍ଡ ଓ ପିଠିରେ ଧୀରେ ଧୀରେ ଆଘାତ କରିଥାନ୍ତି। ବିଶ୍ୱାସ ରହିଛି, ଏହାଦ୍ୱାରା ପିଲାମାନଙ୍କ ସମସ୍ତ ରିଷ୍ଟ ଖଣ୍ଡନ ହେବା ସହିତ ସେମାନେ ଦୀର୍ଘାୟୁ ହୁଅନ୍ତି।

## ବିମ୍ବାସୁରକୁ ବଧ କଲେ ଶ୍ରୀକୃଷ୍ଣ

ପୁରୀ, ୨୯।୮ (ସମିସ): ଶୁକ୍ରବାର ଥିଲା ଭାଦ୍ରବ ଶୁକ୍ଳଷଷ୍ଠୀ। ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ବିମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପର ଯୁଗରେ ବିମ୍ବାସୁର ନାମକ ଜଣେ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। କୃଷ୍ଣ ବଳରାମଙ୍କ ନିଧନ ନିମନ୍ତେ ତାଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଅବଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରର ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

## ୨୧ରୁ ସାଂସଦ ଖେଳ ମହୋତ୍ସବ

ପୁରୀ, ୨୯।୮ (ସମିସ): ସୁସ୍ଥ ରହିବାକୁ କ୍ରୀଡ଼ା ଏକ ଶ୍ରେଷ୍ଠ ମାଧ୍ୟମ। ଶୃଙ୍ଖଳା, ସୁସ୍ଥତା ଓ ନିରୋଗର ମହୌଷଧି ସଦୃଶ୍ୟ କ୍ରୀଡ଼ା। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବର ଆୟୋଜନ ବ୍ୟବସ୍ଥା କରିଛନ୍ତି। ଆଜି ପୁରୀ ତାଳବଣିଆ ଇନଡୋର୍ ଷ୍ଟାଡିୟମ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଡା. ପାତ୍ର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ଆମ ପାରମ୍ପରିକ କ୍ରୀଡ଼ାକୁ ଆଗକୁ ନେବା ଓ ହଜିଯାଉଥିବା କ୍ରୀଡ଼ାର ପୁନରୁଦ୍ଧାର ପାଇଁ ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି। ତେଣୁ କ୍ରିଡ଼ାବିତ୍‌ମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲକୁ ଯାଇ ନାମ ପଞ୍ଜୀକରଣ ପାଇଁ ଡା. ପାତ୍ର ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଂସଦ ଖେଳ ମହୋତ୍ସବର ଲିଫଲେଟ୍‌କୁ ଡା. ପାତ୍ର ପ୍ରଦର୍ଶନ କରି କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

## ଗୋପକୁ ଏନ୍‌ଏସି ଦାବି

ଗୋପ,୨୯।୮ (ସମିସ): ଗୋପକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ଲକ ନିକଟ ଆଖଣ୍ଡଳଶ୍ୱର ଶୈବ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଲୋଚନ ସାହୁ, ସୁକାନ୍ତ ମହାନ୍ତି, ମହେଶ୍ୱର ସ୍ୱାଇଁ, ଗଦାଧର ସାମନ୍ତରାୟ, ସୁଧାଂଶୁ ସେନାପତି, ରମେଶ ବାରିକ, ଗୋଲାମ ଅହମଦ ବକ୍ସ, ମହମଦ ମଜିଦ, ତାୟବ ସଫରାଜ ଖାନ, ଅଜୟ କୁମାର ଜେନା, ବିଦ୍ୟୁଭୂଷଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଗୋପ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ ଏସ୍‌ପି ପ୍ରତୀକ ସିଂ



ପୁରୀ, ୨୯।୮ (ସମିସ): ପୁରୀର ନୂତନ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଆଜି ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଛନ୍ତି। ପୁରୀ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସୁଚାରୁରୂପେ କର୍ତ୍ତବ୍ୟ ସଂପାଦନ ନିମନ୍ତେ ସେ ଜଗଦଗୁରୁଙ୍କ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହି ଅବସରରେ ଜଗଦଗୁରୁ କହିଥିଲେ ଯେ ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବେ ପ୍ରତିଷ୍ଠିତ। ଶ୍ରୀମନ୍ଦିର ବିଧର୍ମୀ ଓ କୁଚକ୍ରୀମାନଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିରର ସୁରକ୍ଷା ସଦାସର୍ବଦା ଏକ ଆହ୍ୱାନ। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥା'ନ୍ତି। ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି ବୋଲି କହିଥିଲେ। ଏସ୍‌ପି ଶ୍ରୀ ସିଂଙ୍କ ସମେତ ଜିଲ୍ଲା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ପୂଜାମଣ୍ଡପ ବୁଲିଲେ ଥାନା ଅଧିକାରୀ

ଚାରିଛକ,୨୯।୮ (ସମିସ) : ଚାରିଛକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା କରିବାକୁ ଚାରିଛକ ଥାନା ପକ୍ଷରୁ ଗତ ୨୫ ତାରିଖଦିନ ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତା ଓ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ,ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଚାରିଛକ ମୁଖ୍ୟ ବଜାର,



ତୁଳସୀପୁର ଗଣେଶ ବଜାର, ଅମରେଶ୍ୱର ବଜାର, ଭୋଦର, ତମ୍ପାଲୋ, ବାହାରଣା, କଳାପାଞ୍ଚଣ ଆଦି ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଭସାଣ ଉତ୍ସବ ସମାପନ କରିବାକୁ କମିଟିର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ । ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳଙ୍କ ସହିତ ଏସଆଇ କୃଷ୍ଣଚନ୍ଦ୍ର ପଷ୍ଟି, ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ, ଏଏସଆଇ କୈଳାଶ ପ୍ରଧାନ, ଏଏସ୍‌ଆଇ ସବିତା କୁମାରୀ ଦେବୀ, ଏଏସଆଇ ଇନ୍ଦୁଲତା ମିଶ୍ର,କନେଷ୍ଟବଳ ସୁପ୍ରସାଦ ନାୟକ, ରାମଚନ୍ଦ୍ର ଟୁଡୁ, ଭାଗୀରଥି ସ୍ୱାଇଁ, ପ୍ରମୋଦ କୁମାର ପୃଷ୍ଟି, ବୈଦନାଥ ବେହେରା, ରଞ୍ଜନ ବେହେରା, ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ସାମିଲଥିଲେ। ପୂଜା ସମୟରେ ରାତ୍ର ପାଟ୍ରୋଲିଂ କଡାକଡି କରାଯାଉଥିବା ବେଳେ ଚାରିଛକ ବଜାର ଟ୍ରାଫିକ ସମସ୍ୟା ଠିକ୍‌ଠାକ୍ ଥିବା ଏବଂ ସମସ୍ତ ପୂଜା ମଣ୍ଡପରେ ଶାଁ" ଶୃଙ୍ଖଳାର ସହ ପୂଜାକାର୍ଯ୍ୟ ଚାଲିଥିବା ନେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି



ପୁରୀ, ୨୯।୮ (ସମିସ): କେନ୍ଦ୍ରାଞ୍ଚଳ ଡିଆଇଜି ଡଃ ସତ୍ୟଜିତ ନାୟକ ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିରର ଉଭୟ ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ନୂତନ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ ଯେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରୀମନ୍ଦିର ସୁରକ୍ଷା ପୁଲିସ ପ୍ରଶାସନ ଲାଗି ବଡ଼ ଆହ୍ୱାନ। ସହରରେ ଅପରାଧ ରୋକିବା ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସିକ୍କିମ୍ ମୁଖ୍ୟମନ୍ତ୍ରୀ



ପୁରୀ, ୨୯।୮ (ସମିସ): ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ଆଜି ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏ ସଂପର୍କରେ ସେ ଆଜି ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଉକ୍ତ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ ପୁରୀର ପବିତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମୁଁ ଧନ୍ୟ ଅନୁଭବ କଲି। ଏହି ପବିତ୍ର ଅବସରରେ ମୁଁ ସିକ୍କିମବାସୀଙ୍କ ପକ୍ଷରୁ ପ୍ରାର୍ଥନା କରିଛି। ଆମର ପ୍ରିୟ ରାଜ୍ୟରେ ଚିରସ୍ଥାୟୀ ଶାନ୍ତି, ସମୃଦ୍ଧି ଏବଂ ମଙ୍ଗଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଆଶୀର୍ବାଦ କାମନା କରିଛି। ସିକିମ୍ ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍

## ପ୍ରଶାସନ ଏକାଦଶ ବିଜୟୀ

ପୁରୀ, ୨୯।୮ (ସମିସ): ପୁରୀ ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଆଜି ପ୍ରଶାସନ ଏକାଦଶ ଓ ପୌରପାଳିକା ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେପ୍ରଶାସନ ଏକାଦଶ ବିଜୟୀ ହୋଇଛି। ଜିଲ୍ଲା ପ୍ରଶାସନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍‌ରେ ୧୨୫ ରନ୍ ସଂଗ୍ରହ କରିଥିଲା। ପୌର ଏକାଦଶ ସମସ୍ତ ୱିକେଟ୍ ହରାଇ ୮୯ ରନ୍‌ରେ ସୀମିତ ଥିଲେ। ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଉପଜିଲ୍ଲାପାଳ ରାଜ କିଶୋର ଜେନା ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଜିଲ୍ଲା ପ୍ରଶାସନ ଏକାଦଶର ନେତୃତ୍ୱ ନେଇଥିବା ବେଳେ ପୌରପାଳିକା ଏକାଦଶ ର ନେତୃତ୍ୱ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ସ୍ୱାୟତ୍ତ ଶାସନ ଦିବସରେ ଟାଉନ୍ ହଲଠାରେ ପୁରସ୍କୃତ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।



ଜଗନ୍ନାଥଙ୍କ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ

## ସୋମନାଥ ବ୍ରତ ପାଳିତ

ପୁରୀ, ୨୯।୮ (ସମିସ): ଭାଦ୍ରବ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶୁକ୍ରବାର ପାଳିତ ହୋଇଛି ସୋମନାଥ ବ୍ରତ। ଏଥିପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାରସ୍ଥିତ ସୋମନାଥ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼ ହୋଇଥିଲା। ବ୍ରତଧାରୀମାନେ ପ୍ରଭୁ ସୋମନାଥଙ୍କୁ ଦର୍ଶନ କରିବା ସହ ବିଭିନ୍ନପ୍ରକାର ଫଳ ଓ ପିଠା ଭୋଗ କରିଥିଲେ। ଠାକୁରଙ୍କୁ ଲାଗି କରିଥିବା ବ୍ରତକୁ ପିନ୍ଧିଥିଲେ। ଏହି ବ୍ରତ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ଦଶମୀରେ ଉଦ୍‌ଯାପନ କରାଯାଏ। ଭଗବାନ ସୋମନାଥ ଶିବ ଏହି ବ୍ରତର ଆରାଧ୍ୟ ଦେବତା। ଓଡ଼ିଶାର ଗାଁ ଗାଁରେ ମହିଳା ପୁରୁଷ ଶ୍ରଦ୍ଧା ଓ ଭକ୍ତିର ସହ ଏହି ବ୍ରତ ପାଳନ କରିଥା'ନ୍ତି। ଏହା ପରେ ବ୍ରତଧାରୀ ଶୁକ୍ଳ ବସ୍ତ୍ର ପରିଧାନ କରି ବ୍ରତ ପୂଜା କରନ୍ତି। ମୁରୁଜ ଉପରେ ପିଢ଼ା ପକାଇ ଦଶଗୋଟି ଅକ୍ଷତ ଦୁବ ରଖି ଦଶଖିଅ ସୂତାରେ ତିଆରି ବ୍ରତକୁ ସ୍ଥାପନ କରାଯାଏ। କଖାରୁ ଫୁଲ ସମେତ ଦଶବର୍ଣ୍ଣର ଫୁଲ ଓ ଫଳରେ ଶିବଙ୍କୁ ପୂଜାର୍ଚ୍ଚନା କରି ବ୍ରତ ଧାରଣ କରିଥା'ନ୍ତି। ଏହି ବ୍ରତ କଲେ ପୁତ୍ର, ପୌତ୍ରମାନଙ୍କର ଆରୋଗ୍ୟ, ସୌଭାଗ୍ୟ ବୃଦ୍ଧି ଓ ଆୟୁବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମୃତ୍ୟୁ ପରେ ଶିବଲୋକ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ବ୍ରତର ଉଦ୍‌ଯାପନକୁ କୁଷ୍ମାଣ୍ଡ ଦଶମୀ କୁହାଯାଏ।

ସକାଳ
THE SAKALA



# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି

ସୁପ୍ରିମକୋର୍ଟ କଲେଜିୟମରେ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ପ୍ରତିବାଦ ଓ ପ୍ରତିକ୍ରିୟାକୁ ଅନୁଶୀଳନ କଲେ ମନେ ହୁଏ ସବୁ ଠିକ୍‌ଠାକ୍ ଚାଲିନି। ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର. ଗବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ସେଦିନ ହାଇକୋର୍ଟର ଦୁଇଜଣ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ମନୋନୀତ କରିବାର ଥିଲା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ଯୋଗୁଁ ତାହା ୪-୧ ରେ ବିଭାଜିତ ହୋଇଥିଲା। ସବୁ ନିଷ୍ପତ୍ତି ଯେ ସହମତି ବା ମତୈକ ଭିତ୍ତିରେ ନିର୍ଦ୍ଧାରିତ ହେବ ଏକଥା ନୁହେଁ। ତେବେ ଜଷ୍ଟିସ ନାଗରତ୍ନାଙ୍କ ପ୍ରତିକ୍ରିୟାକୁ ନେଇ ସାଧାରଣରେ ଏତେ ବିଚାରବିମର୍ଶ କାହିଁକି? ଏସବୁ ସତ୍ତ୍ୱେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରଧେ ଓ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ମନୋନୀତ କରାଯାଇଛି। ସରକାର ମଧ୍ୟ ତୁରନ୍ତ ଦୁଇଜଣଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି।

ମନୋନୀତ ଦୁଇଜଣ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ପାଞ୍ଚୋଲିଙ୍କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି ଜଷ୍ଟିସ ନାଗରତ୍ନା। ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ ଆପତ୍ତି ଓ ପ୍ରତିକ୍ରିୟା ସୁପ୍ରିମକୋର୍ଟ ୱେବସାଇଟରେ ସ୍ଥାନିତ କରିବାକୁ ସେ କହିଥିଲେ। କିନ୍ତୁ ୱେବସାଇଟରେ କଲେଜିୟମରେ ୪- ୧ ମତ ବିଭାଜନ ଓ ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ସ୍ଥାନ ପାଇ ନଥିବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ୍ ନାଗରତ୍ନାଙ୍କ ଯୁକ୍ତି ଥିଲା ଯେ ଗୁଜୁରାଟରୁ ଜଷ୍ଟିସ ଜେ ବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଏନ.ଭି ଅଞ୍ଜାରିଆ ସୁପ୍ରିମ୍‌କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜଷ୍ଟିସ ପାଞ୍ଚୋଲି ହେବେ ତୃତୀୟ ବ୍ୟକ୍ତି। ଭୌଗୋଳିକ ସନ୍ତୁଳନ ରକ୍ଷା କରିବାରେ ଏହା କେବଳ ବାଧକ ହେବନି, ସମୟକ୍ରମେ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ପାଞ୍ଚୋଲି ୫୭ ତମ ସ୍ଥାନରେ ଅଛନ୍ତି। ତାଙ୍କ ସ୍ଥାନରେ କାର୍ଯ୍ୟରତ ଅନ୍ୟ ସୁଯୋଗ୍ୟ ଓ ଦକ୍ଷ ବିଚାରପତିଙ୍କ ନାମ ବିଚାରକୁ ନିଆଯାଇପାରନ୍ତା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁ ପରିସ୍ଥିତିରେ ଜଷ୍ଟିସ ପାଞ୍ଚୋଲିଙ୍କୁ ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି କରାଯାଇଥିଲା ତାହାର ଏହି ପ୍ରେକ୍ଷାପଟରେ ଚର୍ଚ୍ଚା ହେବା ଉଚିତ। ତାଙ୍କର ବଦଳି ନିର୍ଦ୍ଦେଶକୁ ସେତେବେଳେ ୯ ମାସ ଧରି ସରକାର ଅଟକାଇ ରଖିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରବଳ ଚାପ ପ୍ରୟୋଗରୁ ସେ ପାଟନା ହାଇକୋର୍ଟକୁ ଆସିବା ସକାଶେ ବାଧ୍ୟ ହୋଇଥିଲେ। ଶେଷରେ ସେ ୨୦୨୩ ଜୁଲାଇରେ ପାଟନା ହାଇକୋର୍ଟରେ ଯୋଗ ଦେଇ ଜୁଲାଇ ୨୧ରେ ମୁଖ୍ୟ ବିଚାରପତି ହେଲେ। ପୁଣି ମାସ ଗୋଟାଏ ପରେ ସୁପ୍ରିମକୋର୍ଟ ବିଚାରପତି ଭାବେ ମନୋନୀତ ହେବା ଘଟଣାକୁ ସମସ୍ତେ ଠିକ ଭାବେ ଗ୍ରହଣ କରିପାରିନାହାନ୍ତି।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ ଜୟମାଲ୍ୟ ବାଗଚି ଅବସର ନେବା ପରେ ଜଷ୍ଟିସ ପାଞ୍ଚୋଲି ୨୦୩୧ ରେ ଏହି ଶୀର୍ଷ ଆସନକୁ ପଦୋନ୍ନତି ପାଇବେ। ଦୀର୍ଘ ୧୮ ମାସ ଧରି ସେ ବିଚାର ବିଭାଗର ହର୍ତ୍ତାକର୍ତ୍ତା ରହିବେ। ଜଷ୍ଟିସ ନାଗରତ୍ନାଙ୍କ ରେକର୍ଡ କରାଯାଇଥିବା ଆପତ୍ତିକୁ ତାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋପନ ରଖିବା ଓ ଗୁଜରାଟ ଘଟଣାକ୍ରମକୁ ପର୍ଯ୍ୟାଲୋଚନା ନ କରିବା ପଛରେ କେଉଁଠି ନା କେଉଁଠି ଚାପ ବା ପ୍ରଭାବ ରହୁଛି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ●

## ବର୍ଷା ତାଣ୍ଡବ

ଏସନ ଆଗୁଆ ମୌସୁମୀ ଆସିବାର ସୂଚନା ନେଇ କଳ୍ପନା ଆରମ୍ଭ ହୋଇଯାଇଥିବା ବେଳେ ଆଷାଢ଼ ଓ ଶ୍ରାବଣ ବର୍ଷାଭାବରୁ ଚାଷୀର ପାଗଯୋଗ ବିଗିଡ଼ି ଗଲା। ଅଗଷ୍ଟ ବା ଭାଦ୍ରବ ମାସରେ ବର୍ଷାର ତାଣ୍ଡବ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ସେଥିରେ କେତେ କିଏ ମରି ହଜି ଗଲେଣି ତାହାର କୌଣସି ଇୟତ୍ତା ନାହିଁ। ଜଳବାୟୁ ପରିବର୍ତ୍ତନ, ସହରୀକରଣ ଶିଳ୍ପାୟନ ଓ ଜଙ୍ଗଲ ଉଚ୍ଛେଦ ଯୋଗୁଁ ବର୍ଷା ବିପର୍ଯ୍ୟୟ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।

ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ଭୂସ୍ଖଳନରେ ଜନପଦ ନିଶ୍ଚିହ୍ନ ହୋଇଯାଇଛି। ଏହି ଦୁଇ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେହିଭଳି ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଘଟି ଦୁଇଦିନ ମଧ୍ୟରେ ୪୦ ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ସେଠାରେ ମାଟି ଅତଡ଼ା ଧସିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଛି। ରାବି, ଚେନାବ ଓ ଝେଲମରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜମ୍ମୁର ନିମ୍ନାଞ୍ଚଳ ବାହ୍ୟ ଜଗତରୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇରହିଛି। ଦେଶର ପ୍ରମୁଖ ସହର ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଉତ୍ତର ପ୍ରଦେଶ ଓ ବିହାରରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅବସ୍ଥାରେ ଥିବା ଜନବସତି ସହ ଯୋଗାଯୋଗ ରକ୍ଷା କରାଯାଇପାରୁନି।

ମହାନଦୀରେ ବଡ଼ ବନ୍ୟା ଆସିନଥିବାରୁ ଓଡ଼ିଶାର ଉପକୂଳ ଅଞ୍ଚଳ ସୁରକ୍ଷିତ ଥିଲେ ହେଁ ବ୍ରହ୍ମାଣୀ, ବୈତରଣୀ, ସୁବର୍ଣ୍ଣରେଖାରେ ଜଳସ୍ତର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। କାଣି ନଦୀରେ ୭୦ ଫୁଟ ଘାଇ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୧୧୪ ଗାଁ ଜଳବନ୍ଦୀ ହୋଇରହିଛି।. ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। କେବଳ ଏତିକି କୁହାଯାଇପାରେ କି ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇନାହିଁ। ତେବେ ଗୋଟିକ ପରେ ଗୋଟିଏ ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଅକ୍ଟୋବର ୨ ଓ ୩ ରେ ପୁଣି ବର୍ଷା ବିପ୍ରାତର ସୂଚନା ମିଳିଛି। ତେଣୁ ପରିସ୍ଥିତି ଯେ ସୁଧୁରି ଗଲାଣି ଏକଥା ଦାବି କରାଯାଇନପାରେ। ବିଳମ୍ବିତ ମୌସୁମୀର ଗତି ଓ ଦୁର୍ଗତି ନେଇ କିଛି ଆକଳନ କରାଯାଇ ପାରିବ ନାହିଁ। ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣର ସାଜସଜ୍ଜା ଯେ ଆଗକୁ ଭିଜି ନ ଯିବ କିଏ କହିବ। ●

# ଆଞ୍ଚଳିକ ବିକାଶ, ରାଜନୀତି ଓ ରାଷ୍ଟ୍ରନୀତି

ଡ. ଏମ୍ ଜି ପ୍ରସାଦ

ଗତ ଦୁଇ ସପ୍ତାହ ଭିତରେ ଓଡ଼ିଶାର ବିକାଶ ଧାରାରେ ଦୁଇଟି ଅଧ୍ୟାୟ ଯୋଡ଼ି ହୋଇଛି। ଗତସପ୍ତାହରେ ଛଅଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ତା'ପୂର୍ବ ସପ୍ତାହରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଆଞ୍ଚଳିକ ବିକାଶ ଜରିଆରେ ଜାତୀୟ ବିକାଶ ପ୍ରକ୍ରିୟାରେ ଉପରୋକ୍ତ ଦୁଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। କିନ୍ତୁ ଏହା ସୁସ୍ଥ ସଂଘୀୟ ବ୍ୟବସ୍ଥାରେ ଏକ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇ ନଥା'ନ୍ତା, ଯଦି 'ଆଞ୍ଚଳିକ ବିକାଶ' 'ବିକାଶ ରାଜନୀତି'ର ରୂପ ନେଇ ନଥା'ନ୍ତା। ଦୁଇଟି ଯାକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଓ ଧନ୍ୟବାଦ ଅର୍ପଣରେ ମୁଖର ହେବା ପରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି କ'ଣ ସତରେ ଓଡ଼ିଶା ଏଥିପାଇଁ ହକ୍‌ଦାର ନଥିଲା? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ବହୁଦଳୀୟ ଶାସନ ଅଧିକାର ଓ ସଂଘୀୟ ବ୍ୟବସ୍ଥା ସ୍ୱତଃ ଆଲୋଚନା ପରିସରକୁ ଆସିବ ଏବଂ ରାଷ୍ଟ୍ରନୀତିରେ ଆଞ୍ଚଳିକ ବିକାଶ ନୀତି ଅଧିକ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ।

ରାଜନୀତିରେ 'ଆଞ୍ଚଳିକବାଦ' ଏକ ଅସ୍ପୃଶ୍ୟ ବିଚାର ନୁହେଁ, ବରଂ ଏକ ଆଦର୍ଶ, ଯାହା ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମାବେଶୀ ବିକାଶକୁ ସର୍ବାଦୌ ଗୁରୁତ୍ୱ ଦିଏ। କ୍ରମାଗତ କେନ୍ଦ୍ରୀୟ ଅବହେଳାରୁ 'ଆଞ୍ଚଳିକବାଦ'ର ଜନ୍ମ ହୋଇଥିବାରୁ ଜାତୀୟ ରାଜନୀତିରେ କ୍ଷମତା ଦୌଡ଼ରୁ ବହୁ ଦୂରରେ ନିରବଚ୍ଛିନ୍ନ ଓ ସମର୍ପିତ ଭାବେ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ହିଁ ଆଞ୍ଚଳିକ ଦଳମାନଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ଜାତୀୟ ଦଳମାନଙ୍କ ଆଦର୍ଶ ଓ ନୀତିରେ ବିରଳ। ଓଡ଼ିଶାରେ ଏହି ଆଞ୍ଚଳିକ ବିକାଶସର୍ବସ୍ୱ ଆଦର୍ଶର ପରିପ୍ରକାଶ ବିଜୁ ପଟ୍ଟନାୟକଙ୍କ ଅମଳରେ ଜନ୍ମ ନେଇ ତାଙ୍କ ଅବର୍ତ୍ତମାନରେ ତାଙ୍କ ନାମରେ ଗଠିତ 'ବିଜୁ ଜନତା ଦଳ'ର ଶାସନ କାଳରେ ଅଧିକ ପରିପୁଷ୍ଟ ହେଲା। ଏ ସମ୍ପର୍କରେ ଆଲୋଚନା ପୂର୍ବରୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ ଗଠନର ଅପରିହାର୍ଯ୍ୟତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ସମୀଚୀନ ହେବ।

ଆର୍ଥିକ, ସାମାଜିକ, ଭୌଗୋଳିକ, ଧାର୍ମିକ, ଭାଷା ଓ ସଂପ୍ରଦାୟ ଆଦି ଦୃଷ୍ଟିରୁ ବିବିଧତାରେ ପରିପୂର୍ଣ୍ଣ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ଶାସନ ବ୍ୟବସ୍ଥା ସୃଷ୍ଟି କରାଗଲା, ସେଥିରେ ଭାରତ ଏକ ସଂଘୀୟ ସାଧାରଣତନ୍ତ୍ରର ମାନ୍ୟତା ପାଇଲା। ଏହା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସମୂହଙ୍କର ଏକ ସମାହାର ବା ସଂଘରେ ପରିଣତ ହେଲା। ସେତେବେଳେ କିନ୍ତୁ ରାଜ୍ୟ ସମୂହଙ୍କ କ୍ଷମତା, ସ୍ୱାୟତ୍ତତା ଓ ସ୍ଥିତି ଘେନି ସଂଶୟ ସୃଷ୍ଟି ହେଲା ଏବଂ ସର୍ବୋଚ୍ଚ କ୍ଷମତାଶାଳୀ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ଘଟକ ରାଜ୍ୟମାନଙ୍କୁ ବଚସ୍କର କରି ରଖିପାରେ ବୋଲି ଚିନ୍ତା ଉଦ୍ରେକ ହେଲା। ଏହି ସଂଶୟର ଅବସାନ ପାଇଁ ସମ୍ବିଧାନର ପ୍ରମୁଖ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ପଷ୍ଟ କରିଥିଲେ ଯେ, 'ଭାରତର ଚିଠା ସମ୍ବିଧାନ ସ୍ୱଭାବତଃ ଏକ ସଂଘୀୟ ସମ୍ବିଧାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ହେବ। ପ୍ରସ୍ତାବିତ ସମ୍ବିଧାନରେ ଏହି ଦ୍ୱୈତ ଶାସନରେ କେନ୍ଦ୍ରରେ ଗୋଟିଏ ଏବଂ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ନିଜ ନିଜ କାର୍ଯ୍ୟ ପରିସର ଓ ଅଧିକାରଭୁକ୍ତ କ୍ଷେତ୍ରରେ ସ୍ୱାଧୀନଭାବେ ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରିବାର ଅଧିକାର ପାଇବେ।'

ସ୍ୱାଧୀନତା ପରେ ଭାରତରେ ଆଞ୍ଚଳିକ ସ୍ୱାର୍ଥ ସମ୍ବଳିତ ଆକାଂକ୍ଷା ସୃଷ୍ଟି ହେଲା ଏବଂ ଏହାକୁ ନେଇ ଅଧିକାରର ସ୍ୱର ରାଜନୀତିରେ ପ୍ରତିଫଳିତ ହେଲା। ସେସବୁ ସ୍ୱର କ୍ରମଶଃ ଶାଣିତ ହୋଇଥିଲେ ହେଁ ଜାତୀୟ ସ୍ୱାର୍ଥର ପରିପନ୍ଥୀ ନଥିଲା। ପ୍ରାୟ ସବୁ ଭାରତୀୟଙ୍କ ପାଇଁ ଜାତୀୟତା ବା ରାଷ୍ଟ୍ରୀୟତା ଏକ ଧ୍ରୁବସତ୍ୟ ଓ ସାଲିସବିହୀନ ପ୍ରଶ୍ନ ହୋଇଥିବା ବେଳେ ଆଞ୍ଚଳିକ ସ୍ୱାର୍ଥରକ୍ଷା ଏକ ପ୍ରାଥମିକ ବାସ୍ତବତା ଭାବେ କ୍ରମେ ଆତ୍ମପ୍ରକାଶ କଲା। ନିଜ ନିଜ ରାଜ୍ୟର ପ୍ରଗତି ପାଇଁ ସବୁ ରାଜ୍ୟ କେନ୍ଦ୍ରର ଉପଯୁକ୍ତ ସାହାଯ୍ୟ ସହଯୋଗ ଆଶା କଲେ। ଏଥିରେ ନିରାଶ ରାଜ୍ୟମାନେ ଦାବି ଉପସ୍ଥାପନ ଜରିଆରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେଲେ। ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଗୋଟିଏ ଦଳର ଶାସନାଧୀନ ରହିଲା ସେତେବେଳେ 'ଆଞ୍ଚଳିକବାଦ' ଜାତୀୟ ରାଜନୀତିରେ ବିଲୀନ ହୋଇଗଲା। ସ୍ୱାଭାବିକ ଭାବେ ବିପୁଳ ସୁଯୋଗ ଓ ସମ୍ଭାବନା ସତ୍ତ୍ୱେ ରାଜ୍ୟ ବିକାଶ ଧାରା ମନ୍ଥର ହୋଇପଡ଼ିଲା ଏବଂ ରାଜ୍ୟୱାରୀ ବିକାଶରେ ବୈଷମ୍ୟ ଉତ୍କଟ ହେବାରେ ଲାଗିଲା। ଓଡ଼ିଶା ଭଳି ବହୁ ରାଜ୍ୟ ଅବହେଳିତ ହୋଇ ଦରିଦ୍ର ରାଜ୍ୟର ଅପବାଦ ମୁଣ୍ଡାଇବାରେ ଲାଗିଲେ।

ଏହି ପୁଞ୍ଜିଭୂତ ଅସନ୍ତୋଷରୁ ଜନ୍ମ ନେଲା କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ଓ ଅବହେଳା ପ୍ରସଙ୍ଗ। 'ରାଷ୍ଟ୍ରନୀତି', 'ଜାତୀୟ ରାଜନୀତି' ଓ 'ଆଞ୍ଚଳିକବାଦ' ମଧ୍ୟରେ ସ୍ପଷ୍ଟ ଅଭାବବୋଧାରୁ ଜନ୍ମ ନେଲେ ଏକାଧିକ ଆଞ୍ଚଳିକ ଦଳ। ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦିରେ ଯେଉଁସବୁ ଆଞ୍ଚଳିକ ଦଳ ଜନ୍ମ ନେଇ କ୍ଷମତା ହାସଲ କରିବାରେ ସଫଳ ହେଲେ, ତା'ପଛରେ ଥିଲା 'ଆଞ୍ଚଳିକବାଦ'ର ବାସ୍ତବତା, ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସମର୍ଥନ। ଓଡ଼ିଶାରେ ବିଗତ ଶତାବ୍ଦୀର ୫୦ ରୁ ୬୦ ଦଶକ ମଧ୍ୟରେ ଗଣତନ୍ତ୍ର ପରିଷଦ, ଜନକଂଗ୍ରେସ୍, ଉତ୍କଳ କଂଗ୍ରେସ ଆଦି କେତେକ ଆଞ୍ଚଳିକ ଦଳ ଗଠିତ ହୋଇ ଜାତୀୟ ଦଳର ବିକଳ୍ପ ଭାବେ ରାଜ୍ୟ ରାଜନୀତିରେ ସଫଳତା ହାସଲ କରିଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରିନଥିଲେ। ୧୯୯୭ ମସିହାରେ ବିଜୁ ଜନତା ଦଳ ଗଠନ ହୋଇ ୨୦୦୦ ମସିହାରେ ରାଜ୍ୟର ଶାସନ କ୍ଷମତା ସମ୍ଭାଳିବା ପରେ ରାଜ୍ୟ ଓ ଜାତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଆଞ୍ଚଳିକବାଦର ବାସ୍ତବତା ଗୁରୁତ୍ୱ ପାଇଲା ଏବଂ ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖାଗଲା। ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିକାଶ ମାନଦଣ୍ଡର ସବୁକ୍ଷେତ୍ରରେ ପଛରେ ଥିବା ଭାରତର କେବଳ ଏକ ଭୌଗୋଳିକ ପରିପ୍ରକାଶ ଥିଲା। ଓଡ଼ିଶାର ବିପୁଳ ଖଣିଜ ସମ୍ବଳକୁ କେନ୍ଦ୍ର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଉପଯୋଗ କରୁଥିବା ବେଳେ ରାଜ୍ୟର ବିକାଶ ପ୍ରତି ଯଥୋଚିତ ଧ୍ୟାନ ଦେଉ ନଥିଲା। ସଡ଼କ, ରେଳ ଯୋଗାଯୋଗ, ବନ୍ଦର, ଭିତ୍ତିଭୂମି, ରାଷ୍ଟ୍ରୀୟ ଉଦ୍ୟୋଗ, ଶକ୍ତି, ଯୋଗାଯୋଗ ଆଦି ଅନେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ପଡ଼ିଥିଲା। ବନ୍ୟା ଓ ବାତ୍ୟାର ଚିରସହଚର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନ ଥିଲେ। ତେଣୁ ଏହା ବିରୋଧରେ ଯେଉଁ ରାଜନୈତିକ ସ୍ୱର ଉତ୍ତୋଳିତ ହୋଇଥିଲା ତାହାକୁ ଓଡ଼ିଶାବାସୀ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇଥିଲେ।

ଯଦି କେନ୍ଦ୍ରୀୟ ଅବହେଳା ଓ ଐତିହାସିକ ଅନ୍ୟାୟକୁ ଓଡ଼ିଶାବାସୀ ଉପଲବ୍ଧ କରି ନଥା'ନ୍ତେ ତେବେ ବିଜେଡି ଓ ଏହାର ନେତାଙ୍କୁ ୫ଟି ଲଗାତାର ନିର୍ବାଚନରେ ବିଜୟୀ କରି ନଥା'ନ୍ତେ। ଦୀର୍ଘ ୨୪ ବର୍ଷର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଏବେ ଓଡ଼ିଶା ଅନେକ କ୍ଷେତ୍ରରେ ଆଗୁଆ ଏବଂ ଜାତୀୟ ସ୍ତରରେ ଉଦାହରଣୀୟ ଓ ଅନୁକରଣୀୟ। ଆଞ୍ଚଳିକବାଦ ଓ ଆଞ୍ଚଳିକ ଦଳର ଶାସନ ବିନା ଏହା ସମ୍ଭବ ହୋଇପାରି ନ ଥା'ନ୍ତା କି କେବେ ମଧ୍ୟ ସମ୍ଭବ ହେବ ନାହିଁ। ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ-ସଂଗ୍ରାମକୁ ଦୃଢ଼ ଓ ଶାଣିତ କରିବା ଫଳରେ ଏବେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଦୃଷ୍ଟିଦେବାକୁ ବାଧ୍ୟ ହେଉଛନ୍ତି। ଏହା କେନ୍ଦ୍ରର ଦୟା କିମ୍ବା ଅନୁକମ୍ପା ନୁହଁ, ରାଷ୍ଟ୍ରନୀତିର ଏକ ବାଧ୍ୟବାଧକତା। ଏଥିରେ କୃତଜ୍ଞତା ଓ ଧନ୍ୟବାଦର ପ୍ରଶ୍ନ ଉଠୁଛି କେଉଁଠି?

ଶେଷରେ ଏହା ଉଲ୍ଲେଖ କରିବା ପ୍ରୟୋଜନ ଯେ ଆଞ୍ଚଳିକବାଦକୁ ବିଚ୍ଛିନ୍ନତାବାଦର ତରାଜୁରେ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାର ଯବକାଚରେ ପରଖିବା ଉଚିତ ହେବ। ସବୁ ରାଜ୍ୟ ସମାନ ଭାବରେ ବିକଶିତ ହେଲେ ଯାଇ ରାଷ୍ଟ୍ର ସମୃଦ୍ଧ ଓ ସଫଳ ହେବ। ଓଡ଼ିଶା ଏ କଥା ବହୁ ଆଗରୁ କହିଆସୁଛି, ଯାହାକୁ କେନ୍ଦ୍ର ସରକାର ଏବେ ସ୍ୱୀକାର କରୁଛନ୍ତି। ବିକାଶର ଭାରସାମ୍ୟ ରକ୍ଷା ରାଜନୀତି ନୁହେଁ, ରାଷ୍ଟ୍ରନୀତିର ଏକ ଅପରିହାର୍ଯ୍ୟ ଅଂଶବିଶେଷ। ବଡ଼ କଥା ହେଲା ଟିକସ ସଂଗ୍ରହ ଓ ସମ୍ବଳ ଆବଣ୍ଟନର ସୁସ୍ଥ ବ୍ୟବସ୍ଥାରେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ସେ ଦାୟିତ୍ୱ କେନ୍ଦ୍ର ଯଦି ଭୁଲିଯିବ ରାଷ୍ଟ୍ରନୀତିର ପରିପନ୍ଥୀ ବୋଲି ଧରାଯିବ ଏବଂ ଆଞ୍ଚଳିକ ସ୍ତରରେ ବିବାଦ ଓ ପ୍ରତିବାଦ ଉଠିବ। ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଲୋକେ ସରକାର ବାଛନ୍ତି ଏବଂ ନିଜର ଆଶା ଆକାଂକ୍ଷା ପୂରଣ କରିଥା'ନ୍ତି। ଏଥିରେ ଅସୂୟାବୋଧ ଓ ଅସ୍ୱାଭାବିକବୋଧତାର ସ୍ଥାନ ନାହିଁ। ସ୍ୱାଧୀନୋତ୍ତର ଭାରତର ରାଜନୀତିରେ ଆଞ୍ଚଳିକବାଦର ସଫଳତା ଆଧାରରେ ଆଜି ଏକାଧିକ ରାଜ୍ୟରେ ଆଞ୍ଚଳିକ ଦଳ କ୍ଷମତାରେ ଅଛନ୍ତି। ଗଣତନ୍ତ୍ରରେ ଭୋଟର ହିଁ ଭାଗ୍ୟବିଧାତା। କଥାରେ ନୁହେଁ, କାମରେ ସେମାନଙ୍କ ବିଶ୍ୱାସ ଓ ଭରସା ଜିତାଯାଇପାରେ। ନିର୍ବାଚନ ଏକ ମାଧ୍ୟମମାତ୍ର। ପ୍ରଶଂସା ଓ କୃତଜ୍ଞତା ନୁହେଁ, ଯେଉଁମାନଙ୍କ ପାଇଁ ଏ ସରକାର ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବା ସାମ୍ପ୍ରତିକ ରାଜନୀତିର ସବୁଠାରୁ ବଡ଼ ଆହ୍ୱାନ। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

# ସାମାଜିକ ଗଣମାଧ୍ୟମ ଓ ସରକାରୀ ସେବା

ବରୁଣ କୁମାର ମହାପାତ୍ର

ଫକୀର ମୋହନ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି। ଆଜିକାଲି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ। ଶସ୍ତା ଇଣ୍ଟରନେଟ୍ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ବି ହେଉଛି। ସାଧାରଣ ଲୋକଙ୍କ ବ୍ୟତୀତ ନେତା, ମନ୍ତ୍ରୀ, ସରକାରୀ ସଂସ୍ଥାଙ୍କ ଉପସ୍ଥିତି ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରହିଛି। ଏଭଳି ସ୍ଥଳେ ସରକାର ଓ ଲୋକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ସେତୁ ସଦୃଶ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ। ଏହାଦ୍ୱାରା ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହଟିପାରିବ। ଲୋକେ ସ୍ୱଚ୍ଛନ୍ଦରେ ସରକାରୀ ସେବାର ଲାଭ ପାଇପାରିବେ।

ସାମ୍ପ୍ରତିକ ସମୟରେ ପ୍ରାୟ ସବୁକାର୍ଯ୍ୟ ଅଙ୍ଗୁଳି ଟିପରେ ହେଉଥିବା ବେଳେ ଯୁଗ ସହ ତାଳ ଦେଇ ଏକ ସମାନ୍ତରାଳ ଡିଜିଟାଲ ଶାସନ ବ୍ୟବସ୍ଥା ପ୍ରାୟ ଅନେକ ଦେଶରେ ଲାଗୁ ହୋଇଛି। ଆମ ଦେଶରେ ମଧ୍ୟ ଉଣା ଅଧିକେ ଚାଲୁ ରହିଛି ଏଭଳି ଶାସନ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' ଆହ୍ୱାନକ୍ରମେ ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଓ ସେବା ଲୋକଙ୍କ ପାଖରେ ଅବିଳମ୍ବେ ପହଞ୍ଚି ପାରୁଛି। 'ଫେସବୁକ୍', 'ହ୍ୱାଟ୍‌ସଆପ୍', 'ଏକ୍ସ (ଟ୍ୱିଟର)' ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରୀ ସଂସ୍ଥା ଓ ବିଭାଗଗୁଡ଼ିକ ସରକାରଙ୍କ ପ୍ରମୁଖ ନୀତି, ପଦକ୍ଷେପ, ଯୋଜନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଦି ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ତନ୍ମଧ୍ୟରୁ କିଛି ସରକାରୀ ସଂସ୍ଥା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣି ସମାଧାନ କରନ୍ତି। ଏପରିକି କିଛି ନେତା ଓ ମନ୍ତ୍ରୀ ନିଜେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆପତ୍ତି, ଅଭିଯୋଗ ଶୁଣିଥା'ନ୍ତି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟର ପୁଲିସ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ବି ଗ୍ରହଣ କଲେଣି।

ଡିଜିଟାଲ ଶାସନ ପ୍ରଣାଳୀ ଏକ ସମ୍ଭାବନାପୂର୍ଣ୍ଣ ବ୍ୟବସ୍ଥା। କିନ୍ତୁ କିଛି ଅନ୍ତରାୟ ଯୋଗୁଁ ଆମ ଦେଶରେ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରୁନି। ଏ ଦିଗରେ ଏକ ମୁଖ୍ୟ ସମସ୍ୟା ହେଉଛି ଆମ ଲୋକଙ୍କ ଡିଜିଟାଲ ନିରକ୍ଷରତା। ଗତ କିଛିବର୍ଷ ମଧ୍ୟରେ ଭାରତରେ ଟେଲି ସାନ୍ଦ୍ରତା ଦ୍ରୁତ ଗତିରେ ବଢ଼ିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ଟେଲି ସାନ୍ଦ୍ରତା ସମ୍ପ୍ରତି ୮୫ ପ୍ରତିଶତ। ଅର୍ଥାତ୍ ପ୍ରତି ୧୦୦ ଲୋକଙ୍କ ମଧ୍ୟରେ ୮୫ ଜଣ ଟେଲିଫୋନ୍ ବ୍ୟବହାର କରନ୍ତି। ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ସ୍ମାର୍ଟଫୋନ୍ ବ୍ୟବହାରକାରୀ। କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଫୋନ୍‌ରେ କଥା ହେବା ଛଡ଼ା ଏହାର ଅନ୍ୟ ଉପଯୋଗୀ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଯେପରିକି ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ସେବା ପାଇବା ହେଉ ଅବା ସାମାଜିକ ଗଣମାଧ୍ୟମର ବ୍ୟବହାର; ଏ ସବୁ ବିଷୟରେ ସେମାନଙ୍କର ଜ୍ଞାନ ନ ଥାଏ କିମ୍ବା ଏଥିପ୍ରତି ସେମାନେ ଆଗ୍ରହୀ ନ ଥା'ନ୍ତି।

ଏହାଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ମନ୍ତ୍ରୀ, ନେତା ଓ ସରକାରୀ ବିଭାଗଗୁଡ଼ିକର ଆକାଉଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ ବହୁଦିନ ଧରି ନିଷ୍କ୍ରିୟ କିମ୍ବା କ୍ୱଚିତ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥାଏ। ଆଉ କିଛି ସରକାରୀ ବିଭାଗ କେବଳ ଚିରାଚରିତ ନଥିପତ୍ର ଜରିଆରେ କାମ କରିବାକୁ ପ୍ରାଧାନ୍ୟ ଦିଅନ୍ତି। ସାମାଜିକ ଗଣମାଧ୍ୟମରେ ହ୍ୟାକିଂ ଭୟ ମଧ୍ୟ ଅନେକଙ୍କୁ ଏପରି ମାଧ୍ୟମ ବ୍ୟବହାର କରିବା ପାଇଁ ନିବୃତ୍ତ କରିଥାଏ।

ସମ୍ପ୍ରତି ଆମ ଶାସନ ବ୍ୟବସ୍ଥାର ପ୍ରତିସ୍ତରରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଦୁର୍ନୀତିର ମୂଳୋତ୍ପାଟନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଫଳସ୍ୱରୂପ ସରକାରୀ ଯୋଜନାର ସଫଳ ରୂପାୟନ ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଶାସନ ବ୍ୟବସ୍ଥାର ସଠିକ୍ ଉପଯୋଗ ଏକ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିପାରିବ। ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ଉନ୍ନତ ତଥା ସୁରକ୍ଷିତ ଡିଜିଟାଲ ଭିତ୍ତିଭୂମି ତିଆରି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଲେକଙ୍କୁ ଏପରି ଶାସନ ପ୍ରଣାଳୀର ଉପାଦେୟତା ଏବଂ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଡିଜିଟାଲ ଶାସନ ବ୍ୟବସ୍ଥାରେ ଡାଟା ସୁରକ୍ଷା ଓ ଗୋପନୀୟତା ଏକ ବଡ଼ ଆହ୍ୱାନ। କାରଣ ଏଭଳି ଶାସନ ପ୍ରଣାଳୀରେ ସରକାରୀ ବିଭାଗଗୁଡ଼ିକର ଗୋପନ ତଥା ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେଣେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଗୋପନୀୟତା ମଧ୍ୟ ଚୋରି ହେବାର ବିପଦ ରହିଛି। ଉଭୟ ସରକାରୀ ସଂସ୍ଥା ଓ ଲୋକଙ୍କ ଗୋପନୀୟତା ରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ଏଭଳି ଶାସନ ବ୍ୟବସ୍ଥାର ସୁଫଳ ସାଧାରଣ ଜନତାଙ୍କୁ ସହଜରେ ମିଳିପାରିବ। ●

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ତିବ୍ବତରେ ଲାମା

ପ୍ରବୀର କୁମାର ପଟ୍ଟନାୟକ

'ଲାମା' ଶବ୍ଦର ଅର୍ଥ ହେଲା ଉଚ୍ଚତର ପଦମର୍ଯ୍ୟାଦାଯୁକ୍ତ ବା ଊର୍ଦ୍ଧ୍ୱସ୍ଥ ଅଥବା ମଠାଧୀଶ - 'ତାଙ୍କଠାରୁ ଊର୍ଦ୍ଧ୍ୱରେ ଉଚ୍ଚସ୍ଥାନରେ ଆଉ କେହି ନୁହନ୍ତି।' ଏସବୁର ଅର୍ଥ ସଂସ୍କୃତରେ 'ଗୁରୁ'। 'ଗୁରୁ' ହେଉଛନ୍ତି ଯେ ବୌଦ୍ଧଧର୍ମରେ ଶିଷ୍ୟଙ୍କୁ ଦୀକ୍ଷିତ କରିବାର କ୍ଷମତା ରଖିଥିବା ଉଚ୍ଚସ୍ତରର ସନ୍ନ୍ୟାସୀ ସେ ହେଉଛନ୍ତି 'ଲାମା'। 'ଲାମା' କୌଣସି ଅବତାର ପୁରୁଷ ନୁହନ୍ତି କିମ୍ବା ସବୁ ଅବତାର ପୁରୁଷ 'ଲାମା' ନୁହନ୍ତି। ତିବ୍ବତୀୟ, ମଙ୍ଗୋଲୀୟ ଓ ମାଞ୍ଚୁରୀୟ ଧର୍ମଶାସ୍ତ୍ର ଏବଂ ସରକାରୀ ନୀତିନିୟମ 'ଲାମା'ମାନଙ୍କର ଆଧ୍ୟାତ୍ମିକ କ୍ଷମତା, କର୍ତ୍ତୃତ୍ୱ ଏବଂ ଐହିକ ବା ପାର୍ଥିବ ନିରାପତ୍ତା ଆଦି ଧାର୍ଯ୍ୟ କରିଛନ୍ତି।

'ଲାମା' ଅର୍ଥାତ୍ 'ଗୁରୁ' ବା 'ପୁରୋହିତ' ଶବ୍ଦ ତିବ୍ବତରେ ବୌଦ୍ଧ ଧର୍ମର ପ୍ରବେଶ ପୂର୍ବରୁ ପ୍ରଚଳିତ ଥିଲା। ସ୍ଥାନୀୟ 'ବନ୍' ଧର୍ମର ପୁରୋହିତଙ୍କୁ ମଧ୍ୟ 'ଲାମା' କୁହାଯାଉଥିଲା। 'ଲାମା' ଶବ୍ଦର ଐତିହାସିକ ପ୍ରଚଳନ ତିବ୍ବତୀୟ ବ୍ୟାକରଣରେ ମଧ୍ୟ ଦେଖାଯାଏ। ଯେଉଁ ବ୍ୟାକରଣ ହେଉଛି ଖ୍ରୀ ୬୪୦ ବେଳକୁ ଥୋନ୍‌ମି ସମ୍ଭୋଟା ପ୍ରଚଳନ କରିଥିଲେ। ସେଥିରେ ସେ ସମସ୍ତ 'ଲାମା'ଙ୍କୁ ସମ୍ମାନ ଜଣାଇଛନ୍ତି। ଏହି ସବୁ 'ଲାମା' ନିଶ୍ଚିତ ଭାବେ ଭାରତୀୟ 'ଲାମା', ଯେଉଁମାନଙ୍କଠାରୁ ଥୋନ୍‌ମି ଶିକ୍ଷାଲାଭ କରିଥିଲେ ଭାରତରେ।

ତିବ୍ବତରେ କିନ୍ତୁ 'ଲାମା' ଶବ୍ଦ ବା ଚିହ୍ନିତ କରିବାର ଶ୍ରେଣୀ ପ୍ରଥମେ ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ମହାଗୁରୁ ବା ଗୁରୁ ରିନ୍‌ପୋଚେ ଭାବେ ପରିଚିତ ପଦ୍ମସମ୍ଭବ ତିବ୍ବତରୁ 'ବନ୍' ଧର୍ମର ଲାମାମାନଙ୍କୁ ପ୍ରାୟ ମୂଳପୋଛ କରି ଦେଇଥିଲେ। କିନ୍ତୁ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମିତ୍ତ ସେ ସ୍ଥାନୀୟ ପୁରୋହିତମାନଙ୍କର ଏକ ସଂଘ ଗଠନ କଲେ। ପ୍ରଥମ କରି ଏହି ସଂଘରେ ମହାଗୁରୁ ପଦ୍ମସମ୍ଭବ ସାତଜଣଙ୍କୁ ଦୀକ୍ଷିତ କରାଇ ଭର୍ତ୍ତି କରାଇଲେ। ଏହି ସାତଜଣ ଦୀକ୍ଷିତ ଶିଷ୍ୟ ହେଲେ ତିବ୍ବତର ପ୍ରଥମ 'ଲାମା'। ଏହି 'ଲାମା' ଓ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ 'ଲାମା'ମାନେ ତିବ୍ବତର ପ୍ରଥମ ରାଷ୍ଟ୍ରୀୟସ୍ତରର ସର୍ବୋଚ୍ଚ ମଣ୍ଡଳୀ ବା କର୍ତ୍ତା ଭାବେ ସ୍ୱୀକୃତ ହେଲେ। ଏପରିକି ରାଷ୍ଟ୍ରୀୟ ମାର୍ଯ୍ୟାଦାରେ ରାଜାମାନେ 'ଲାମା'ଙ୍କ ପରବର୍ତ୍ତୀ ପଦବୀର କର୍ମକର୍ତ୍ତା ଭାବେ ଗଣା ଯାଉଥିଲେ।

## ଦ୍ୱିତୀୟ-ବୁଦ୍ଧ କଥା

ଏହିପରି ଭାବେ ତିବ୍ବତରେ ବୌଦ୍ଧ ଧର୍ମ ଗୁରୁ (ଲାମା) ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ସେ ହେଉଛନ୍ତି ତିବ୍ବତୀୟ ବୌଦ୍ଧ ଧର୍ମର ତ୍ରାଣକର୍ତ୍ତା; ସେହିଁ ତିବ୍ବତୀୟ ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ 'ଗୁରୁ' ଭାବେ ପରିଚିତ ଓ ପ୍ରତିଷ୍ଠିତ। ଖ୍ରୀ ୮୧୨ ରେ ରାଜହତ୍ୟା ପରେ ପରେ ପରବର୍ତ୍ତୀ ଦୁଇ ଶତାବ୍ଦୀ ପରେ ପୁଣି ବୌଦ୍ଧ ସନ୍ନ୍ୟାସୀମାନେ ପୂର୍ବଭଳି ସମ୍ମାନଜନକ ମୁଖ୍ୟସ୍ରୋତକୁ ଫେରି ଆସିଲେ। ଏହା ପରଠାରୁ ବୌଦ୍ଧ ଧର୍ମରେ ଯେଉଁ ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘ ଶରଣରେ ବୋଲି କୁହାଯାଉଥିଲା ଏହି ସମୟରେ ତା' ପୂର୍ବରୁ 'ଲାମା ଶରଣେ' କୁହାଗଲା। ପ୍ରାରମ୍ଭିକ କାଳରେ 'ଲାମା ଶରଣେ' କୁ ମୁଖ୍ୟତଃ ଆଧ୍ୟାତ୍ମିକ ଓ ନୈତିକ ଅର୍ଥରେ ବୁଝାଯାଉଥିଲା। 'ଲାମା'ମାନେ ବୌଦ୍ଧ ଧର୍ମଶାସ୍ତ୍ରର ଦାୟିତ୍ୱ ଓ ଶିକ୍ଷାନୁଷ୍ଠାନ ପରିଚାଳନାର ମୁଖ୍ୟଭାବେ ରହୁଥିବାରୁ 'ଲାମା' ସାଧାରଣତଃ ସମାଜରେ ଏକ ପ୍ରତିଷ୍ଠାସମ୍ପନ୍ନ ଓ ସମ୍ମାନାସ୍ପଦ ପଦବୀ ଭାବେ ଗଣ୍ୟ ହେଉଥିଲେ ଏବଂ ତାଙ୍କ ଶରଣରେ ଯିବା ସ୍ୱାଭାବିକ ଥିଲା। ପରବର୍ତ୍ତୀ କାଳରେ ପ୍ରାୟ ଗୋଟିଏ ଶତାବ୍ଦୀ (ଖ୍ରୀ ୧୨୫୦ରୁ) ଧରି ଶାକ୍ୟ ସଂପ୍ରଦାୟର 'ଲାମା'ମାନେ ସରକାର ଅର୍ଥାତ୍ ଶାସନ ଦାୟିତ୍ୱ ମଧ୍ୟ ତୁଲାଇଲେ।

ପଞ୍ଚଦଶ ଶତାବ୍ଦୀ ଆରମ୍ଭ ବେଳକୁ 'ଗେଲୁଗ୍‌ସର୍ପା' ସଂପ୍ରଦାୟର ଉତ୍ଥାନ ପୂର୍ବରୁ କେନ୍ଦ୍ର ତିବ୍ବତରେ କିଛୁକାଳ 'କର୍ମପା' ଲାମାମାନେ ମଧ୍ୟ ଶାସନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଗେଲୁଗ୍‌ସର୍ପା ଗୋଷ୍ଠୀ ଅନ୍ତର୍ଭୁକ୍ତ 'ଦଲାଇଲାମା' ତିବ୍ବତରେ ଖ୍ରୀ ୧୬୪୨-୧୯୫୦ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ତିବ୍ବତରେ ଶାସନ ଦାୟିତ୍ୱରେ ଥିଲେ ଭାରତ ଆସିବା ପର୍ଯ୍ୟନ୍ତ। ଭାରତରେ ମଧ୍ୟ ନିର୍ବାସିତ ଅବସ୍ଥାରେ ତିବ୍ବତୀୟମାନଙ୍କର ଶାସନ ମୁଖ୍ୟ ଭାବେ ଦଲାଇଲାମା ହିଁ ରହିଛନ୍ତି। ତିବ୍ବତରେ ବୌଦ୍ଧଧର୍ମର ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏଣୁ ଏହି ନିର୍ଦ୍ଦିଷ୍ଟ ସଂପ୍ରଦାୟ ହାତରେ ଶାସନ ଦାୟିତ୍ୱ ରହିବା କାଳରେ ସେମାନେ ସବୁ ବିଭିନ୍ନ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସୁବିଧା ସୁଯୋଗ ଓ ନିରାପତ୍ତା ଭୋଗ କରିବା ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିବା ସହ ତିକ୍ତ ସଂପର୍କ ରହୁଥିଲା। ● ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେବେ ମିଳିବ ସ୍ୱାବଲମ୍ବନ କାର୍ଡ?

## ଅପେକ୍ଷାରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୯।୮(ସମିସ): ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ୟୁନିକ୍ ଡିଜାବିଲିଟି ଆଇଡି (ସ୍ୱାବଲମ୍ବନ କାର୍ଡ) ପାଇଁ ଆବେଦନ କରି ଚାହିଁ ବସିଛନ୍ତି। କିନ୍ତୁ ଏହି କାର୍ଡ ମିଳି ପାରୁ ନ ଥିବାରୁ ଦିବ୍ୟାଙ୍ଗମାନେ ଯୋଗ୍ୟ ଥାଇ ମଧ୍ୟ ବିଭିନ୍ନ ପ୍ରକାର ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ଚିନ୍ତାଜନକ କଥା ହେଉଛି ଯେ ଲୋକସଂଖ୍ୟା ଦୃଷ୍ଟିରୁ ଦେଶରେ ଓଡ଼ିଶା ବିଭିନ୍ନ ରାଜ୍ୟଠାରୁ ତଳେ ରହିଛି। ମାତ୍ର ଏହି କାର୍ଡ ଆବେଦନ ପଡ଼ି ରହିବାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସାରା ଦେଶରେ ଏହି ପରିଚୟପତ୍ର ପାଇଁ ପ୍ରାୟ ୧.୪୭ କୋଟି ଆବେଦନ ପଡ଼ି ରହିଛି। ଏଥିରେ ଓଡ଼ିଶାରୁ ୧,୭୮,୬୨୮ ଆବେଦକ ରହିଛନ୍ତି। ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡ଼ିଶା ମାମଲା ପକାଇ ରଖିବାରେ ୩ନମ୍ବରରେ ରହିଛି।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତୀକରଣ ବିଭାଗ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ଜାତୀୟ ଡାଟାବେସ୍ ତିଆରି କରିବା ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ 'ୟୁଡିଆଇଡି' କାର୍ଡ ପ୍ରଦାନ କରାଯାଉଛି। ଏଥିପାଇଁ 'ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଅନନ୍ୟ ଆଇଡି' ଭାବରେ ଏକ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେଉଛି। ଏହି ପ୍ରମୁଖ ପଦକ୍ଷେପ ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେବେଠାରୁ, ରାଜ୍ୟରେ ୮ଲକ୍ଷ ୬୦ହଜାର ୮୦ଟି ଅନନ୍ୟ ଭିନ୍ନକ୍ଷମ ପରିଚୟପତ୍ର ଜାରି ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ୧୨.୪୪ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି ଏବଂ ଏହି ଜନସଂଖ୍ୟାର ୧୦.୧୪ ପ୍ରତିଶତ ଲୋକ ବହୁବିଧ ଅକ୍ଷମତାର ସମ୍ମୁଖୀନ ହେଉଛନ୍ତି।

ଏହି କାର୍ଡ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ସହିତ ଯାତ୍ରା କ୍ଷେତ୍ରରେ ରିହାତି ପ୍ରଦାନ କରୁଥିବାରୁ ବିଭିନ୍ନ ରାଜ୍ୟର ଦିବ୍ୟାଙ୍ଗମାନେ ଏହି କାର୍ଡକୁ ଗୁରତ୍ୱ ଦେଇଥା'ନ୍ତି। ଏହା 'ୟୁଡିଆଇଡି' ପୋର୍ଟାଲ୍ ମାଧ୍ୟମରେ ଆବେଦନ ଓ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ ପରେ ହିଁ କାର୍ଡ ମିଳିଥାଏ। ମାନୁଆଲ୍ ମୋଡ୍‌ରେ ଜାରି କରାଯାଇଥିବା ପ୍ରମାଣପତ୍ରଗୁଡ଼ିକ ଆଉ ଗ୍ରହଣୀୟ ହେଉନଥିବାରୁ ଏହାର ଗୁରୁତ୍ୱ ଅଧିକ ବଢ଼ିଯାଇଛି। ଏମିତିକି, ସରକାରୀ ଯୋଜନାର ବିଭିନ୍ନ ସୁବିଧା ପାଇବା ପାଇଁ ଗତବର୍ଷ ସେପ୍ଟେମ୍ବରରୁ ଏହି ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଥିବାରୁ ଅନେକ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ୟା ଆହୁରି ବଢ଼ିଯାଇଛି। ୟୁଡିଆଇଡି କାର୍ଡ ସୃଷ୍ଟି କରିବା ପାଇଁ ଆବେଦନକାରୀଙ୍କ ମଧ୍ୟରେ ସବୁଠୁ ଅଧିକ ଆବେଦନ ରାଜ୍ୟର ୧୦ଟି ଜିଲ୍ଲାରେ ପଡ଼ିରହିଛି। ଏଥିରେ କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଜଗତସିଂହପୁର, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଏବଂ ରାୟଗଡ଼ା ଆଦି ଜିଲ୍ଲା ରହିଛି।

# ଇ-ବସ୍ ପ୍ରତି ବଢୁନି ଆଗ୍ରହ

- ଆଗ୍ରହ ଦେଖାଉନାହାନ୍ତି ଘରୋଇ ବସ୍ ମାଲିକ
- ଇଭି ଭିତ୍ତିଭୂମି ନଥିବାରୁ ଅନାଗ୍ରହ
- କେବଳ ସରକାରୀ କ୍ଷେତ୍ରରେ ଚାଲୁଛି

ଭୁବନେଶ୍ୱର,୨୯।୮(ସମିସ): ପରିବେଶ ଅନୁକୂଳ ଇ-ବସ୍ ଚଳାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଅଧିକରୁ ଅଧିକ ଇ-ବସ୍ ଚଳାଇବା ସହ ଅଧିକ ଯାତ୍ରୀ ବ୍ୟବହାର କରିବା ଉପରେ ସହରାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଏଥିରେ ବିଶେଷକରି ଯାତ୍ରୀଙ୍କ ପାଇଁ ସହଜ ଓ ସୁବିଧା ଯାତାୟାତ ବ୍ୟବସ୍ଥା ଉପଲବ୍ଧ ହେଉଛି। ସାଧାରଣ ପରିବହନ ସେବାରେ ଇ-ବସ୍‌ର ବ୍ୟବହାର ବୃଦ୍ଧି ପାଉଛି। ମାତ୍ର ଏହା କେବଳ ସରକାରୀସ୍ତରରେ ସୀମିତ ରହିଛି। ବେସରକାରୀସ୍ତରରେ ଏହାକୁ ଆପଣାଯାଉନି। ଏଥିସହ ଦୂରଯାତ୍ରା କ୍ଷେତ୍ରରେ ଇ-ବସ୍‌କୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ବ୍ୟବହାର କରାଯାଇପାରୁନି। ରାଜ୍ୟରେ ଇ-ବସ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକଶିତ ହୋଇନି। ବିଶେଷକରି, ମରାମତି ଓ ରକ୍ଷଣାବେକ୍ଷଣ କରିବା ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ତେଣୁ ଘରୋଇ ବସ୍ ମାଲିକମାନେ ଇ-ବସ୍ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଦେଖାଯାଉଛି।

ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଏ କ୍ଷେତ୍ରରେ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦେଶରେ ପରିବେଶ ଅନୁକୂଳ ଏହି ଇ-ବସ୍ ଚଳାଇବା ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷକରି ସହରାଞ୍ଚଳରେ ଇ-ବସ୍ ଚଳାଚଳକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା କରାଯାଉଛି। ଏହି ଯୋଜନାରେ ଇ-ବସ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ନିଗମଗୁଡ଼ିକ ସେମାନଙ୍କ ପ୍ରସ୍ତାବ କେନ୍ଦ୍ର ନିକଟକୁ ପଠାଇଲେ ଏହା ଉପରେ କେନ୍ଦ୍ର ବିଚାର କରିବ। ସେହିଭଳି ବିଭିନ୍ନ ରାଜ୍ୟର ନଗର ଉନ୍ନୟନ ବିଭାଗ ମଧ୍ୟ ଏଥିପାଇଁ କେନ୍ଦ୍ର ନିକଟରେ ପ୍ରସ୍ତାବ ଦେଉଛନ୍ତି।

ସୂଚନାନୁଯାୟୀ, ସମଗ୍ର ଦେଶରେ ଏବେ ୧୪,୩୨୯ଟି ଇ-ବସ୍ ଚାଲୁଥିବା ବେଳେ ଦିଲ୍ଲୀରେ ସର୍ବାଧିକ ୩୫୬୪ଟି ଚଳାଚଳ କରୁଛି। ଏହା ପଛକୁ ମହାରାଷ୍ଟ୍ର ରହିଛି। ସେହି ରାଜ୍ୟରେ ୩୨୯୬ଟି ବସ୍ ଚଳାଚଳ କରୁଥିବା ବେଳେ କର୍ଣ୍ଣାଟକରେ ୨୨୩୬ଟି, ଉତ୍ତରପ୍ରଦେଶରେ ୮୫୦ଟି ଓ ଏହା ପଛକୁ ଓଡ଼ିଶାକୁ ୪୫୦ଟି ଇ-ବସ୍ ମିଳିଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଇ-ବସ୍ ସଂଖ୍ୟା ୨୩୮ଟି ଥିବା ବେଳେ ଛତିଶଗଡ଼ରେ ୨୧୫, ଝାଡ଼ଖଣ୍ଡରେ ୪୬ ଓ ପଶ୍ଚିମବଙ୍ଗରେ ୩୯୧ଟି ଇ-ବସ୍ ମିଳିଛି। ନୀତି ଆୟୋଗ ପକ୍ଷରୁ ସମଗ୍ର ଦେଶରେ ଏହି ପରିବେଶ ଅନୁକୂଳ ଇ-ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ହେଉଥିବା ବେଳେ ୫୦ ହଜାର ଇ-ବସ୍ ଲକ୍ଷ୍ୟ ପୂରଣ ପାଇଁ କନଭରଜେନ୍ସ ଏନର୍ଜି ସର୍ଭିସ ଲିମିଟେଡ୍ (ସିଇସିଏଲ)କୁ ୨୦୨୨ ମସିହାରେ କୁହାଯାଇଥିଲା।

# ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୨୯।୮(ସମିସ): ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ଆସନ୍ତା ୩୧ ତାରିଖରେ ଅବସରକାଳୀନ ବିଦାୟ ନେବାକୁ ଯାଉଛନ୍ତି। ଏହି ଅବସରରେ କଟକ ଆୟକର ବିଭାଗ ପକ୍ଷରୁ ଶ୍ରୀମତୀ ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପରେ ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଶ୍ରୀମତୀ ତ୍ରିପାଠୀଙ୍କ କାର୍ଯ୍ୟଦକ୍ଷତା ଓ ଆୟକର ବିଭାଗରେ ତାଙ୍କର ଦୀର୍ଘମୟ ସେବାର ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରୀମତୀ ତ୍ରିପାଠୀ ତାଙ୍କର ଅବସରକାଳୀନ ବିଦାୟ ଭାଷଣରେ ସମସ୍ତ ଅଫିସର୍ ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ସେପ୍ଟେମ୍ବର ୧ତାରିଖ (ସୋମବାର) ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତାମିଲନାଡୁରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

କିଶୋରନଗର,୨୯।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁଶୁଣୀ ଗାଁର ରାମ ନାୟକ ଆଜକୁ ପ୍ରାୟ ୮ ବର୍ଷ ହେବ ତାମିଲନାଡୁର ଅମ୍ବାଦୁଲାସ୍ଥିତ ଏକ କମ୍ପାନୀରେ କାମ କରି ଆସୁଥିଲେ। ଗତ ୨୫ ତାରିଖ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ତାଙ୍କ ଗୋଡ଼ ଖସି ଯିବାରୁ ଗୁରୁତର ଆହତ ହୋଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ସାଥୀ ଶ୍ରମିକମାନେ ରାମଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କମ୍ପାନୀ ପକ୍ଷରୁ ରାମଙ୍କ ଭାଇ ଲକ୍ଷ୍ମଣଙ୍କୁ ସୂଚନା ଦିଆଯାଇଥିଲା। ଲକ୍ଷ୍ମଣ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଆଣିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏବେ ରାମଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା ଅଛନ୍ତି। ତାଙ୍କ ପରିବାରକୁ ସରକାର ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ୩ ତାରିଖରେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଆସନ୍ତା ୧୫ ତାରିଖରେ ନାଟମଣ୍ଡପ ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ ନେଇ ବିସ୍ତୃତ ଆଲୋଚନା ସହ ରୂପରେଖ ପ୍ରସ୍ତୁତ ହୋଇପାରେ। ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତରଣ ଓ ଗଣତିମଣତି ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ୍ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ନୂତନ ପରିଚାଳନା କମିଟି ମୋହର ମାରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର ଏଯାବତ୍ ଶ୍ରୀମନ୍ଦିରରେ ଦାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିପାରି ନାହାନ୍ତି।

**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.

Interview timings: **Dt. 31.08.2025 (Sunday) between 10:00 AM to 01:00 PM.**

Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**

**Mobile No: +91 83288 51843**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ ଶ୍ରଦ୍ଧାଳୁ...

ସେହିପରି ରୁଦ୍ରପ୍ରୟାଗର ଜଖୋଲିର କୋଠା ଭୁଶୁଡିବା କାରଣରୁ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ୪ ଜଣ ନେପାଳୀ ଓ ୪ ଜଣ ସ୍ଥାନୀୟ ଲୋକଙ୍କ ସହ ୮ ଜଣ ଶ୍ରମିକ ଆବର୍ଜନା ତଳେ ଦବି ରହିଛନ୍ତି। ରୁଦ୍ରପ୍ରୟାଗରେ ଆବର୍ଜନା ତଳେ ଫସି ରହିଥିବା ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଅଲକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବିପଜ୍ଜନକ ସ୍ଥିତିରେ ରହିଛି। ଜନବସତି ଅଞ୍ଚଳରେ ପାଣି ପସିଛି ଓ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଚମୋଲିରେ କେତୋଟି ପରିବାର ଆବର୍ଜନା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସାରା ଦେଶରେ ମୌସୁମୀ ବର୍ଷା କାରଣରୁ ନାହି ନଥିବା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ ଓ ପଞ୍ଜାବରେ ବନ୍ୟା ଯୋଗୁ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ବର୍ଷା ଯୋଗୁ ଦିଲ୍ଲୀର ଏକାଧିକ ଅଞ୍ଚଳରେ ପାଣି ଭରି ରହିଛି। ଦିଲ୍ଲୀର ସଡକ ଗୁଡିକ ମଧ୍ୟ ଜଳମଗ୍ନ ହୋଇଛି। ପଞ୍ଜାବରେ ବନ୍ୟା ଯୋଗୁଁ ୬ ଜଣ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ନିଖୋଜ ରହିଛନ୍ତି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ଡେରାଡୁନ୍ ଓ ବାଗେଶ୍ୱରରେ ରେଡ ଆଲର୍ଟ ଜାରି କରାଯାଇଛଇ। ଗତ ୨୧ ଦିନରେ କେବଳ ବାଦଲ ଫଟା ବର୍ଷା କାରଣରୁ ୩ଟି ରାଜ୍ୟରେ ୮୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

### ସମ୍ପର୍କ ସୁଧାରିଛି...

ଭାରତର ସ୍ଥିତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ କରୁଥିବା ପ୍ରୟାସକୁ ନେଇ କେନ୍ଦ୍ର ସରକାର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଟ୍ରମ୍ପ ବିବାଦକୁ ଆହୁରି ବଢ଼ାଇ ଥିଲେ। ଏହି ଦୁଇ ନିଷ୍ପତ୍ତି ପାଇଁ ଭାରତ ବିକଳ୍ପ ପନ୍ଥା ଆପଣାଇ ଥିଲା। ଜୁନ୍‌ରେ ଚୀନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ପଦକ୍ଷେପକୁ ଭାରତ ଗୁରୁତ୍ୱର ସହ ନେଇଥିଲା। ଏହାର ଜବାବ ଦେବା ଆରମ୍ଭ କରିଦେଇଥିଲା। ଏହା ପରେ ସ୍ଥିତି ଦ୍ରୁତଗତିରେ ବଦଳି ଯାଇଥିଲା। ୨୦୨୦ର ଗଲୱାନ ସଂଘର୍ଷକୁ ଭୁଲାଇ ଆଗକୁ ବଢ଼ିବା ପାଇଁ ଅଗଷ୍ଟରେ ଭାରତ ଏବଂ ଚୀନ୍ ରାଜି ହୋଇଥିଲେ। ସୀମା ବିବାଦର ସମାଧାନ ଲାଗି ପ୍ରୟାସକୁ ଜୋରଦାର କରିଥିଲେ। ଏବେ ମୋଦୀ ଚୀନ୍ ଗସ୍ତରେ ଯାଉଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପଙ୍କ ଶୁଳ୍କ ପୂର୍ବରୁ ମଧ୍ୟ ଭାରତ ଏବଂ ଚୀନ୍ ଆଲୋଚନା କରିଥିଲେ। ଗତ ବର୍ଷ ଲଦାଖରେ ଜାରି ଗତିରୋଧକୁ ହ୍ରାସ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଦ୍ୱାରା ମୋଦୀ ଏବଂ ଜିନପିଙ୍ଗଙ୍କ ପ୍ରତ୍ୟକ୍ଷ ସାକ୍ଷାତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏସ୍‌ସିଓ ସମ୍ମିଳନୀରେ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହିତ ଜିନପିଙ୍ଗଙ୍କୁ ଭେଟିବେ। ଏହି ସାକ୍ଷାତ ଆଲୋଚନା ଉପରେ ଆମେରିକା ତୀକ୍ଷଣ ଦୃଷ୍ଟି ରଖିଛି। କାରଣ ଏହା ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିପାରେ।

### ତୃଣମୂଳରୁ ଶକ୍ତିଶାଳୀ...

ନବୀନ ଦୁଇ ସଙ୍ଗଠନର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତିଭାଦୀପ୍ତ ଯୁବ ନେତାମାନଙ୍କୁ ଦଳ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତେଣୁ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ଦଳରେ ସୁଯୋଗ ରହିଛି ବୋଲି ଏହି ଅବସରରେ ନବୀନ ଏକ ବାର୍ତ୍ତା ଦେଇଛନ୍ତି । ଏହା ସହ ବିନମ୍ର ଓ ଶାଳୀନ ହୋଇ ଏକାଠି କାମ କରିବା ସହ ସାମ୍ପ୍ରତିକ ସମୟରେ ସାଧାରଣ ଲୋକ, ଯୁବ ଓ ଛାତ୍ରବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଦେଇ ତାହାର ସମାଧାନ କରିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ନବୀନଙ୍କ ଡ଼କରା ପାଇଁ ନବୀନ ନିବାସରେ ପହଞ୍ଚିଥିବା ଯୁବ ଓ ଛାତ୍ର ବିଜେଡିର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ନବୀନ ଦୀର୍ଘ ସମୟ ପଢ଼ାଇଛନ୍ତି ରାଜନୀତି ପାଠ। ରାଜ୍ୟ ସାରା ଭ୍ରମଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ର ଏବଂ ଯୁବକମାନଙ୍କ ସହିତ ଯୋଗାଯୋଗ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତାମାନଙ୍କୁ ନବୀନ କହିଛନ୍ତି ଯେ ଆପଣମାନଙ୍କ ଉପରେ ମୋର ବହୁତ ଆଶା ଅଛି। ଆପଣମାନେ ସବୁବେଳେ ବିନମ୍ର ଏବଂ ଶାଳୀନ ହୋଇ ରହିବା ସହ ଜନସେବାରେ ବ୍ରତୀ ହୁଅନ୍ତୁ। ନିରନ୍ତର ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା ସହ ରାଜ୍ୟବ୍ୟାପୀ ସେମାନଙ୍କ ସମସ୍ୟାର ସମାଧାନ କରନ୍ତୁ। ଏହା ସହ ସାମାଜିକ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସହ ଦଳର ନୀତି, ଆଦର୍ଶ ଏବଂ ପ୍ରତିବଦ୍ଧତାକୁ ସକ୍ରିୟ ଭାବରେ ପ୍ରଚାର କରିବାକୁ ନବୀନ ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ, ଅମରେଶ ପତ୍ରୀ, ସଞ୍ଜିତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଂଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ନବୀନଙ୍କ ସହ ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ(ସ୍ୱତନ୍ତ୍ର ଦାୟିତ୍ୱ) ବ୍ୟୋମକେଶ ରାୟ କହିଛନ୍ତି ଯେ ଦଳର ସଭାପତିଙ୍କ ପରାମର୍ଶକ୍ରମେ ଯୁବକ, ଛାତ୍ରମାନଙ୍କୁ ନେଇ ଏକ ଶକ୍ତିଶାଳୀ ସଂଗଠନ ତିଆରି ହେବ। ସରକାରଙ୍କ ଅପାରଗ ପଣିଆ ଏବଂ ମିଛ ପ୍ରତିଶ୍ରୁତି ଦେଇ ଯେଉଁ ବାହବା ନେଉଛନ୍ତି, ତାହା ଲୋକଲୋଚନକୁ ଅଣାଯିବ। ମହିଳାଙ୍କଠାରୁ ଆରମ୍ଭ କରି ଯୁବକ ଛାତ୍ର ବର୍ତ୍ତମାନ ହତାଶା ମଧ୍ୟରେ ଗତି କରୁଥିବା ବେଳେ ଯୁବକଙ୍କୁ ମିଳିଥିବା ପ୍ରତାରଣାରେ ପରିଣତ ହୋଇଛି। ଏହା ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ ହେବାକୁ ଯାଉଛି। ନୂଆକରି ତିଆରି ହୋଇଥିବା ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ଆକ୍ରମଣାତ୍ମକ ଢଙ୍ଗରେ କାର୍ଯ୍ୟ କରିବ। ଆସନ୍ତା ୨୦୨୯ରେ ଆମେ ପୁଣିଥରେ କ୍ଷମତାକୁ ଫେରିବୁ। ସେଥିପାଇଁ ଏବେଠାରୁ ରୋଡମ୍ୟାପ ପ୍ରସ୍ତୁତ ହେଉଛି ବୋଲି ବ୍ୟୋମକେଶ କହିଛନ୍ତି। ଉଭୟ ଚିନ୍ମୟ ସାହୁ ଏବଂ ଇପ୍ସିତା ସାହୁଙ୍କର ପୂର୍ବରୁ ବହୁ ଅଭିଜ୍ଞତା ରହିଛି। ଯୁବ, ଛାତ୍ର ନେତ ଭାବେ ଯାହା ଦକ୍ଷତା ରହିବା କଥା, ତାହା ସେମାନଙ୍କ ମଧ୍ୟରେ ରହିଛି। ତାଙ୍କ ନେତୃତ୍ୱରେ ଏକ ଦୃଢ଼ ସଂଗଠନ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। େ

ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ବିଜୁ ଯୁବ ଜନତା ଦଳକୁ ନୂଆ ରୂପରେ, ନୂଆ ଢଙ୍ଗରେ ଆହୁରି କ୍ରିୟାଶୀଳ, ସଶକ୍ତ କରିବାକୁ ଆମର ପ୍ରିୟ ନେତା ନବୀନ ପଟ୍ଟନାୟକ ଆମକୁ ପରାମର୍ଶ ଦେଇଛନ୍ତି। ଆମେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବୁ, ପ୍ରସଙ୍ଗ ଉତ୍ଥାପନ କରିବୁ। ଯଦି ସରକାର ନଚେତିବେ, ତାହେଲେ ବିରୋଧ ଜୋରଦାର ହେବ। ବିଜୁ ଯୁବ ଜନତା ଦଳ ପ୍ରତ୍ୟେକ ଜିଲ୍ଲା ବୁଲି ପ୍ରତିଭା ଅନ୍ୱେଷଣ କରାଯିବ। ଯୁବ, ଛାତ୍ର ସଂଗଠନରେ ଯିଏ ସଫଳ ନେତୃତ୍ୱ ନେଇଥିବେ, ଯେଉଁମାନେ ଦକ୍ଷ ହୋଇଥିବେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଆଜି ଆମେ ଆମର ଦଳର ସଭାପତିଙ୍କୁ ଭେଟିଲୁ। କଣ ପାଇଁ ଜଣେ ଝିଅକୁ ଛାତ୍ର ଜନତା ଦଳର ସଭାପତି କରାଗଲା ତାହା କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସୌମ୍ୟାଶ୍ରୀ, ବଳଙ୍ଗୀ କିମ୍ବା ପଟ୍ଟାମୁଣ୍ଡାଇ ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ। କେଉଁଭଳି ଭାବେ ଛାତ୍ରୀମାନଙ୍କର ମନୋବଳ ବଢ଼ାଯିବ, କେଉଁଭଳି ଝିଅଟିଏ ନିଜ ସୁରକ୍ଷା ନିଜେ କରିବ; ସେମାନଙ୍କ ପାଇଁ ଲଢ଼େଇ କରିବାକୁ ଜଣେ ଝିଅକୁ ଛାତ୍ର ସଭାପତି ରୂପେ ଚୟନ କରାଯାଇଥିବା ସଭାପତି କହିଥିବା ସେ ସୂଚନା ଦେଇଛନ୍ତି।

### ପିକ୍‌ଅପ୍-ବାଇକ୍ ମୁହାଁମୁହିଁ...

ତାଙ୍କୁ ମୁହାଁମୁହିଁ ଧକ୍କା ଦେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତେବେ ଉତ୍ତେଜନା କ୍ରମଶଃ ବଢୁଥିବାରୁ ଖବର ପାଇ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ମଧ୍ୟ ସେଠାରେ ପହଞ୍ଚି ହସ୍ତକ୍ଷେପ କରିଥିଲେ। ତହସିଲଦାର ଶ୍ରୀ ପଟ୍ଟନାୟକ ରେଡକ୍ରସ୍ ପାଣ୍ଠିରୁ ମୃତଦ୍ୱୟଙ୍କ ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ରାସ୍ତାରୋକ ହଟିଥିଲା।

### ଅଧାରୁ ପାଠ ଛାଡୁଛନ୍ତି...

ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପଡୋଶୀ ରାଜ୍ୟମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି।

### ସମତାଭିତ୍ତିକ ସମାଜ...

ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି ବୋଲି କହିଛନ୍ତି। ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି। ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ। ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

OFFICE OF THE PRINCIPAL

**PANCHAYAT SAMITI DEGREE COLLEGE,**

BANGOMUNDA, DIST. BALANGIR (ODISHA) PIN – 767040 (Estd.1999)

E-Mail : psdcbgm@gmail.com, Mob: 9078208298

**WALK-IN-INTERVIEW**

A walk-in-interview for appointment of lecturers on contractual basis is scheduled to be held in the Panchayat Samiti Degree College, Bangomunda on **Dt. 07.09.2025 (Sunday) at 10:30 A.M.** for the following Post.

| Sl No. | NAME OF THE POST | QUALIFICATION |
|---|---|---|
| 01 | Lect. in Sanskrit (No. of Post: 01) | Minimum 55% marks in P.G. Level |

Interested candidates are hereby informed to attend the interview on Dt. **07.09.2025 at 10:30 A.M.** with complete Bio-data, Original and Photocopies of all certificates and two passport size photographs. Salary is negotiable and no T.A/D.A will be given for attending the interview.

Sd/- Prinicpal

**SALE**

1 Number of Tractor–ESCORTS KUBOTA FT 45 POWER MAXX/ 2024, Registration No.- OD-01-AX –3697,Model-2024, ENGINE NO –E2667912, CHASSIS NO - T052674827AN, For Details, contact – 9437055763,9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**କଟକ ମହାନଗର ନିଗମ**

ପବିତ୍ର ସାୟତ ଶାସନ ଦିବସ-୨୦୨୫ ପାଳନ ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**କଟକ ସହରର ସଚେତନ ନାଗରିକ ମାନଙ୍କୁ ନିବେଦନ**

- କଟକ ମହାନଗର ନିଗମ କଟକ ସହରର ସଚେତନ ନାଗରୀକ ମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଛତା ଓ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତର କଟକ ନିର୍ମାଣ କରିବା ପାଇଁ ସଙ୍କଳ୍ପ ବଦ୍ଧ । ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଯ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡ୍ରଷ୍ଟବିନ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ ।

DSPL-231 OIPR-13031/13/0214/2526

ସୁଶ୍ରୀ କିରନଦିପ୍ କୌର ସହୋତା, ଭା.ପ୍ର.ସେ. ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

**ସତ୍ୟପାଠ**

ମୁଁ, ସୁପ୍ରିୟା ବିଶ୍ୱାଳ, ବୟସ: ୪୨ ବର୍ଷ, ସ୍ୱାମୀ: ବିଭୁପ୍ରସାଦ ସ୍ୱାଇଁ, ସା: ଭଟଣା, ପୋ: ଅଙ୍ଗେଶ୍ୱରପଡା, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, ପିନ୍-୭୫୪୧୧୩ ଏକଜିକ୍ୟୁଟିର ମାଜିଷ୍ଟ୍ରେଟ, ଭୁବନେଶ୍ୱରଙ୍କ ନିକଟରେ ଶପଥ ପାଠ କରି ଘୋଷଣା କରୁଛି କି, ମୋର ନାବାଳକ ପୁତ୍ର: ମନିତ କୁମାର ସ୍ୱାଇଁ (ପୁରୁଣା ନାମ)କୁ ନୂଆ ନାମ: ମନିତ ସ୍ୱାଇଁଙ୍କୁ ପରିବର୍ତ୍ତନ କରୁଅଛି। ଏବେଠାରୁ ଭବିଷ୍ୟତରେ ସେ ମନିତ ସ୍ୱାଇଁ ନାମରେ ସମସ୍ତ କ୍ଷେତ୍ରରେ ପରିଚିତ ହେବ।

**AFFIDAVIT**

I, Manasa Kumar Jena, S/o- Late Laxmidhar Jena, resident of Plot No-20, Sector-1 Niladri Vihar, Sailashree Vihar, Bhubaneswar,Khorda, Odisha- 751021, declare by this affidavit No.248, Dated: 28.08.2025 that now onwards I shall be known as **Manas Kumar Jena** for all future purposes.

**କଟକ ମହାନଗର ନିଗମ**

ସାୟତ ଶାସନ ପାଳନ ଅବସରରେ

କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୫ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୫ ରିଖ**

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।

ସନ୍ଧ୍ୟା -୦୫.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା :ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ

ସତନ୍ତ୍ର ଅତିଥି :ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ

ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ

ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ

ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର

ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ

ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ

ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପୁ.ସେ) ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
୩. ନିଗମର କର୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

DSPL-230 OIPR-13031/13/0212/2526

**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua, date-31/07/2025. I, **Sadiya Khatun,** W/o- Md. Kaisar, Address: At/Po/Ps-Jhumpura, Dist- Keonjhar, Odisha, PIN-758031 I have changed my name from **Sadia Bano** (old name) to **Sadiya Khatun** (new name). Henceforth, I shall be known as **Sadiya Khatun** for all future purposes.

**Sadiya Khatun**

**ହଜିଯାଇଥିବା ସୂଚନା**

ମୁଁ ଅରୁପମା ବର୍ଦ୍ଧନ ,ସ୍ୱାମୀ - ପୂର୍ଣ୍ଣ ଚନ୍ଦ୍ର ବର୍ଦ୍ଧନ , ଗାଁ/ପୋଷ୍ଟ - ନୂଆପାଟଣା , ଥାନା- ଟିଗିରିଆ , ଜିଲ୍ଲା- କଟକ ବାସିନ୍ଦା ଅଟେ। ମୁଁ ୨୪.୦୧.୨୦୨୫ ରିଖ ୧୦.୩୦ ସମୟରେ ଟିଗିରିଆ ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜମି କାଗଜପତ୍ରର ଖାତା ନମ୍ବର - ୪୨୯/୩୨୧ ଏବଂ ଡିଡ୍ ନମ୍ବର - ୪୩୫ ତାରିଖ-୧୮-୦୭- ୨୦୦୮ ହଜି ଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଦୟାକରି ମୋବାଇଲ୍ ନମ୍ବର - ୯୯୩୮୦୫୫୦୩୨ କିମ୍ବା ଟିଗିରିଆ ପୁଲିସ ନିକଟରେ ସୂଚନା ଦେବା ପାଇଁ ଅନୁରୋଧ କରୁଛି । ଏଥିରେ ଯଦି କେହି ଅପବ୍ୟବହାର କରନ୍ତି ଆମେ ଦାୟୀ ରହିବୁ ନାହିଁ। SD /- ଅରୁପମା ବର୍ଦ୍ଧନ

## ଜାତୀୟ ରାଜପଥ ନାଁ ଗାଁ ସଡ଼କ

# ନୟାଗଡ଼-ଖୋର୍ଦ୍ଧା ମଧ୍ୟରେ ସହସ୍ରାଧିକ ଖାଲ

ନୟାଗଡ଼/ଖୋର୍ଦ୍ଧା,୨୯।୮ (ସମିସ)

ରାଜଧାନୀ ଭୁବନେଶ୍ୱରରୁ ନୟାଗଡ଼ ଆସିବାକୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ମୁଖ୍ୟତଃ ଖୋର୍ଦ୍ଧାରୁ ନୟାଗଡ଼ ୬୦ କିମି ରାସ୍ତା ସବୁଠାରୁ ଅକଥନୀୟ ଯନ୍ତ୍ରଣା ଦେଉଛି। ଏହା ଜାତୀୟ ରାଜପଥ ନାଁ ଗାଁ ସଡ଼କ ବୁଝା ପଡୁନି। ୬୦ କିମି ଜାତୀୟ ରାଜପଥରେ ହଜାର ହଜାର ସଂଖ୍ୟାରେ ଖାଲ ସୃଷ୍ଟି ହୋଇଥିବା ବେଳେ ଏହି ରାସ୍ତା ଦେଇ ଦୈନିକ ଯାତାୟତ କରୁଥିବା ସାଂସଦ, ବିଧାୟକ, ମନ୍ତ୍ରୀଙ୍କୁ ଏହା ଦେଖାଯାଉନି। ଉପକୂଳ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ଏହି ରାସ୍ତାର

### ବାଘମାରି ଛକରେ ଆଣ୍ଠୁଏ ଗର୍ତ୍ତ
### ମରାମତିକୁ ଗୁରୁତ୍ୱ ଦେଉନି ବିଭାଗ

ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧା ଅଧୁରା ଅବସ୍ଥାରେ ରହିଛି। ଗାଡ଼ି ମୋଟର ଚଳାଚଳାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉନାହିଁ। ଏବେ ଖୋର୍ଦ୍ଧାଠାରୁ ନୟାଗଡ଼ ମଧ୍ୟରେ ୩ଟି ବାଇପାସ ନିର୍ମାଣ କାର୍ଯ୍ୟ ଚାଲିଛି। ଖୋର୍ଦ୍ଧା ଟାଟା ମୋର୍ଟସ ନିକଟରୁ ଏକ ବାଇପାସ ବାହାରି ଡାକ୍ତରଖାନା ପଛକୁ ସଂଯୋଗ କରୁଛି। ସମାନଭାବେ ବାଘମାରିଠାରେ ବାଇପାସ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ନୟାଗଡ଼ ବାଇପାସ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଲୋକେ ଯାତାୟତ କରୁଥିବା ରାସ୍ତାକୁ ସାଧାରଣ ମରାମତି କରାଯାଉନାହିଁ। ଖୋର୍ଦ୍ଧା ଡାକ୍ତରଖାନାଠାରୁ ଆରମ୍ଭ ହୋଇଥିବା ଜାତୀୟ ରାଜପଥ ନୟାଗଡ଼, ଦଶପଲ୍ଲା, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗିର ଜିଲ୍ଲାକୁ ସଂଯୋଗ କରୁଛି। ୨୦୦୧ ମସିହାରେ ଏହି ରାସ୍ତାକୁ ଜାତୀୟ ରାଜପଥ ମାନ୍ୟତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୦୧ ମସିହା ନଭେମ୍ବର ୫ ତାରିଖରେ ୫ ଜିଲ୍ଲାର ଶହ ଶହ ଲୋକ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ଦାବି, ପଶ୍ଚିମ ଓଡ଼ିଶା ଓ ପୂର୍ବ ଓଡ଼ିଶା ମଧ୍ୟରେ ଯାତାୟତ ସୁବିଧା ଏବଂ ଭାଇଚାରାକୁ ଲକ୍ଷ ରଖି ଦଶପଲ୍ଲାରୁ ବଲାଙ୍ଗିର ସୁପର ହାଇୱେ ଘୋଷଣା କରିଥିଲେ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ଏହି ରାସ୍ତା ନିର୍ମାଣ ପାଇଁ ସେଣ୍ଟ୍ରାଲ୍ ରୋଡ୍ ଫଣ୍ଡରୁ ୬୦ କୋଟି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୬୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥରେ ରାସ୍ତାର ଉନ୍ନତୀ କରଣ କାର୍ଯ୍ୟ ହୋଇଥିବା ବେଳେ ଖୋର୍ଦ୍ଧାରୁ ବଲାଙ୍ଗିରକୁ ଜାତୀୟ ରାଜପଥ ମାନ୍ୟତା ଦାବି ମଧ କ୍ରମଶଃ ଚାଲୁ ରହିଥିଲା। ୨୦୦୬ ମସିହାରେ ଖୋର୍ଦ୍ଧା-ବଲାଙ୍ଗିର ୨୨୪ ନମ୍ବର ଜାତୀୟ ରାଜପଥ ଘୋଷଣା ହୋଇଥିଲା। ଏହି କ୍ରମରେ ରାସ୍ତା ପ୍ରଶସ୍ତି କରଣ ଏବଂ ଉନ୍ନତୀ କରଣ ପାଇଁ ୫ ଜିଲ୍ଲାବାସୀଙ୍କ ବଡ଼ ଆଶା ରହିଥିଲା। କାଳକ୍ରମେ ଜାତୀୟ ରାଜପଥକୁ ୫୭ ନମ୍ବର ଜାତୀୟ ରାଜପଥ ମାନ୍ୟତା ମିଳିଥିବା ବେଳେ କେନ୍ଦ୍ର ସରକାର ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର କରିଥିଲେ। ଖୋର୍ଦ୍ଧା ଡାକ୍ତରଖାନା ଛକଠାରୁ ବଲାଙ୍ଗିର ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାକୁ ନେଇ ଯେଉଁ ଆଶା ରଖା ଯାଇଥିବା ତାହା ୧୯ ବର୍ଷ ମଧ୍ୟରେ ପୂର୍ଣ୍ଣ ହୋଇ ପାରିନଥିବା ଦେଖାଯାଇଛି। ଶହ ଶହ କୋଟି ଟଙ୍କା ମଞ୍ଜୁର ହୋଇଥିବା ସତ୍ତ୍ୱେ ଆଜି ବି ଏହି ୨୯୯ କିଲୋମିଟର ରାସ୍ତା ମଧ୍ୟରେ ଶତାଧିକ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ଅଣଓସାରିଆ ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇପାରିନାହିଁ। ରାସ୍ତା କଡ଼ରେ ରହିଥିବା ଜମି ମାଲିକଙ୍କ ଜିଦ୍ ଏବଂ ଜାତୀୟ ରାଜପଥ ବିଭାଗର ଦାୟିତ୍ୱ ହୀନତା ପାଇଁ ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ରାଜ୍ୟ ରାଜପଥଠାରୁ ହୀନ ଅବସ୍ଥାରେ ପ୍ରତିଫଳିତ ହେଉଛି। ୨୯୯ କିଲୋମିଟର ମଧ୍ୟରେ ହଜାରରେ ଊର୍ଦ୍ଧ୍ୱ ବେଆଇନ ହମ୍ପ, ବିଭିନ୍ନ ସ୍ଥାନରେ ଟ୍ରାଫିକ ସଚେତନତା ଅଭାବ, ଘାଟି ସ୍ଥାନରେ ବିପଦ ସଙ୍କୁଳ ଅବସ୍ଥା ଜଳଜଳ ହୋଇ ଦେଖାଯାଉଛି। ଉପକୂଳ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାର ଭାବଗତ ସମ୍ପର୍କ, ଯାତାୟତର ପ୍ରମୁଖ ମାର୍ଗ ପାଲଟିଥିବା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଖୋର୍ଦ୍ଧା ଡାକ୍ତରଖାନା ଛକଠାରୁ ନୟାଗଡ଼ ମଧ୍ୟରେ ହଜାର ହଜାର ସଂଖ୍ୟାରେ ଖାଲ ଗାଡ଼ି ଚାଳକଙ୍କୁ ବିପଦ ମଧ୍ୟକୁ ଠେଲି ଦେଉଛି। ସେହିଭଳି ଭାବେ ବାଘମାରି ଛକରେ ଜାତୀୟ ରାଜପଥ ବିଭାଗର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ନୟାଗଡ଼କୁ ସଂଯୋଗ କରୁଥିବା ରାସ୍ତାରେ ଦେଢ଼ ଫୁଟର ଖାଲ ହୋଇଥିବା ବେଳେ କଳାପଥରକୁ ସଂଯୋଗ କରୁଥିବା ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇରହୁଛି। ଏଠାରେ ଉଭୟ ରାସ୍ତାରୁ ଯାତାୟତ କରିବା କଷ୍ଟକର ହେଉଥିବା ଗାଡ଼ି ଚାଳକମାନେ କହିଛନ୍ତି। ତୁରନ୍ତ ନୟାଗଡ଼ରୁ ଖୋର୍ଦ୍ଧା ଜାତୀୟ ରାଜପଥ ମରାମତି ପାଇଁ ଦାବି ହେଉଛି।




## କୋମଣ୍ଡ ମାଙ୍କଡ଼ା ଖଣି ମାମଲା

# ମାଫିଆଙ୍କୁ ପୁଲିସର ପଚରାଉଚୁରା

ନୟାଗଡ଼,୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧୀନସ୍ଥ କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆମାନେ ସକ୍ରିୟ ହେବା ସମ୍ପର୍କରେ ଶୁକ୍ରବାର ସକାଳରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଖଣି ମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ପୁଲିସ୍ ମାଫିଆଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିବା ଜଣାପଡ଼ିଛି। କୋମଣ୍ଡ ଅଞ୍ଚଳରେ ରାତି ଅଧିଆ ଖଣି କାରବାର ଚାଲିଥିଲା। ଉକ୍ତ ଅଞ୍ଚଳରେ ରହିଥିବା ଏକ ମହିଳା ମହାବିଦ୍ୟାଳୟ ପଛ ପାଖରୁ ରାତି ଅଧରେ ମାଙ୍କଡ଼ା ପଥର କଟା ଯାଇ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାକୁ ଚାଲାଣ ହେଉଥିଲା। ଏହା ସହିତ ବାଦଭୂଇଁ, କୋମଣ୍ଡ ପଥରା ପୋଖରୀ ପଛପାଖରେ ବ୍ୟାପକ ଖଣି ଖନନ କରାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ୪୦୭, ହାଇୱା, ଡମ୍ଫର, ଟ୍ରକ ଏବଂ ପଥର କାଟିବା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ ମାଙ୍କ?। ଓ ମୋରମ ବେଆଇନ ଚାଲାଣ ହେଉଛି। ଏହି ବେଆଇନ ଖଣିକୁ ଓଡ଼ଗାଁ ଆଦର୍ଶ ଥାନାର କିଛି ଅଧିକାରୀ ଓ ତଳିଆ କର୍ମଚାରୀ ହାତଗୁଞ୍ଜା ନେଇ ସମର୍ଥନ ଦେଉଥିବା ଆଲୋଚନା ହେଉଥିଲା। ଏହି ବେଆଇନ ମାଙ୍କଡ଼ା ଖଣି ଖନନ କାର୍ଯ୍ୟରେ ୮ ଜଣ ମାଫିଆ ସକ୍ରିୟ ରହିଥିବା ସୂଚନା ମିଳିଥିଲା। ଆଜି ଏନେଇ ଖବର ପ୍ରକାଶ ପାଇବା ପରେ ଓଡ଼ଗାଁ ପୁଲିସ୍ କୋମଣ୍ଡ ଅଞ୍ଚଳର କିଛି ମାଫିଆଙ୍କୁ ଥାନାକୁ ଡାକିଥିଲା। ମାଫିଆମାନେ ସନ୍ଧ୍ୟାରେ ଥାନାକୁ ଆସିବା ପରେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ଦ୍ୱାରା ଟ୍ୟୁସନ୍ ହୋଇଥିବା ଜଣାପଡ଼ିଛି। ବେଆଇନ ଖଣି କାରବାର ବନ୍ଦ କରିବାକୁ ପୁଲିସ୍ ଚେତାବନୀ ଦେଇଥିବା କୋମଣ୍ଡ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୁଲିସ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ବେଳେ ପୁଲିସ୍ ଅଧିକାରୀଙ୍କ ଗାଳି ମାଫିଆଙ୍କୁ ପୀଡ଼ା ଦେଇଥିବା ଆଲୋଚନା ହେଉଛି।

# ଛାତ୍ରଛାତ୍ରୀ ଓ ସଫେଇ ମିତ୍ରଙ୍କ ପ୍ରତିଯୋଗିତା

ଓଡ଼ଗାଁ,୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ସ୍ୱାୟତ୍ତ ଶାସନ ଦିବସ ନିମନ୍ତେ ସ୍କୁଲସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୦ ଗୋଟି ବିଦ୍ୟାଳୟର ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ମୋଟ ୯୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଚାରକ ରୂପେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଦାମୋଦର ଖିଲାର, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ପ୍ରଧାନଶିକ୍ଷକ ଭାବଗ୍ରାହୀ ମହାପାତ୍ର, ରଞ୍ଜନ କୁମାର ଦାଶ ମଞ୍ଚାସୀନ ଥିଲେ। ମହିଳା ସଫେଇ ମିତ୍ର ମାନଙ୍କୁ ନେଇ ସଙ୍ଗୀତ ଚୌକି ଓ ପୁରୁଷ ସଫେଇ ମିତ୍ର ମାନଙ୍କ ମଧ୍ୟରେ ଲୋକବାଦ୍ୟ (ଢୋଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ଆଜିର କାର୍ଯ୍ୟକ୍ରମକୁ ସିଟି ମିଶନ୍ ମ୍ୟାନେଜର ଶ୍ରୀମୋହନ ମହାପାତ୍ର ପରିଚାଳନା କରିଥିବା ବେଳେ ସନ୍ଦୀପ୍ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ସୋମନାଥ ବେହେରା ଓ ନୀଳମାଧବ ମିଶ୍ର ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ ପାଳିତ



ନୟାଗଡ଼,୨୯।୮ (ସମିସ): ଜାତୀୟ କଆଁଡ଼ା ଦିବସ ଅବସରରେ ନୟାଗଡ଼ ଇନଡୋର ଷ୍ଟାଡିୟମରୁ ନୟାଗଡ଼ କଲେଜ୍ ପର୍ଯ୍ୟନ୍ତ ୫୦୦ ଅଂଶଗ୍ରାହୀଙ୍କ ସହିତ ଏକ ବିଶାଳ ରାଲି ଆୟୋଜିତ ହୋଇଯାଇଛି। ନୟାଗଡ଼ ଇନଡୋର ଷ୍ଟାଡିୟମ୍ ପ୍ରାଙ୍ଗଣରେ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ସୁଶ୍ରୀ ସୁଜାତା କୁମାରୀ ସାହୁ ଜାତୀୟ କ୍ରୀଡ଼ା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୟାଗଡ଼ କ୍ରୀଡା ହଷ୍ଟେଲର ପ୍ରଶିକ୍ଷକ ଇନ୍‌ଚାର୍ଜ, ଜିଲ୍ଲା ଆଥେଲେଟିକ୍ସ ସଂଘର ସଚିବ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତା ଯଥା ବ୍ୟାଡମିଣ୍ଟନ୍, ଜିମ୍ନାସିୟମ୍, ୱେଟ୍ ଲିଫ୍ଟିଂ, ଟଗ୍ ଅଫ୍ ଓର୍, ମ୍ୟୁଜିକ୍ ଚେୟାର୍ ଏବଂ ତାଏକ୍ୱୋଣ୍ଡୋ ଇତ୍ୟାଦି ଇନ୍‌ଡୋର୍ ଷ୍ଟାଡିୟମ୍ ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଅପରାହ୍ନରେ କଲେଜ୍ ଖେଳ ମଇଦାନରେ ନୟାଗଡ଼ ସ୍ପୋର୍ଟସ୍ ହଷ୍ଟେଲ୍ ବନାମ୍ ମର୍ଣ୍ଣିଂ କ୍ଲବ୍ ନୟାଗଡ଼ ମଧ୍ୟରେ ଏକ ଫୁଟବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏହି ଖେଳରେ ନୟାଗଡ଼ ସ୍ପୋର୍ଟସ୍ ହଷ୍ଟେଲ୍ ବିଜୟୀ ହୋଇଥିଲା। ବିଜେତାଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଟ୍ରଫି ବଣ୍ଟନ କରିଥିଲେ। ଶେଷରେ ନୟାଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧନ୍ୟବାଦ ଜଣାଇଥିଲେ।

# ବ୍ଲକସ୍ତରୀୟ ଭଲିବଲ୍ ପ୍ରତିଯୋଗିତା

ଖଣ୍ଡପଡ଼ା,୨୯।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ମାଇଁ ଭାରତ ନୟାଗଡ଼ ପକ୍ଷରୁ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥିକୁ ମହାସମାରୋହରେ ପାଳନ କରାଯାଇଛି। ଏ ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଜାରରୁ ଠାରୁ ନିକଟସ୍ଥ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ସମାଜସେବୀ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ମହାବୀର କ୍ଲବର ଯୁବକ ମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ବଛା ବଛା ସାତ ଗୋଟି ଭଲି ଟିମକୁ ନେଇ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ଖଣ୍ଡପଡ଼ା ବ୍ଲକର କୋସ୍କା ଓ ଭାପୁର ବ୍ଲକର ବାଇଗୁଣିଆ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ କୋସ୍କାକୁ ହରାଇ ବାଇଗୁଣିଆ ଚମ୍ପିୟାନ ହୋଇଥିଲା। ତେବେ ଉଭୟ ଦଳକୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ପ୍ରଦାନ କରାଯିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରାଯାଇଥିଲା।



# ଲୁଟ୍ ବେଳେ ଦୁର୍ଘଟଣାର ଶିକାର ହେଲେ ଲୁଟେରା

ନୟାଗଡ଼,୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଦୁଇ ଜଣ ଲୁଟେରା ବାଇକ୍ ଯୋଗେ ଲୁଟ କରିବାକୁ ଚେଷ୍ଟା କରି ଦୁର୍ଘଟଣାର ଶିକାର ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁର ଗୀତାଞ୍ଜଳି ସାହୁ ଏବଂ ତାଙ୍କ ସ୍ୱାମୀ ଲକ୍ଷ୍ମଣ ସାହୁ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଆସୁଥିଲେ। ପଣ୍ଡୁସର ଓ ଇଟାମାଟି ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏକ ଢାବା ସାମ୍ନାରେ ଦୁଇ ଲୁଟେରା ତାଙ୍କୁ ପିଛା କରି ଗୀତାଞ୍ଜଳିଙ୍କୁ ଭ୍ୟାନିଟି ବ୍ୟାଗ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଲକ୍ଷ୍ମଣ ଗାଡ଼ିକୁ ସ୍ପିଡ୍ କରି ଦେବାରୁ ଗୀତାଞ୍ଜଳି ସ୍କୁଟିରୁ ଖସି ପଡ଼ିଥିଲେ। ଏହା ସହିତ ଦୁଇ ଲୁଟେରା ମଧ୍ୟ ବାଇକକୁ ପଡ଼ି ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇ ଲୁଟେରାଙ୍କୁ କାବୁ କରି ନିର୍ଦ୍ଧୁମ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଇଟାମାଟି ପୁଲିସ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲେ। ଏହି ଘଟଣାକୁ ନେଇ ଇଟାମାଟି ଥାନାରେ ଏକ ମାମଲା ରୁଜୁ ହୋଇଛି। ଲୁଟେରା ଦୁଇ ଜଣ ହେଲେ ଭୁତ? ଗ୍ରାମର ଅକ୍ରୁର ନାୟକ ଏବଂ ଲାଠିପଡ଼ା ଗ୍ରାମର ଧିର ନାୟକ। ପୁଲିସ ଦୁଇ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

# ସଂସ୍କୃତି ଭବନ ପ୍ରତିଷ୍ଠା ଦିବସ

ଓଡଗାଁ,୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ମିନି ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ କାର୍ଯ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟବାହ ପ୍ରକାଶ କୁମାର ପ୍ରଧାନ, ଓଡଗାଁ ଖଣ୍ଡ କାର୍ଯ୍ୟବାହ ଡାକ୍ତର ଉପେନ୍ଦ୍ର କୁମାର ଗନ୍ତାୟତ, ଖଣ୍ଡ ସଦ୍‌ଭା ।ବନ ପ୍ରମୁଖ ସୁଶାନ୍ତ କୁମାର ସାହୁ, ଓଡଗାଁ ବଜରଙ୍ଗ ଦଳ ପ୍ରମୁଖ ମାନସ ରଞ୍ଜନ ସାହୁ, ଓଡଗାଁ ଖଣ୍ଡ ଶାରୀରିକ ଶିକ୍ଷା ପ୍ରମୁଖ ନୀଳମାଧବ ଆଚାର୍ଯ୍ୟ, ଯୁବ ନେତା ସନ୍ତୋଷ କୁମାର ପ୍ରଧାନ, ନରେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂସ୍କୃତି ଭବନରେ ଶ୍ରୀ ଗଜାନନ ପୂଜନ ସହିତ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଚଳିତ ବର୍ଷ ବିଜୟା ଦଶମୀ ପାଳନ ନିମନ୍ତେ ଆଲୋଚନା ହୋଇ କାଯ୍ରକ୍ରମ ନିର୍ଦ୍ଧାରଣ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ ସଙ୍ଘ ପ୍ରେମୀ, ଶିକ୍ଷାବିତ୍, କ୍ରୀଡ଼ାବିତ, ଖବରଦାତା ଉପସ୍ଥିତ ରହି ସଙ୍ଘର ପ୍ରତ୍ୟେକ ରାଷ୍ଟ୍ର ହିତ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ସଦ୍‌ଭାବନା ପ୍ରମୁଖ ସାହୁ ବହୁ ସଂଖ୍ୟାରେ ପ୍ରାତଃ କାର୍ଯ୍ୟକ୍ରମରେ ନିୟମିତ ଅଂଶଗ୍ରହଣ ପୂର୍ବକ ଶାରୀରିକ କ୍ଷେତ୍ରରେ ନିଜକୁ ସୁସ୍ଥ ରଖିବାକୁ ପରାମର୍ଶ ଦେଇଥିଲେ।

# ଭିଜନ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ଖଣ୍ଡପଡ଼ା,୨୯।୮ (ସମିସ): ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବାହାଡ଼ାଠାରେ ଥିବା ଭିଜନ ଶିକ୍ଷା କେନ୍ଦ୍ରରେ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର କାଟିଆଙ୍କ ପୌରୋହିତ୍ୟରେ ଆୟୋଜିତ "ଭିଜନ ସମ୍ବର୍ଦ୍ଧନା ଉତ୍ସବ' ଅବସରରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁରେଶ ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହସାମନ୍ତ, ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ, ଶିବ ପ୍ରସାଦ ଦାସ, ଅଧ୍ୟାପକ ରାଜକିଶୋର ପ୍ରଧାନ, କେଶବ ବେହେରା, ରୁଦ୍ର ପ୍ରଧାନ, ବୈଦ୍ୟନାଥ ପଣ୍ଡା ଏବଂ ଅନ୍ୟ ମାନ୍ୟଗଣ୍ୟ ବୁଦ୍ଧିଜୀବୀ, ଅଧ୍ୟାପକଙ୍କ ଉପସ୍ଥିତ ଥିଲେ। ଚଳିତବର୍ଷ ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଯୁକ୍ତଦୁଇ କଳାରେ ମୋଟ ୭୦ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ସର୍ବାଗ୍ରେ ଛାତ୍ରୀ ମାମା ମହାନ୍ତି ୫୨୯ ନମ୍ବର ରଖି ଅନୁଷ୍ଠାନକୁ ଗୌରାବାନ୍ୱିତ କରିଥିବାରୁ ମଞ୍ଚାସିନ ଅତିଥିଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ନାୟକ, ରଞ୍ଜିତା ସାହୁ, ରଜନୀ ସାହୁ, ଚିନ୍ମୟୀ ସାହୁ, କାବେରୀ ସାହୁ, ସୃଷ୍ଟି ମହାପାତ୍ର, ମାମାଲି ସାହୁ, ନନ୍ଦିନୀ ବାରିକ, ଲକି ଦାସ, ଗାୟତ୍ରୀ ମାଝୀ, ବିଷ୍ଣୁପ୍ରିୟା ରଣା, ଆଲୋକ ପ୍ରଧାନ, ରେଶ୍ମା ସାହୁ, ଶିଖା ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାହୁ, ମାମାଲି ବେହେରା ଆଦି ୪୦ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ସଭାକାର୍ଯ୍ୟକୁ ପରମେଶ୍ୱର ମହାନ୍ତି ପରିଚାଳନା କରିଥିବା ବେଳେ କଣ୍ଠଶିଳ୍ପୀ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ସଶକ୍ତୀକରଣ ସଭା




ଓଡ଼ଗାଁ,୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ଗ୍ରାମପଞ୍ଚାୟତ ପରିସରରେ ଆନ୍ତର୍ଜାତୀୟ କ୍ରୀଡ଼ା ଦିବସ ଅବସରରେ ସେଣ୍ଟର ଫର୍ କାଟାଲାଇଜିଂ ଚେଞ୍ଜ୍ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଓଡ଼ଗାଁ ବ୍ଲକ୍ ସଂଯୋଜକ ପ୍ରଭୁ ଶଙ୍କର ବାଘେଲଙ୍କ ତତ୍ତ୍ୱାବଧାନରେ ଏବଂ ସତ୍ୟପ୍ରକାଶ ସାହୁ ଓ ଶୁଭାଶିଷ ସାହୁଙ୍କ ସହଯୋଗରେ ବାଳିକା ସଶକ୍ତିକରଣ ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକା ଶିକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ସମସ୍ତେ ଶପଥ ନେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ମଶାବାରୀ କ୍ଲଷ୍ଟର୍ ସିଆର୍‌ସିସି ଯଶୋବନ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳାମାନଙ୍କ ଗୁରୁତ୍ୱ ଓ ବାଳିକା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶ୍ରୀ ବାଘେଲ୍ ଉପସ୍ଥାପନ କରିବା ସହ ଉପସ୍ଥିତ ପଚାଶ ଜଣ ଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ସମ୍ପର୍କିତ କୌଣସି ସମସ୍ୟା ଥିଲେ କ୍ଲାସରୁମ୍ ଚାଟ୍ ମାଧ୍ୟମରେ ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ପ୍ରକାଶ ଥାଉକି ଉକ୍ତ ଅନୁଷ୍ଠାନ ଓଡ଼ଗାଁ ବ୍ଲକର ଗୌଡ଼ପୁଟ ଓ ରଙ୍ଗଣୀପାଟଣା ଅଞ୍ଚଳରେ ପ୍ରାୟ ଶହେରୁ ଉହେର ଛାତ୍ରୀମାନଙ୍କୁ ମାଗଣାରେ ଲୋକପ୍ରିୟ ଶିକ୍ଷକ ମାନଙ୍କ ଦ୍ୱାରା ସ୍ମାର୍ଟଶିକ୍ଷା ପ୍ରଦାନ କରିବା ସହ ବାଲ୍ୟବିବାହ ରୋକିବା ଦିଗରେ ମଧ୍ୟ କାର୍ଯ୍ୟ କରିଆସୁଛି।

# ବନ୍ଦ ସ୍କୁଲ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଗଣିଆ,୨୯।୮ (ସମିସ): ପର୍ଯ୍ୟାପ୍ତ ସଂଖ୍ୟକ ଛାତ୍ରଛାତ୍ରୀ ନଥିବା କାରଣ ଦର୍ଶାଇ ଗଣିଆ ବ୍ଲକରେ ଅନେକ ସରକାରୀ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଏହି ସ୍କୁଲଗୁଡିକ ମଧ୍ୟରୁ ଅଧିକାଂଶ ଏବେ ଭୂତକୋଠି ଭଳି ପଡି ରହିଥିବା ବେଳେ ସେଗୁଡିକ କେଉଁଠି ବାହୁବଳିମାନଙ୍କ କବ୍ଜାରେ ତ ଆଉ କେଉଁଠି ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିଙ୍କ ଅମରାବତୀ ପାଲଟିଛି। ଏଠାରେ ଉଲ୍ଲେଖନୀୟ ଯେ ଯେଉଁ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୨୦ରୁ କମ୍ ଛାତ୍ରଛାତ୍ରୀ ରହିଛନ୍ତି, ସେଗୁଡିକୁ ରାଜ୍ୟ ସରକାର ବନ୍ଦ କରିଦେଇ ଏହି ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଆଖପାଖର ଅନ୍ୟ ସ୍କୁଲମାନଙ୍କୁ ପଠାଇଛନ୍ତି। ଏହି କ୍ରମରେ ଗାଁ ସ୍କୁଲ ବନ୍ଦ ହୋଇଯିବା ଫଳରେ କେତେକ ପିଲା ପାଠପଢ଼ାରେ ଡୋର ବାନ୍ଧିବାକୁ ବାଧ୍ୟ ହୋଇଛନ୍ତି। ସରକାରୀ ବିଦ୍ୟାଳୟଗୁଡିକର କୋଠାଘରମାନ ବିସ୍ତୃତ ସରକାରୀ ଜମି ଉପରେ ରହିଛି। ବିଦ୍ୟାଳୟ ବନ୍ଦକରି ଦିଆଯିବା ପରେ ଏଗୁଡ଼ିକର ବିକଳ୍ପ ବ୍ୟବହାର ପାଇଁ ମଧ୍ୟ କୁହାଯାଇଥିଲା। କେଉଁଠି ଏହି ବିଦ୍ୟାଳୟଗୁଡିକରେ ପଞ୍ଚାୟତ ଅଫିସ ଚାଲିବ ତ ଆଉ କେଉଁଠି ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅନ୍ୟ କୌଣସି କ୍ଷେତ୍ରୀୟ ଦପ୍ତର ଚାଲିବ ବୋଲି କୁହାଯାଇଥିଲା। ଅବଶ୍ୟ ଇତି ମଧ୍ୟରେ ବନ୍ଦହୋଇ ଯାଇଥିବା କେତେକ ପ୍ରାଥମିକ ବିଦ୍ୟାଳୟରେ ଅନ୍ୟ ସରକାରୀ ସଂସ୍ଥା କାମ କରୁଛି। ତେବେ ଅଧିକାଂଶ ବିଦ୍ୟାଳୟ କିନ୍ତୁ ଅବ୍ୟବହୃତ ଭାବେ ବର୍ଷ ବର୍ଷ ଧରି ପଡିରହିବା ଫଳରେ ସେଠାରେ ଅସାମାଜିକ ବ୍ୟକ୍ତି ଓ ନିଶାଡ଼ିମାନଙ୍କ ଆଡ୍ଡା ଜମୁଥିବା ଘେନି ବିଭିନ୍ନ ଅଞ୍ଚଳରୁ ଖବର ମିଳୁଛି। ଆଉ କେତେକ ସ୍ଥାନରେ ଏହି ବିଦ୍ୟାଳୟ ଗୃହଗୁଡିକ ସ୍ଥାନୀୟ ଅଞ୍ଚଳର ପ୍ରତିପତ୍ତିଶାଳୀ ବ୍ୟକ୍ତିମାନଙ୍କ କବଜାରେ ରହିଛି। ଅନେକ ବିଦ୍ୟାଳୟରେ ଅନାବନା ଗଛଲତା ଉଠି ସରୀସୃପମାନଙ୍କ ବାସସ୍ଥାନ ପାଲଟିଛି। କୋଟି କୋଟି ଟଙ୍କା ରାଜକୋଷରୁ ବ୍ୟୟ କରାଯାଇ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଅନେକ ସ୍ଥାନରେ ନୂଆ ବିଦ୍ୟାଳୟ ଗୃହମାନ ନିର୍ମାଣ କରାଯାଇଥିଲା। ଏମିତିକି କେତେକ ସ୍ଥାନରେ ୨/୩ ମହଲା ଘର ବି ରହିଛି। ଏସବୁ ମୂଲ୍ୟବାନ ସରକାରୀ ସମ୍ପତ୍ତିର ସୁରକ୍ଷା ଏବେ ପ୍ରଶ୍ନବାଚୀ ଘେରରେ। କେତେକ ସ୍ଥାନରେ ବିଦ୍ୟାଳୟ ଚାଲୁନଥିବାରୁ ତାହାର ପରିସରକୁ ମଧ୍ୟ ପ୍ରଭାବଶାଳୀ ଲୋକମାନେ ନିଜ ନିଜ ଦଖଲକୁ ନେଇ ଯାଉଛନ୍ତି। ଆଉ କେତେକ ବିଦ୍ୟାଳୟ ପରିସରକୁ ବ୍ୟବସାୟିକ କାର୍ଯ୍ୟରେ ମଧ୍ୟ ବ୍ୟବହାର କରୁଛନ୍ତି। ବହୁ ସ୍ଥାନରେ ବନ୍ଦହୋଇ ପଡିଥିବା ବିଦ୍ୟାଳୟଗୁଡିକୁ ପୁନର୍ବାର ଚାଲୁ କରିବା ପାଇଁ ଗାଁ ଲୋକଙ୍କ ସମେତ ନିର୍ବାଚିତ ଲୋକପ୍ରତିନିଧିମାନେ ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି।



## ଗୋଡ଼ି ବାଲି ଅଭାବ; ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

# ନେତାଙ୍କ ଚାପରେ ପଡ଼ି ଅକଳରେ ପ୍ରଶାସନ

ଭାପୁର,୨୯।୮ (ସମିସ)

ନେତାଙ୍କ ଚାପରେ ପଡି କ୍ରସର ଓ ବାଲି ଘାଟ ବନ୍ଦ କରି ଅକଳରେ ପ୍ରଶାସନ ପଡ଼ିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳ ବିଶେଷ କରି ଭାପୁର ଓ ଖଣ୍ଡପଡା ବ୍ଲକରେ ରାସ୍ତାଘାଟ ଓ ଆବାସ ନିର୍ମାଣ କାର୍ଯ୍ୟରେ ସ୍ଥାଣୁତା ସୃଷ୍ଟି ହୋଇଛି। ଭାପୁର ବ୍ଲକର ଦୁଇଟି ବାଲିଘାଟ ଓ ଗୋଟିଏ କ୍ରସରକୁ ବନ୍ଦ କରିଦେବା ଫଳରେ ବ୍ଲକର ତିନୋଟି ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବା ବେଳେ ତିନି ଶହ ଆବସ ଗୃହ ନିର୍ମାଣ ଓ ସାଧାରଣ ଜନତା କରୁଥିବା ନିଜର ଘର ଏବେ ନିର୍ମାଣ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହୋଇଛି। ଜୁଲାଇ ୯ ତାରିଖରେ ବ୍ଲକର ସବୁଠାରୁ ଖରାପ ରାସ୍ତା ଓ ମରଣଯନ୍ତା ଆଖ୍ୟା ପାଇଥିବା ଭାପୁର ବିଜିପୁର ରାସ୍ତାର ଶିଳାନ୍ୟାସ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ଧରି କରିଥିଲେ। ଏହି ସାଢ଼େ ତିନି କିଲୋମିଟର ରାସ୍ତାର ନବୀକରଣ ସହ ପ୍ରଶସ୍ତ ହୋଇ ନିର୍ମାଣ ପାଇଁ ୩ କୋଟି ୧୯ ଲକ୍ଷ ୯୬ ହଜାର ମଞ୍ଜୁର ହୋଇଥିଲା। ଜନସାଧାରଣ ଭାବିଥିଲେ ଏହା ଖୁବଶୀଘ୍ର ନିର୍ମାଣ ହୋଇ ସେମାନଙ୍କ ଦୁଖ ଦୂରହେବ। ସେହିପରି ଭାପୁର କଇଁ ଫୁଲିଆ ରାସ୍ତା, ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନ ପ୍ରସାଦ ଠାରୁ ପାଟବନ୍ଧ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ବହୁ ଆଡମ୍ବରରେ ହୋଇଥିଲା। ମାତ୍ର, ବିଭାଗୀୟ ଅଧିକାରୀମାନଙ୍କ ତାଗିଦ ସତ୍ତ୍ୱେ ଠିକାଦାର ସଂସ୍ଥା ବାଲିଗୋଡି ଅଭାବ ଓ ବର୍ଷା ଦିନ କହି ଉପରୋକ୍ତ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ବିଧାୟକ ବିଭାଗୀୟ ଅଧିକାରୀଙ୍କ ଉପରେ ଓ ବିଭାଗୀୟ ଅଧିକାରୀ ମାନେ ଠିକାଦାରଙ୍କ ଉପରେ ଚାପ ପକାଇଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ବର୍ଷା ଋତୁ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ତାପଙ୍ଗ କ୍ରସରରେ ପାଣି ଭରି ରହିଛି ଓ ଖଣ୍ଡପଡା ରାଜକିଆରି କ୍ରସରରେ ମାଟି ମିଶା ଗୋଡି ଯୋଗୁଁ ଠିକାଦାର ମାନେ ଗୋଡି ପାଇବାରେ ଅସୁବିଧା ହେଉଛନ୍ତି। ଏହାସହ ଭାପୁର ବ୍ଲକରେ ତିନି ଶହ ଅନ୍ତ୍ୟୋଦୟ ଗୃହ ଆବଣ୍ଟନ ହୋଇଥିଲେ ହେଁ ଏହି ଗୃହ ନିର୍ମାଣ କାର୍ଯ୍ୟ ବାଲିଗୋଡିର ଅତ୍ୟଧିକ ଦାମ ଓ ପର୍ଯ୍ୟାପ୍ତ ପରିମାଣରେ ନ ମିଳିବା ଯୋଗୁଁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ଭାପୁର ବିଜିପୁର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଜନସାଧାରଣଙ୍କ ଦୁରବସ୍ଥା ଦୂର କରିବାକୁ ପ୍ରଶାସନ ନିକଟରେ ଜନସାଧାରଣ ନିବେଦନ କରିଛନ୍ତି।

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପଥ ଉତ୍ସବ

# 'ପଥ ଉତ୍ସବ ଏକ ଅଭିନବ କୌଶଳ'

ଖୋର୍ଦ୍ଧା,୨୯।୮ (ସମିସ)

ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ -୨୦୨୫ ଓ ଜାତୀୟ କ୍ରୀଡା ଦିବସ ସମନ୍ୱିତ ଭାବେ ପାଳନ ଅବସରରେ ପ୍ରଥମ ପଥ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ସହରର ପ୍ରମୁଖ ସ୍ଥାନ ସମବାୟ ବ୍ୟାଙ୍କ ଛକଠାରୁ ସରକାରୀ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଏହାକୁ ଆନୁଷ୍ଠାନିକ ଭାବେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଥ ଉତ୍ସବ ଏକ ଅଭିନବ କୌଶଳ ଯାହା ଖେଳ ଇଣ୍ଡିଆ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଓ ଯୋଗାଭ୍ୟାସ ଯୋଜନାକୁ ଚରିତାର୍ଥ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ଅଧକ୍ଷତା କରିଥିବାବେଳେ ପୌରନିର୍ବାହୀ ଅଧିକାରୀ ରିଜିୱାନା ସ୍ୱାଗତ ଭାଷଣ, ବିବରଣୀ ପ୍ରଦାନ ଓ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଦିଲ୍ଲୀପ ହୋତା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଡିଓ କ୍ଷୀରାବ୍ଧି ତନୟା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ପଥ ଉତ୍ସବରେ କରାଟେ, ଯୁଡୋ, ପାଇକ ଆଖଡ଼ା, ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଡାନ୍ସ ଗ୍ରୁପ, ପାଇକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗଣପତି ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପିଠାପଣା ଆୟୋଜନ କରାଯାଇଥିଲା।

## ପୂର୍ବତନ ବିଧାୟକ ଗଙ୍ଗାଧରଙ୍କ ଶ୍ରାଦ୍ଧବାର୍ଷିକୀ

ବେଗୁନିଆ,୨୯।୮ (ସମିସ): ବୋଲଗଡ଼ ବ୍ଲକ୍ କବିତୀର୍ଥ ସାନପଦର ଗ୍ରାମର କୃଷକନେତା ଓ ନିର୍ବାଚନମଣ୍ଡଳୀର ୪ ଥର ବିଧାୟକ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ଭକ୍ତଚରଣ ସ୍ମୃତିସଦନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମାଙ୍କ ଅଧକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ରାଜ୍ୟ ବିଜେପି ମୁଖପାତ୍ର ଡ. ଯତୀନ ମହାନ୍ତି ମୁଖ୍ୟବକ୍ତା, ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ରାଉତରାୟ, ଉତ୍କଳ ମହିଳା ସମିତିର ଉପଦେଷ୍ଟା ବନଲତା ଜେନା, ଆଇନଜୀବୀ ଅମୀୟ ପଟ୍ଟନାୟକ, ପ୍ରଫେସର କିଶୋର ଦେବୀଦତ୍ତ, ପୃଥ୍ୱୀରାଜ ପ୍ରତାପସିଂହ, ପୂର୍ବତନ ଅଧକ୍ଷ ପ୍ରମୋଦିନୀ ପାଇକରାୟ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ବିଜୟ କୁମାର ସାମନ୍ତସିଂହାର, ସୁରେଶ ଚନ୍ଦ୍ର ମହାପାତ୍ର, ବଡ଼ମଠ ମହନ୍ତ ଗୋବିନ୍ଦ ଶରଣ ଦାସ, ଅଜୟ ମାନ୍ଧାତା, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ସମାଜସେବୀ ଅଜୟ କୁମାର ମଙ୍ଗରାଜ, ବିଜୟ କୁମାର ଗୁମାନସିଂହ ପ୍ରମୁଖ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ବେଗୁନିଆ ପ୍ରତି ତାଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପୁତ୍ର ବସନ୍ତ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

● ଥାନା ଛକ ବ୍ୟବସାୟୀ ସଂଘ

## ପୂଜା ପେଣ୍ଡାଲରେ ଥାନାଧିକାରୀ ହୁଅନ୍ତି କର୍ତ୍ତା

ଜଟଣୀ,୨୯।୮ (ସମିସ): ପ୍ରସିଦ୍ଧ ଗଣେଶ ପୂଜା ଲାଗି ବ୍ୟାବସାୟିକ ସହର ଜଟଣୀରେ ଗଣେଶଙ୍କ ସହିତ ମା' ଲକ୍ଷ୍ମୀ ଓ ସରସ୍ୱତୀ ମଧ୍ୟ ପୂଜା ପାଇଥା'ନ୍ତି। ଜଟଣୀ ସହରରେ ଏହି ତ୍ରିମୁଖୀ ପୂଜା ପ୍ରାୟତଃ ସମସ୍ତ ପୂଜା ପେଣ୍ଡାଲରେ ଦେଖିବାକୁ ମିଳିଥାଏ। ଜଟଣୀ ସହର ସହିତ ଗ୍ରାମାଞ୍ଚଳର ସଂଯୋଗ ମୁଖଶାଳା ଜଟଣୀ ଥାନା ଛକରେ ମଧ୍ୟ ଧୁମ୍‌ଧାମ୍‌ରେ ପ୍ରଭୁ ଗଜାନନଙ୍କ ପୂଜା ଚାଲିଛି। ଏହି ପୂଜା ପେଣ୍ଡାଲର ଏକ ବିଶେଷତ୍ୱ ରହିଛି; ଏଠାରେ ପ୍ରଭୁ ବିଘ୍ନରାଜଙ୍କ ପୂଜାରେ ପ୍ରଥମ ଓ ଅନ୍ତିମ ଦିନରେ ଭୋଗ ଜଟଣୀ ଥାନାରୁ ଅଣାଯିବାର ବିଧି ରହିଛି। ଏଥିସହିତ ଜଟଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଏହି ପୂଜାର କର୍ତ୍ତା ହୋଇଥା'ନ୍ତି। ଏହି ପରମ୍ପରା ମଧ୍ୟରେ ପ୍ରଭୁ ବିଘ୍ନରାଜଙ୍କ ପୂଜା ଗତ ୫୦ବର୍ଷ ଧରି ଚାଲିଛି ବୋଲି ଥାନା ଛକ ବ୍ୟବସାୟୀ ସଂଘର ସଭାପତି ରୋହତାଶ ଅଗ୍ରୱାଲ କହିଛନ୍ତି। ଏଠାରେ ପ୍ରଭୁ ବିଘ୍ନରାଜଙ୍କ ନିକଟରେ ପ୍ରତିଦିନ ଖଜା, ଛେନା, କାକରା, ଖେଚୁଡ଼ି, ରସଗୋଲା, ଲଡୁ, ଚୂଡ଼ାଘଷା, ମାଲପୁଆ ଆଦି ଭୋଗଲାଗି ହୋଇଥାଏ। ପ୍ରତିଦିନ ସନ୍ଧ୍ୟାରେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଚଳିତ ବର୍ଷ ସୁଉଚ୍ଚ ତୋରଣ ସାଙ୍ଗକୁ ଏଲଇଡି ଲାଇଟ୍ ଆନିମେସନ ଶ୍ରଦ୍ଧାଳୁଙ୍କ ମନମୁଗ୍ଧ କରିଛି ବୋଲି ସମ୍ପାଦକ ଅନନ୍ତ ଶତପଥୀ କହିଛନ୍ତି।

## ଟ୍ରିପଲ୍ 'ଏ'ରେ ଜାତୀୟ କ୍ରୀଡ଼ା ଦିବସ



ଖୋର୍ଦ୍ଧା,୨୯।୮ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡ. ଦିପ୍ତିମୟୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବଟିକୁ କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଂ ପରିଚାଳନା କରିଥିଲେ। ପ୍ରାରମ୍ଭରେ କ୍ରୀଡା ଉତ୍ସବର ଶପଥପାଠ କରାଯାଇଥିଲା। ଉତ୍ସବକୁ ଆକର୍ଷଣୀୟ କରିବାପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା- ଯାହା ଛାତ୍ରମାନଙ୍କ ମଧ୍ୟରେ ଭଲିବଲ ଓ ଛାତ୍ରୀମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା କରାଯାଇଥିଲା। ଦୀର୍ଘ ୩ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ସମସ୍ତଙ୍କୁ କ୍ରୀଡ଼ା ଦିବସର ମହାନତା ସୂଚେଇ ଦେଇଥିଲା। ଏହି ଅଭିନବ ପ୍ରୟାସ ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ଡା. ନନ୍ଦକିଶୋର ପଟ୍ଟନାୟକ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ।

## ଅବ୍ୟବସ୍ଥା ଭିତରେ ପଥୋତ୍ସବ

# ବରିଷ୍ଠଙ୍କୁ ଅଣଦେଖା; କନିଷ୍ଠ କର୍ମଚାରୀଙ୍କୁ ଦାୟିତ୍ୱ

● କାଉନସିଲର ଓ ପୌର ନିର୍ବାହୀ ଅଧିକାରୀ ମୁହାଁମୁହିଁ
● ଚୌକିରୁ ଖସିପଡ଼ିଲେ ମହାପ୍ରଭୁଙ୍କ ମୂର୍ତ୍ତି, ଜଗନ୍ନାଥପ୍ରେମୀ କ୍ଷୁବ୍ଧ

ଖୋର୍ଦ୍ଧା,୨୯।୮ (ସମିସ): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ଅବସରରେ ସପ୍ତାହେ ବ୍ୟାପି ସମଗ୍ର ରାଜ୍ୟ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ପ୍ରଥମ ପଥ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ତେବେ ପୌର ପ୍ରଶାସନର ଖାମଖିଆଲ ନୀତି ଯୋଗୁଁ ପଥ ଉତ୍ସବରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଦେଖାଯାଇଛି। ମଞ୍ଚ ଉପରେ ପୌରନିର୍ବାହୀ ଅଧିକାରୀ ଓ କାଉନସିଲର ମୁହାଁମୁହିଁ, ବରିଷ୍ଠଙ୍କୁ ଅଣଦେଖା, କନିଷ୍ଠ କର୍ମଚାରୀଙ୍କୁ ଦାୟିତ୍ୱ ଭଳି ବେଶ ଚର୍ଚ୍ଚାର ଖୋରାକ ଯୋଗାଇଛି। କାଉନସିଲରଙ୍କ ସମ୍ମାନ କ୍ଷୁର୍ଣ୍ଣ ଲାଗି ନିର୍ବାହୀ ଅଧିକାରୀ ଯୋଜନା କରିଥିବା କିଛି କାଉନସିଲର ମଞ୍ଚ ଉପରେ ଚିଲାଇ କହୁଥିବା ଦେଖାଯାଇଛି। ସୂଚନା ମୁତାବକ, ପୌର ପ୍ରଶାସନ ପକ୍ଷରୁ ସମବାୟ ବ୍ୟାଙ୍କ ଛକଠାରୁ ସରକାରୀ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭା ମଞ୍ଚ ଉପରେ ଉପସ୍ଥିତ କାଉନସିଲର ଓ ପୌର ନିର୍ବାହୀ ଅଧିକାରୀଙ୍କ ମୁହାଁମୁହିଁ ହେବା ଘଟଣା ବେଶ ରୋଚକ ମୋଡ଼ ନେଇଛି। ପ୍ରାରମ୍ଭରେ କାଉନସିଲରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଭା ମଞ୍ଚରେ ସମ୍ମାନିତ କରିବା ଘଟଣାକୁ ନେଇ ମଞ୍ଚ ଉପରେ ପୌରନିର୍ବାହୀ ଅଧିକାରୀ ଓ କାଉନସିଲର ମୁହାଁମୁହିଁ ହୋଇଥିଲେ। କାଉନସିଲରମାନେ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ସମ୍ମାନକୁ ନେଇ ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏପରିକି ମଞ୍ଚ ଉପରେ ଉଭୟ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ମଞ୍ଚରେ ଉପସ୍ଥିତ ଥିବା ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ କାଉନସିଲରଙ୍କ ପାଇଁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ମଗାଯାଇଥିଲେ ମଧ୍ୟ ସେମାନେ ଏହାକୁ ଅଗ୍ରାହ୍ୟ କରିଥିବା ଜଣାପଡିଛି। ଲ

କ୍ଷାଧିକ ଟଙ୍କା ବ୍ୟୟରେ ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସପ୍ତାହ ବ୍ୟାପି ପଥ ଉତ୍ସବଠାରୁ ଆରମ୍ଭ କରି ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଯାହାର ହିସାବ ଖୋଜିଲେ କାଗଜପତ୍ରରେ ମିଳିବା ଅସମ୍ଭବ। ମାତ୍ର ପରିଚାଳନାଗତ ତ୍ରୁଟି ଓ ପୌରନିର୍ବାହୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ବରିଷ୍ଠ କର୍ମଚାରୀଙ୍କୁ ଅଣଦେଖା କରି ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରି ଦାୟିତ୍ୱ ପ୍ରଦାନ କରିବା ହେତୁ ଘରେ ନ ପଶୁଣୁ ଚାଳ ବାଜିବା ପରି ଘଟଣା ଆଜିର ପଥ ଉତ୍ସବରେ ସ୍ପଷ୍ଟ ବାରି ହୋଇଛି। ମାତ୍ର ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପାଣି ବୋତଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁଁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପାଣିଚିଆ ହୋଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ପୌରନିର୍ବାହୀ ଅଧିକାରୀ ଓ କାଉନସିଲରଙ୍କୁ ନେଇ ଗତ ଦୀର୍ଘଦିନ ଲାଗି ରହିଥିବା ତୁ ତୁ ମେଁ ମେଁ ପରିସ୍ଥିତି ଚଳିତ ମାସ ୨୦ ତାରିଖରେ ପୌରପରିଷଦ ସାଧାରଣ ବୈଠକରେ ବିଧାୟକଙ୍କ ହସ୍ତକ୍ଷେପ ପରେ ଶିଥିଳ ହୋଇଥିଲା।

ଆଜିର ଘଟଣା ପରେ ଏହା କେଉଁ ଆଡକୁ ମୋଡ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ସଭା ଚାଲିଥିବା ସମୟରେ ସଭା ମଞ୍ଚରେ ସ୍ଥାନିତ ହୋଇଥିବା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ହଠାତ ମୁହଁମାଡି ଚୌକି ତଳକୁ ପଡିଯାଇଥିଲେ। ଏହାକୁ ନେଇ ଜଗନ୍ନାଥପ୍ରେମୀ କ୍ଷୁବ୍ଧ ହୋଇଥିବାବେଳେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଗତ କିଛିଦିନର ପୌରନିର୍ବାହୀ ଅଧିକାରୀ ଓ ପୌରାଧକ୍ଷଙ୍କ ମଧ୍ୟରେ ଚାଲିଥିବା ଅଶାନ୍ତି ପ୍ରଶମିତ ହେବାପରେ ପୌର ପ୍ରଶାସନର କାର୍ଯ୍ୟଧାରା ସ୍ୱାଭାବିକ ହୋଇଥିବାବେଳେ ଆଜିର ମହାପ୍ରଭୁ ପଡିଯିବା ଘଟଣାକୁ ନେଇ ଏକ ଅଶୁଭ ମୁହୂର୍ତ୍ତ ପୌରପରିଷଦକୁ ଘେନେଇ ଆସୁଥିବା ସାଧାରଣରେ ମତ ପ୍ରକାଶ ପାଇଛି।

● ଗଣେଶ ଭସାଣିକୁ ନେଇ ଗଣ୍ଡଗୋଳ

## ଦୁଇ ଆହତ, ଗାଡ଼ି ଭଙ୍ଗାରୁଜା

ବେଗୁନିଆ,୨୯।୮ (ସମିସ): ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ଗଣେଶ ଭସାଣିକୁ ନେଇ ଗଣ୍ଡଗୋଳ ହୋଇଛି। ଗୋଟିଏ ଗୋଷ୍ଠୀର ଦୁଇଜଣଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର କାର ସହ ବାଇକ ଭାଙ୍ଗି ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଭୟ ପକ୍ଷରୁ ବେଗୁନିଆ ଥାନାରେ ଅଭିଯୋଗ ହୋଇଥିବା ସ୍ଥଳେ ଖବର ଲେଖାବେଳକୁ କୌଣସି ସମାଧାନ ହୋଇ ପାରି ନ ଥିଲା। ଗୋଟିଏ ଗୋଷ୍ଠୀର ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଗୋଟିଏ ସାହିର ଯୁବକ ମାନେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଭସାଣି ଯାଉଥିବା ସମୟରେ ମୁଷ୍ଟିମେୟ ଗୋଷ୍ଠୀର ଲୋକମାନେ ସାହିରେ ଯିବାକୁ ବିରୋଧ କରିଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବିସର୍ଜନ ପାଇଁ ନେଉଥିବା ସାହିର ବାଇକ ଓ କାର ସମେତ ବିଭିନ୍ନ ସାମଗ୍ରୀ ଭଙ୍ଗା ରୁଜୁ କରିଥିଲେ। ତେବେ ମୁଷ୍ଟିମେୟ ଗୋଷ୍ଠୀର ଦୁଇ ଜଣଙ୍କ ମୁଣ୍ଡ ଫାଟି ଆହତ ହୋଇଛନ୍ତି। ଏହି ଘଟଣା ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ପଚାରିବାରେ ଉଭୟ ପକ୍ଷରୁ ବସି ଆପୋଷ ସମାଧାନ କରିବା ପାଇଁ ଚେଷ୍ଟା ଜାରି ରହିଛି।

## ଆଇଚରକୁ ପିଟିଲା ଗହମ ବୋଝେଇ ଟ୍ରକ୍; ଚାଳକ ଆହତ

ବେଗୁନିଆ,୨୯।୮ (ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥ ପିଚୁକୁଳିରେ ବାମପାଶ୍ୱର୍ରେ ଏକ ହୋଟେଲ ନିକଟରେ ଠିଆ ହୋଇଥିବା ଆଇଚର ପଛ ପାଶ୍ୱର୍କୁ ଦ୍ରୁତ ଗତିରେ ଆସୁଥିବା ଗହମ ବୋଝେଇ ଟ୍ରକ ପିଟି ଦେଇଛି। ଏଥିରେ ଆଇଚର ଗାଡ଼ିର ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ହସ୍ପିଟାଲକୁ ପଠାଯାଇଛି। ଏନେଇ ମଧ୍ୟ ରାଜସୁନାଖଳା ଫାଣ୍ଡିରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଫାଣ୍ଡି ଅଧିକାରୀ ଯୋଗାଯୋଗରେ କହିଛନ୍ତି।

## ମୁକୁଳା ପାଇଖାନା ଟାଙ୍କିରୁ ଗାଈ ଉଦ୍ଧାର



ଭୂଷଣ୍ଡପୁର,୨୯।୮ (ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ପଞ୍ଚାୟତର ଉରୁମୁଖୀ ସାହି ପଛପଟେ ଥିବା ବରଫ କଳପାଖରେ ଜଗନ୍ନାଥପୁର ନିବାସୀ ବିଦୁର ବେହେରାଙ୍କର ଥିବା ଏକ ଅର୍ଦ୍ଧ ନିର୍ମିତ ଗୃହର ପଛପଟେ ଥିବା ଏକ ମୁକୁଳା ପାଇଖାନା ଟାଙ୍କିରୁ ଗୋଟିଏ ଗାଈକୁ ଉଦ୍ଧାର କରାଯାଇଛି। ଗାଈ ଟାଙ୍କିରେ ପଡି ଛଟପଟ ହେଉଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସମାଜସେବୀ ବିରଞ୍ଚି ନାରାୟଣ ପ୍ରଧାନ ଏବଂ ସାମ୍ବାଦିକ ରଞ୍ଜନ କୁମାର ସାହୁ, କାପୁ ଦାସ, ଛେଳିଆ ବେହେରା, ବାପୁ ଦାସଙ୍କ ଦ୍ୱାରା ଖବର ପାଇ ଟାଙ୍ଗୀର ଅଗ୍ନିଶମ ବିଭାଗ ପକ୍ଷରୁ ଟାଙ୍କି ଭିତରୁ ଗାଈକୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶ୍ରମ ଅଧିକାରୀ ପରମା ନନ୍ଦ ଲେଙ୍କା, କର୍ମଚାରୀ ମାନସ ରଞ୍ଜନ ପରିଡା, ମିଥୁନ କୁମାର ସାହୁ, ମୋହନ କୁମାର ପ୍ରଧାନ ଏବଂ ଅଜୟ ସେଠି ସହଯୋଗ କରିଥିଲେ।

## ଜଙ୍କିଆ ପଲ୍ଲୀ ଉତ୍ସବ

## ତୃତୀୟ ସନ୍ଧ୍ୟାରେ ଦର୍ଶକଙ୍କ ମନମୋହିଲା ଗୋଟିପୁଅ ନୃତ୍ୟ



ନିରାକାରପୁର,୨୯।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡିଆଠାରେ ଆୟୋଜିତ ୧୪ତମ ପଲ୍ଲୀ ଉତ୍ସବ ୨୦୨୫ର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟଅତିଥି ଭାବେ ମହାମଣ୍ଡଳେଶ୍ୱର ଡ. ଗୋବିନ୍ଦ ଦାସ ମହାରାଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ସୁନିଲ କୁମାର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ୍ତ କୁମାର ପାଟଶାଣୀ ଓ ସୁରେନ୍ଦ୍ର ନାଥ ଜେନା ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଭୁବନେଶ୍ୱରର ମୂର୍ଚ୍ଛନା ଅନୁଷ୍ଠାନ ଦ୍ୱାରା ଗୋଟିପୁଅ ନୃତ୍ୟ, ଜଟଣୀର ନୀଳଶୈଳ ନୃତ୍ୟାଞ୍ଜଳୀ ଅନୁଷ୍ଠାନ ଓ ଖୋର୍ଦ୍ଧାର ସାଇ ପପୁଲାର ଡ୍ୟାନ୍ସ ଗ୍ରୁପ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ଢେର ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଉତ୍ସବ ପଡିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ଷ୍ଟଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଓଁ ଶ୍ରୀ ଗ୍ରୁପ୍‌ର ସଭ୍ୟ ସଂଗ୍ରାମ ପଟ୍ଟନାୟକ, ରାଜେଶ ପାଲଟାସିଂହ, ଇନ୍ଦ୍ରଜିତ ଦାସ, କେଦାର ବଳବନ୍ତରାୟ, ବଣ୍ଟି ଜେନା, କୁଳଦୀପ ଛୋଟରାୟ, ଅନିରୁଦ୍ଧ ବେହେରା, ବିଶ୍ୱରଂଜନ ମଲ୍ଲ, କିଶାନ ଜେନା, ଶଶାଙ୍କ ମଲ୍ଲ, ସୁଧାଂଶୁ ଶେଖର ରାଉତରାୟ, ରମାକାନ୍ତ ସାମନ୍ତରାୟ, ରୋଶନ ଜେନା, ଶଶିକାନ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ପିଲାଙ୍କ ସୁରକ୍ଷା ପାଇଁ ମା'ମାନେ କଲେ ଷଠି ପୂଜା



ଖୋର୍ଦ୍ଧା,୨୯।୮ (ସମିସ): ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀରେ ପବିତ୍ର ଷଷ୍ଠୀ ଓଷା ପାଳନ ହୁଏ। ଗଣେଷ ପୂଜାର ଦୁଇଦିନ ପରେ ଏହି ଓଷା ପଡୁଥିବା ବେଳେ ପିଲାଙ୍କ ସୁରକ୍ଷା ପାଇଁ ଘରେ ଘରେ ମାଆମାନେ ଷଠି ପୂଜା କରିଛନ୍ତି। ଶୁକ୍ରବାର ସକାଳୁ ମହିଳାମାନେ ସ୍ନାନ କରି ଆମ୍ବ, ଓଲୁଅ, ବଣସାରୁ, ବରକୋଳି, ଅଁଳା ଓ ମଲ୍ଲୀ ଆଦି ସାତପ୍ରକାର ଡାଳକୁ ଏକାଠି କରି ହଳଦୀ ଲଗା କନାରେ ବାନ୍ଧି ଏବଂ ବନ୍ଦାଣ ଥାଳିରେ ଦୁବ, ବରକୋଳିପତ୍ର, ଫୁଲ ଓ ହଳଦୀ ବୋଳା ଚାଉଳ ପ୍ରସ୍ତୁତ କରିଥିଲେ। ପରେ ପିଲାମାନଙ୍କୁ ବନ୍ଦାଣ କରିଥିବା ବେଳେ ଏହା ପରେ ଡାଳ ବିଡାରେ ପିଲାଙ୍କ ପିଠିରେ ସାତପାହାର ଦିଅନ୍ତି। ୮୨ବର୍ଷିୟ ବୃଦ୍ଧା ଦ୍ରୌପଦୀ ବେଓ୍ୱା କୁହନ୍ତି, ଷଠି ଠାକୁରାଣୀଙ୍କୁ ଏକ ହଳଦୀ ପିଣ୍ଡ କିମ୍ବା ଶିଳରେ ମୁଖଦେଇ ତିଆରି ହୁଏ। ଓଷା ଘରର ଛୋଟପିଲାମାନଙ୍କ ମଙ୍ଗଳ କାମନା କରି ମାଆମାନେ ପାଳନ କରନ୍ତି। ପିଲାଙ୍କୁ ବନ୍ଦାପନା ପରେ ୭ ପାହାର ଦିଅନ୍ତି। ବନ୍ଦାଣ ପଛରେ ଷଠି ଠାକୁରାଣୀ ପିଲାମାନଙ୍କ ଶରୀରକୁ ବଜ୍ର ଭଳି ସୁରକ୍ଷା ଦେଇଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି ପ୍ରଥମ ୬ଟି ପାହାର ଧୀରେ ଧୀରେ ହେଉଥିବା ବେଳେ ଶେଷ ପାହାରଟି ଜୋରରେ ପଡିଥାଏ। ବଜ୍ରପାହାର ଦ୍ୱାରା ଶିଶୁମାନଙ୍କ ସମସ୍ତ ବାଳରିଷ୍ଟ ଖଣ୍ଡିତ ହୁଏ ବୋଲି ବିଶ୍ୱାସ ରହିଥିବା କହିଛନ୍ତି। ତେବେ ଏପ୍ରଥା ଆଜି ବି ଗାଁ ଗଣ୍ଡାରେ ବଞ୍ଚି ରହିଛି। ପ୍ରତି ଘରେ ଆଜି ଷଠି ପୂଜା ଉତ୍ସବ ଏ ବିଶ୍ୱାସକୁ ପ୍ରମାଣିତ କରୁଛି।

# ଷଷ୍ଠୀ ଦେବୀ ଭାବେ ପୂଜାପାଇଲେ ମା'ଭଗବତୀ

ଷଠି ବ୍ରତ ଧାରଣକଲେ ସେବାୟତ

ବାଣପୁର,୨୯।୮ (ସମିସ): ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ଅନନ୍ୟ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ମନ୍ଦିରରେ ଷଷ୍ଠୀ ଓଷା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶାର ମହାନ ପର୍ବ ଷଷ୍ଠୀ ଓଷା ପୁରପଲ୍ଲୀର ଘରେ ଘରେ ଛ' ତିଅଣ ନ ଭଜା, ପିଠାପଣା, କ୍ଷୀରି, ଖେଚଡ଼ି ଆଦି ଷଷ୍ଠୀଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କଲେ ପରିବାର ସଦସ୍ୟଙ୍କୁ ମା' ସବୁ ବିପଦଆପଦ, ରୋଗରୁ ରକ୍ଷା କରିବା ସହ ଅଶେଷ ଆୟୁଷ ଓ ଉତ୍ତମ ଭାଗ୍ୟ ପ୍ରଦାନ କରିଥା'ନ୍ତି ବୋଲି ବିଶ୍ୱାସ ରହିଛି। ସେଥିଲାଗି ପ୍ରତିଟି ଓଡ଼ିଆଙ୍କ ଘରେ ସ୍ୱତନ୍ତ୍ର ରୀତିନୀତିରେ ଷଷ୍ଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏପରିସ୍ଥଳେ ଶୁକ୍ରବାର ବାଣପୁରରେ ଷଠି ଓଷାରେ ମା'ଭଗବତୀଙ୍କୁ ଷଷ୍ଠୀ ଦେବୀ ରୂପେ ପୂଜା କରାଯିବାର ଅନନ୍ୟ ପରମ୍ପରା ପ୍ରାଚୀନ କାଳରୁ ଚଳି ଆସୁଛି। ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା ଓ ମହାସ୍ନାନ ପରେ ମହାପ୍ରସାଦ ଅର୍ପଣ କରି ବେଶ କରାଯାଇ ସର୍ବସାଧାରଣ ଦର୍ଶନ ଚାଲିଥିଲା। ଦିବା ୧ଘଟିକା ସମୟରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରେ ବିଜେ କାହାଳୀ ବାଜିବାରେ ଘଣ୍ଟ କାହାଳି ବାଦ୍ୟ ଓ ଛତ୍ର ତରାଶ ଆଲଟ ଚାମର ସହ ପାଟ ପଟୁଆରରେ ସେବାୟତଙ୍କ ଗହଣରେ ମା'ଙ୍କ ଚଳନ୍ତି ପ୍ରତୀମା କାଠି ଠାକୁରାଣୀ ନିଜ ମନ୍ଦିରକୁ ବିଜେ କରିଥିଲେ। ବ । ଣ ପୁ ର ବ ଡ଼ ଦ । ଣ୍ଡ ରେ ମା'ଙ୍କ ଯାତ୍ରା ସମୟରେ ଗୃହିଣୀମାନେ ଶଙ୍ଖ ହୁଳହୁଳି ପକାଇ ମା'ଙ୍କୁ ବନ୍ଦାପନା କରିଥିଲେ। ନିଜ ଘରମାନଙ୍କରେ ପ୍ରସ୍ତୁତ କ୍ଷୀରି ଖେଚଡ଼ି, ପିଠାପଣା ସହିତ ଛ' ତିଅଣ ନଭଜା କରି ମା'ଭଗବତୀଙ୍କୁ ଷଷ୍ଠି ଦେବୀ ଭାବେ ପୂଜା କରି ମା' ମନ୍ଦିରକୁ ବିଜେ କଲାପରେ ନିଜ ଘରେ ଓଷା ପୂଜା କରି ପ୍ରସାଦ ସେବନ କରିଥିଲେ। ମା' ମନ୍ଦିରରେ ବିଜେ କଲା ପରେ ପୂଜକ ସାଆନ୍ତ ପରିଛା ପ୍ରସନ୍ନ ମହାପାତ୍ର, ପାଳିଆମାଳି ସଞ୍ଜୟ ମହାପାତ୍ର ପିଣ୍ଡି ତଳେ ମୁରୁଜ ପକାଇ ନବ କଳସ କୁମ୍ଭ ସ୍ଥାପନ କରି ସାତଦୀପ ରୁଖା ପ୍ରଜ୍ୱଳନ ପୂର୍ବକ ବରୁଣ ପୂଜା କରି ମା'ଙ୍କ ଆଳତୀ ବଢାଇ ନିଶଙ୍କୁଡି ଧୂପରେ ମା'ଙ୍କୁ ଏକାଠି ବଲ୍ଲଭ ଖଇ ସହିତ ଖେଚଡ଼ି, କ୍ଷୀରି, ଡାଲି, ମାଛମହୁର, ମାଛ ଗୁଣ୍ଡି ଭଜା, ଶାଗମୁଗ, ଆମ୍ବିଳ ଓ ଏଣ୍ଡୁରୀ ଆଦି ନୈବେଦ୍ୟ ଧୂପ ଷୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରି ସେବାୟତ ଓ ଶ୍ରଦ୍ଧାଳୁମାନେ ଷଠି ବ୍ରତ ଧାରଣ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ମନ୍ଦିରର ସମସ୍ତ ପାଶ୍ୱର୍ ଦେବାଦେବୀଙ୍କୁ ଗୁଳା ଭୋଗ ପ୍ରଦାନ କରାଯିବା ପରେ ସମସ୍ତ ସେବାୟତ ଏକାଠି ପ୍ରସାଦ ସେବନ କରିଥିଲେ। ଏହି ନିଆରା ପରମ୍ପରା ସହ ମା'ଙ୍କୁ ଷଷ୍ଠି ଦେବୀ ରୂପେ ଦର୍ଶନ କରି ଆଶୀର୍ବାଦ ଲାଭ କରିବା ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ଥିବାବେଳେ ମନ୍ଦିର ପ୍ରଶାସନ ତରଫରୁ ସୁବନ୍ଦୋବସ୍ତ କରାଯାଇଥିଲା।



## ଘରେ ଘରେ ଷଷ୍ଠୀ ଓଷା

ବାଲୁଗାଁ,୨୯।୮ (ସମିସ)

ଧରାପୃଷ୍ଠକୁ ପାର୍ବଣ ଋତୁର ଆଗମନରେ ବାଲୁଗାଁ-ବାଣପୁର ତଥା ଚିଲିକା ଅଞ୍ଚଳର ଘରେ ଘରେ ଷଷ୍ଠୀ ଓଷା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ଘର ଅଗଣାରେ ଶୀଳପୁଆରେ ହଳଦୀ ଲେପନ କରି ରୂପାର ଆଖି ଓ କଉଡ଼ିରେ ପାଟି, ନାକସହ ସୁନା ଅଳଙ୍କାର ପିନ୍ଧାଇ ଷଠୀଦେବୀ ରୂପେ ସାଜସଜା କରି ଛଅ ପ୍ରକାର ଗଛ, କଞ୍ଚା ଫଳମୂଳ ରଖି ଷଷ୍ଠୀ ବୁଢ଼ି ମା'ଙ୍କୁ ପୂଜାର୍ଚ୍ଚନା କରି ଆବିର୍ଭାବ କରିଥିଲେ। ଛଅ ପ୍ରକାର ପିଠା, ଛଅ ପ୍ରକାର ଆମିଷ ଆଦି ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରି ମା' ଷଠୀ ବୁଢୀ ଠାକୁରାଣୀଙ୍କ



ନି କ ଟ ରେ ଭୋ ଗ ଲା ଗି କରାଇ ପୂଜାର୍ଚ୍ଚନା କରି ପରିବାରର ସମସ୍ତ ସଦସ୍ୟ ଷଷ୍ଠୀ ଦଉଡି ବ୍ରତ ଧାରଣ କରିଥିଲେ। ସନ୍ଧ୍ୟାରେ ଷଷ୍ଠୀ ଓଷା ଉଦ୍‌ଯାପନ କରାଯିବା ପରେ ଛଅ ପ୍ରକାର ଗଛକୁ ଏକାଠି କରି ମାଆମାନେ ନିଜ ପିଲାମାନଙ୍କ ଶରୀରକୁ ବଜ୍ରପରି ଟାଣ କରିବା ଉଦ୍ଦେଶ୍ୟରେ ଛଅ ଥର ବାଡ଼େଇବାର ପରମ୍ପରା ଚଳି ଆସୁଛି। ଯାହା ଷଷ୍ଠି ବାଡ଼ିଆ ଭାବେ ଗ୍ରାମାଞ୍ଚଳରେ ବେଶ ଜଣାଶୁଣା।

ପରେ ଷଷ୍ଠୀ ଦେବୀଙ୍କୁ ବିସର୍ଜନ କରାଯାଇ ପୁରପଲ୍ଲୀରେ ଏହି ପାରମ୍ପରିକ ଷଷ୍ଠୀ ଓଷା ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଅଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟ୍ରମ୍ପ୍ ଟାରିଫ୍‌ରେ ୫୨ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)




**ଜେଫ୍‌ରିଜ୍ ରିପୋର୍ଟ**

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ବଡ଼ ଫାଟ ସୃଷ୍ଟି କରିଛି। ଏହି ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ଯୋଗୁଁ ଭାରତ ୫୨ ଲକ୍ଷ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ। ଏ ନେଇ ବ୍ରୋକରେଜ୍ ସଂସ୍ଥା ଜେଫ୍‌ରିଜ୍ ପକ୍ଷରୁ ଦାବି କରାଯାଇଛି। ସଂସ୍ଥା ଆହୁରିମଧ୍ୟ କହିଛି ଯେ, **ଭାରତ ଉପରେ ବ୍ୟକ୍ତିଗତ ରୋଷ ରଖି ଟ୍ରମ୍ପ୍ ଏପରି ନିଷ୍ପତ୍ତି ନେଇଛନ୍ତି।**

ଜେଫ୍‌ରିଜ୍ ଇକ୍ୱିଟି ଷ୍ଟ୍ରାଟେଜି ଗ୍ଲୋବାଲ୍ ମୁଖ୍ୟ କ୍ରିଷ୍ଟୋଫର ଉଡ୍ ତାଙ୍କ ସାପ୍ତାହିକ ନ୍ୟୁଜଲେଟର ‹ଗ୍ରିଡ୍ ଆଣ୍ଡ ଫିୟର›ରେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତର ଅର୍ଥନୀତିକୁ ୫୫-୬୦ ବିଲିୟନ ଡଲାରର ଝଟକା ଦେବ। ଉଡ୍ କହିଛନ୍ତି ଯେ ଏହାର ପ୍ରଭାବରେ ଯେଉଁ କ୍ଷେତ୍ରଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ ସେମାନଙ୍କ ମଧ୍ୟରେ ବୟନଶିଳ୍ପ, ରତ୍ନ ଓ ଅଳଙ୍କାର ଏବଂ ଫୁଟୱେର ଭଳି ଅନ୍ୟାନ୍ୟ ଅନେକ ଶିଳ୍ପ ଅନ୍ତର୍ଭୁକ୍ତ। ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ନିଜ ଦେଶରେ ହିଁ ଶରବ୍ୟର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ନେତା, ଗଣମାଧ୍ୟମ ଓ ବିଶେଷଜ୍ଞମାନେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଭାରତ ଉପରେ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଆମେରିକାର ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ଜେଫ୍‌ରିଜ୍ କହିଛି। ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏହି ଉଚ୍ଚା ଟାରିଫର କାରଣ। ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ଅସ୍ୱୀକାର କରିବାରୁ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏହି ଉଚ୍ଚା ଶୁଳ୍କ ଲଗାଇଛନ୍ତି। ସୂଚନା ଯୋଗ୍ୟ ଯେ, ଆମେରିକା ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପୂର୍ବରୁ ଟ୍ରମ୍ପ୍ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଅଗଷ୍ଟ ୨୭ ରୁ ଆଉ ୨୫ ପ୍ରତିଶତ ଲାଗୁ ହୋଇଛି। ଫଳରେ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ ହୋଇଛି। ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଭାରତ ସବୁବେଳେ ବିରୋଧ କରିଆସିଛି। ବିଶେଷକରି କାଶ୍ମୀରକୁ ନେଇ ପାକିସ୍ତାନ ସହ ଥିବା ଦୀର୍ଘଦିନର ବିବାଦରେ ମଧ୍ୟସ୍ଥତାକୁ ଭାରତ ଅସ୍ୱୀକାର କରୁଛି। ଭାରତର ସ୍ଥିତି ବିଷୟରେ ଭଲ ଭାବରେ ଅବଗତ ଥିବା ସତ୍ତ୍ୱେ ରାଜନୈତିକ ନାଟକରେ ମାହିର ଟ୍ରମ୍ପ୍ କହିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ «ପରମାଣୁ ଯୁଦ୍ଧ»କୁ ରୋକିଛନ୍ତି। ଟ୍ରେଡ୍ ଭୟ ଦେଖାଇ ସେ ଯୁଦ୍ଧ ବନ୍ଦ କରିଦେଇଛନ୍ତି ବୋଲି ଟ୍ରମ୍ପ ଦାବି କରି ଆସୁଥିବା ବେଳେ ଭାରତ ଟ୍ରମ୍ପଙ୍କ ଦାବିକୁ ସବୁବେଳେ ଅସ୍ୱୀକାର କରି ଆସୁଛି। ଏହା ପୂର୍ବରୁ ବର୍ଷେ ତଳେ ଟ୍ରମ୍ପ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ସେତେବେଳେ ବି ମନା କରିଥିଲା।

ଏହି ଶୁଳ୍କ ଏପରି ସମୟରେ ଲାଗୁ କରାଯାଇଥିଲା ଯେତେବେଳେ ଭାରତ ଏବଂ ଆମେରିକା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ନିକଟତର ହୋଇଥିଲେ। ଅନେକ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଏକ ଅଚଳାବସ୍ଥା ଥିଲା। କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ଉଡ୍ ଭାରତର ପକ୍ଷ ନେଇଥିଲେ କହିଥିଲେ ଯେ କୌଣସି ସରକାର କୃଷି କ୍ଷେତ୍ରକୁ ବିଦେଶୀ ଆମଦାନୀ ପାଇଁ ଖୋଲିବେ ନାହିଁ କାରଣ ଏହା ଗରିବ ଚାଷୀମାନଙ୍କୁ ପ୍ରଭାବିତ କରିବ। ଭାରତରେ, କୃଷି କ୍ଷେତ୍ର ସହ ପ୍ରାୟ ୨୫ କୋଟି ଚାଷୀ ଜଡିତ ଏବଂ ଶ୍ରମିକଙ୍କ ପାଇଁ ଏହା ହେଉଛି ପ୍ରମୁଖ ଆୟର ଉତ୍ସ। ଭାରତର ପ୍ରାୟ ୪୦ ପ୍ରତିଶତ କର୍ମଶକ୍ତି କେବଳ କୃଷିରୁ ନିଯୁକ୍ତି ପାଇଥାନ୍ତି।

> **ବ୍ୟକ୍ତିଗତ ରାଗ ପାଇଁ ଭାରତ ଉପରେ ଟ୍ରମ୍ପ୍ ଲଗାଇଛନ୍ତି ଉଚ୍ଚା ଶୁଳ୍କ**

# ଆମେରିକା କୁକୁର ଖାଉଛନ୍ତି ନେପାଳୀ ପନୀର

ୱାଶିଂଟନ୍, ୨୯।୮ (ଏଜେନ୍ସି): ଗୋଟିଏ ପଟେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଅନ୍ୟପଟେ ଭାରତର ପଡ଼ୋଶୀ ଦେଶ ନେପାଳ ଉପରେ କେବଳ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ନେପାଳ ସହିତ ଆମେରିକାର ବାଣିଜ୍ୟ ପ୍ରାୟ ୧ ପ୍ରତିଶତ। ତଥାପି, ଗତ କିଛି ବର୍ଷ ମଧ୍ୟରେ ଏହା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକା ନେପାଳକୁ ଅନେକ ଅତ୍ୟାବଶ୍ୟକୀୟ ଜିନିଷ ରପ୍ତାନି କରେ, କିନ୍ତୁ



**ଲାଗିନି ଟାରିଫ୍**

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆମେରିକା ତାର କୁକୁରମାନଙ୍କ ପାଇଁ ନେପାଳରୁ ‘ନେପାଳୀ ପନିର’ ଆମଦାନୀ କରେ। ଯାହାକୁ ନେପାଳରେ ‘ଚୁର୍ପି’ କୁହାଯାଏ। ଚୁର୍ପିକୁ ବିଶ୍ୱର ସବୁଠାରୁ କଠିନ ପନିର ବୋଲି ବିବେଚନା କରାଯାଏ। ଏହା ନେପାଳର ପାହାଡିଆ ଅଞ୍ଚଳରେ ତିଆରି କରାଯାଏ। ଏହାକୁ ତିଆରି କରିବା ପାଇଁ ୟାକ କ୍ଷୀର ବ୍ୟବହାର କରାଯାଏ। ବିଦେଶରେ ଚୁର୍ପିକୁ କୁକୁର ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ଏହାକୁ କୁକୁରମାନେ ଚୋବାଇବା ପାଇଁ ବ୍ୟବହାର କରନ୍ତି। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ କୁକୁରମାନେ ଏଥିରୁ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ଅନେକ ଆବଶ୍ୟକୀୟ ଉପାଦାନ ପାଇଥାନ୍ତି। ଗତ ୫ ବର୍ଷ ମଧ୍ୟରେ, ନେପାଳୀ ଛୁର୍ପି (ପନିର) ରପ୍ତାନି ଦ୍ୱିଗୁଣିତ ହୋଇଛି। ଆମେରିକାରେ, ଏହାକୁ ‘ହିମାଳୀୟ ଡଗ୍ ଚୋ’ ଭାବରେ ଜଣାଶୁଣା ଏବଂ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ଆକର୍ଷଣୀୟ କଥା ହେଉଛି ଯେ ଆମେରିକା ଛୁର୍ପି ଆମଦାନୀ ଉପରେ କୌଣସି ଶୁଳ୍କ କିମ୍ବା ସୀମା ଲାଗୁ କରେ ନାହିଁ। ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ଛୁର୍ପି ଆମଦାନୀ ୧୦୧୧% ହାରରେ ବୃଦ୍ଧି ପାଇଛି।

# ପାୱାରଗ୍ରୀଡ୍‌ର ୩୬ତମ ବାର୍ଷିକ ସାଧାରଣ ବୈଠକ




ନୂଆଦିଲ୍ଲୀ,୨୯।୮: ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ମହାରତ୍ନ କମ୍ପାନୀ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରୀଡ୍)ର ୩୬ତମ ବାର୍ଷିକ ସାଧାରଣ ବୈଠକ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାୱାରଗ୍ରୀଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ରବିଶଙ୍କର ଗଣେସନ, ନିର୍ଦ୍ଦେଶକ (ଅର୍ଥ) ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ, ଡକ୍ଟର ଯତିନ୍ଦ୍ର ଦ୍ୱିବେଦୀ, ନିର୍ଦ୍ଦେଶକ (କାର୍ମିକ), ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଅପରେସନ୍), ଭାମସି ରାମମୋହନ ବୁରା, ନିର୍ଦ୍ଦେଶକ (ପ୍ରକଳ୍ପ), ଡକ୍ଟର ସାଇବାବା ଦରବାମୁଲା, ସରକାରୀ ମନୋନୀତ ନିର୍ଦ୍ଦେଶକ, ଅଭୟ ବାକ୍ରେ, ସ୍ୱାଧୀନ ନିର୍ଦ୍ଦେଶକ ଶିବ ତାପିଆ ପାସୱାନ, ସ୍ୱାଧୀନ ନିର୍ଦ୍ଦେଶକ ରୋହିତ ଭାସୱାନୀ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ସଜଲ ଝା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ପ୍ରତିନିଧି ଏବଂ ଅଂଶଧନଧାରୀମାନେ ବୈଠକରେ ଯୋଗଦେଇଥିଲେ।

# ଆୟକର ଭବନରେ ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମ

କଟକ,୨୯।୮ (ସମିସ): ଆୟକର ବିଭାଗର ଆୟକର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକର ଆୟକର ଭବନସ୍ଥିତ କାର୍ଯ୍ୟାଳୟରେ “କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯ୍ୟାତନା” ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା ଓ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିର ସଦସ୍ୟମାନେ ଯଥା ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ , ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ, ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏହି ଅବସରରେ ଉପରୋକ୍ତ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରି ପୋସ୍କୋ ଆକ୍ଟ ୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ।



**ବିକଶିତ ଓଡ଼ିଶା ସମ୍ମିଳନୀ**

# ‘୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ’

ଭୁବନେଶ୍ୱର,୨୯।୮ (ସମିସ)




୨୦୩୬ ସୁଦ୍ଧା ଆମେ ଏକ ସମୃଦ୍ଧ ଓଡିଶା ଓ ବିକଶିତ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏଥି ସହିତ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନ ଦେବା ପାଇଁ ମଧ୍ୟ ଆମେ ଉଦ୍ୟମ ଜାରି ରଖିଛୁ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇ.ଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟା କରଣ, ପର୍ଯ୍ୟଟନ, ଏମ୍‌ଏସ୍‌ଏମ୍‌ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। ଓଡିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ। ସମୃଦ୍ଧ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ ବୋଲି ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା ‘ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା’ ଶୀର୍ଷକ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଲେ, ସାରା ବିଶ୍ୱରେ ଯାହା ଅଛି ତାହା ଓଡିଶାରେ ରହିଛି। ଓଡିଶାରେ ରୂପାନ୍ତରିତ କରିବାକୁ ଆମର ଦୃଢ ଇଛା ଶକ୍ତି ଆବଶ୍ୟକ। ଏଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଆମ ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ କିଭଳି ବାସ୍ତବତାର ରୂପ ନେବ ତାହା ଆମର ପ୍ରଥମ ପ୍ରାଥମିକତା। ଯଦି ପାରାଦୀପରେ ନାଥା କାକର ପ୍ଲାଣ୍ଟ ହେବ ତେବେ ପେଟ୍ରୋ କେମିକାଲରେ ଆମେ ଅନେକ ଆଗକୁ ଯାଇପାରିବା। ଓଡିଶାରେ ଏମଏସଏମଇ କ୍ଷେତ୍ରରେ ପ୍ରାଥମିକତା ରହୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ କହିଲେ ଓଡିଶା ୨୦୩୬ ସୁଦ୍ଧା ବିକଶିତ ହେବା ପାଇଁ ଲକ୍ଷ୍ୟ ରହିଛି। ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିରେ ଆଇସିସି ଗୁଣ୍ଡୁଚି ମୂଷା ପରି ସାହାଯ୍ୟ କରୁଛି। ଓଡିଶାର ଅର୍ଥନୀତି ବୃଦ୍ଧି ପାଉଛି। ଏଥିରେ ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ସଚିବ ତଥା ଇପିକଲ୍ ଅଧ୍ୟକ୍ଷ ହେମନ୍ତ ଶର୍ମା, ପ୍ରମୁଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ। ଆଇସିସି ଡିଜି ଡ. ରାଜୀବ ସିଂ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ମଧ୍ୟ ଉପସ୍ଥିତ ଥିଲେ।

# ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କ ୪୦% ବୃଦ୍ଧି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଜି କହିଛନ୍ତି ଯେ,କେନ୍ଦ୍ର ସରକାର ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କକୁ ପ୍ରାୟ ୪୦% ବୃଦ୍ଧି କରିଛନ୍ତି। ଖାଦ୍ୟଶସ୍ୟ କ୍ରୟ ଏବଂ ବଣ୍ଟନରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ସହିତ କ୍ରୟ କାର୍ଯ୍ୟକୁ ସୁଗମ କରିବା, ସ୍ଥାୟୀ ପ୍ୟାକେଜିଂ ଅଭ୍ୟାସକୁ ସମର୍ଥନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ଅନୁରୋଧ ପାଇଥିଲେ ଯାହା ପରେ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଏକ କମିଟି ଗଠନ କରିଥିଲା। ପ୍ୟାକେଜିଂ ଶୁଳ୍କର ଏକ ବ୍ୟାପକ ସମୀକ୍ଷା କରିବା ପାଇଁ ଗଠିତ ଏହି କମିଟିରେ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ର ସଦସ୍ୟମାନେ ସାମିଲ ଥିଲେ। ଆନ୍ଧ୍ର ପ୍ରଦେଶ,ପଞ୍ଜାବ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଏବଂ ହରିୟାଣା ରାଜ୍ୟ ସରକାରମାନେ କମିଟିକୁ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ।

# ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତୀୟ ଅର୍ଥନୀତି ଚମତ୍କାର ପ୍ରଦର୍ଶନ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକ (ଏପ୍ରିଲ୍-ଜୁନ୍)ରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି, ଯାହାକି ଅନୁମାନଠାରୁ ବହୁ ଉପରେ ଅଛି। କେବଳ ଏତିକି ନୁହେଁ, ଗତ ୫ତ୍ରୈମାସିକରେ ଏହା ହେଉଛି, ଦେଶର ସବୁଠୁ ଅଧିକ ଜିଡିପି ଅଭିବୃଦ୍ଧି ହାର। ଜୁନ୍ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬.୭% ରହିବା ନେଇ ଆରବିଆଇ ପୂର୍ବାନୁମାନ କରିଥିଲା। ପୂର୍ବ ବର୍ଷ ସମାନ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିଥିଲା । ରିପୋର୍ଟ ଏହା ଦର୍ଶାଉଛି ଯେ ଆର୍ଥ ବର୍ଷ ୨୦୨୫-୨୬ ଆରମ୍ଭରେ ଭାରତୀୟ ଅର୍ଥନୀତି ଭଲ ଗତିରେ ଆଗକୁ ବଢ଼ୁଛି।

# ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ




ଭୁବନେଶ୍ୱର,୨୯।୮ (ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶିବପୁରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଡିଓ ସାମଦେନ ଦୋର୍ଜି ଲାମାଙ୍କ ସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଗତ ୬ ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବି ବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ ଦେଇଥିଲେ।

# ଭାଙ୍ଗିଲା ସବୁ ରେକର୍ଡ ୧.୦୩ ଲକ୍ଷ ଟପିଲା ସୁନା ଦର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)

- **ଦିନକରେ ୨୧୦୦ ଟଙ୍କା ବୃଦ୍ଧି**
- **୨୨ କ୍ୟାରେଟ୍ ୧୦ ଗ୍ରାମ ପିଛା ୯୪,୭୦୦ ଟଙ୍କା ଛୁଇଁଲା**

ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଦର। ଆମେରିକା ଦ୍ୱାରା ସାରା ବିଶ୍ୱ ଉପରେ ଲାଗୁ ହୋଇଥିବା ବାଣିଜ୍ୟ ଶୁଳ୍କ ଏବଂ ବିଶ୍ୱ ବଜାରରେ ଅନିଶ୍ଚିତତା କାରଣ ଯୋଗୁ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୦୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୧୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ବୈଶ୍ୱିକ ଉତ୍ତେଜନା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୧.୩ ଲକ୍ଷ ଟଙ୍କା ଟପିଯାଇଛି। କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନା ମୂଲ୍ୟକୁ ସମର୍ଥନ କରୁଛି ଏବଂ ଏଥିଯୋଗୁ ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ସୁନା ମୂଲ୍ୟ ଚଳିତବର୍ଷ ୧୦ ଗ୍ରାମ ପିଛା ୧.୪ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେହିପରି ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଏକ କିଲୋ ରୂପାର ମୂଲ୍ୟ ୧.୪୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୯୪,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୦୦,୯୦୦ ଟଙ୍କା ରହିଛି।




ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ବାଣିଜ୍ୟ ଯୁଦ୍ଧ ଭୟଙ୍କର ହେବାର ଆଶଙ୍କା ରହିଛି। ଫଳରେ ଅର୍ଥନୀତିର ଗତି ମନ୍ଥର ହୋଇପାରେ। ଏଥିଯୋଗୁ ବିଶ୍ୱ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ ବଢ଼ାଉଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ମୂଲ୍ୟରେ ବୃଦ୍ଧି ଘଟୁଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୫୬୯-ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ଜନ୍ମ।
- ୧୮୩୫- ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସ୍ଥାପନା।
- ୧୯୪୭- ଭାରତୀୟ ସମ୍ବିଧାନର ସ୍ୱରୂପ ତିଆରି କରିବା ପାଇଁ ଡା.ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମିତି ଗଠନ କରାଗଲା।
- ୧୯୮୪- ମହାକାଶ ଯାନ 'ଡିସ୍‌କଭରି'ର ପ୍ରଥମ ଉଡ଼ାଣ।
- ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ।
- ୨୦୧୪- ମହାନ୍ ଐତିହାସିକ ବିପିନ୍ ଚନ୍ଦ୍ରଙ୍କ ପରଲୋକ।

# 'ଆଲ୍‌ଫା'ରେ ହ୍ରିତିକ୍‌ଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଆଲ୍‌ଫା'ର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ପ୍ରଥମ ଥର ପାଇଁ ଆଲିଆ ଏକ ସ୍ପାଇ ଥ୍ରିଲର୍ ଫିଲ୍ମରେ କାମ କରୁଛନ୍ତି। 'ୱାର୍ ୨' ଫିଲ୍ମର ଶେଷରେ 'ଆଲ୍‌ଫା'ର ପ୍ରଥମ ଝଲକ୍ ଦେଖିବାକୁ ମିଳିଥିଲା। ଏଥିରେ ବବି ଦେଓ୍ୱଲ ନଜର ଆସିଥିଲେ। ଏବେ 'ଆଲ୍‌ଫା'ରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଛି। ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଜଣାପଡ଼ିଛି। 'ଏକ୍ ଥା ଟାଇଗର', 'ପଠାନ୍', 'ୱାର୍' ଫିଲ୍ମର ନିର୍ମାତା ଆଦିତ୍ୟ ଚୋପ୍ରା ମହିଳା କୈନ୍ଦ୍ରିକ ଗୁଇନ୍ଦା ଫିଲ୍ମ 'ଆଲ୍‌ଫା'ର ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମ ଯଶରାଜ ବ୍ୟାନର୍‌ର ସ୍ପାଏ ୟୁନିଭର୍ସର ଅଂଶ ହୋଇଥିବାରୁ ଏଥିରେ ଏହାର ଅନ୍ୟ ଫିଲ୍ମର ହିରୋମାନେ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଆଶା କରାଯାଉଥିଲା। ହ୍ରିତିକ୍‌ଙ୍କ ସହ ଅନ୍ୟ ଜଣେ ବଲିଉଡ୍ ଅଭିନେତାଙ୍କର ଏଣ୍ଟ୍ରି ହେବା କଥା ଶୁଣାଯାଉଥିଲେ ବି ତାଙ୍କ ନାମ ସାମ୍ନାକୁ ଆସି ନାହିଁ। ହ୍ରିତିକ୍ 'ଆଲ୍‌ଫା'ରେ ତାଙ୍କ ଅଂଶର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ସେହିଭଳି ଫିଲ୍ମର ଦୁଇ ନାୟିକା ଆଲିଆ ଓ ଶରବରି ୱାଗ୍ ଏକ ଡ୍ୟାନ୍ସ ନମ୍ବରର ସୁଟିଂ କରିଛନ୍ତି। ଏହା ଆସନ୍ତା ୨୫ ଡିସେମ୍ବରରେ ରିଲିଜ୍ ହେବ।

# ଅଳସୁଆଙ୍କ ଉତ୍ସବ

କଲମ୍ବିଆର ଇଟାଗୁଇ ସହରରେ ପ୍ରତିବର୍ଷ ଅଗଷ୍ଟ ମାସରେ ବିଶ୍ୱ ଆଳସ୍ୟ ଦିବସ ପାଳନ କରାଯାଏ। ଏହି ଉତ୍ସବ ଲୋକଙ୍କୁ ଆରାମ କରିବା ଦିଗରେ ପ୍ରୋତ୍ସାହିତ କରିବା ସହ କଳା, ସଙ୍ଗୀତ ଓ ସୃଜନଶୀଳତା ମାଧ୍ୟମରେ ଜୀବନକୁ ପୂର୍ଣ୍ଣ ଭାବେ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ। ଏହାର ଆରମ୍ଭ ୧୯୮୦ ମସିହାରେ ହୋଇଥିଲା। ସେସମୟରେ ସହରର ଲୋକଙ୍କ ପାଇଁ ସାଂସ୍କୃତିକ ଏବଂ ମନୋରଞ୍ଜନର ଅବସର ବହୁତ କମ୍ ଥିଲା। ତେଣୁ ୧୯୮୫ ମସିହାରେ ସ୍ଥାନୀୟ ନେତା କାର୍ଲୋସ ମାରିଓ ମୋଣ୍ଟୋୟା ଏବଂ ଲିବାର୍ଦୋ ରେଷ୍ଟ୍ରେପୋ ଏଭଳି ଏକ ଦିବସର ପରିକଳ୍ପନା କରିଥିଲେ। ଧୀରେ ଧୀରେ ଏହି ଉତ୍ସବ ସହରର ସାଂସ୍କୃତିକ ପରିଚୟ ପାଲଟିଗଲା। ଲୋକେ ଏହିଦିନ ତକିଆ, ଝୁଲି, ଖଟ ଓ ପାଇଜାମା ଆଦି ନେଇ ରାଜରାସ୍ତାକୁ ଓହ୍ଲାଇଥାନ୍ତି। ପୂରା ସହର ଏକ ବଡ଼ ମଞ୍ଚରେ ପରିଣତ ହୋଇଥାଏ। ଏହାସହ ସହରର ପ୍ରତିଟି ସ୍ଥାନରେ ସଙ୍ଗୀତ, ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥାଏ। ଲୋକେ ରାସ୍ତା ଉପରେ ଖଟ ଓ ବିଛଣା ପକାଇ ଶୋଇଥାନ୍ତି। କେହି କେହି ରାସ୍ତା ଉପରେ ତମ୍ବୁ ପକାଇ ତାକୁ ଘର ଭଳି ସଜାଇ ଶୋଇଥିବାର ମଧ୍ୟ ଦେଖାଯାଏ। ସକାଳ ୯ଟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହି ଉତ୍ସବରେ ଲାଇଭ୍ କନସର୍ଟ, କଳା ପ୍ରଦର୍ଶନୀ, ବିୟର୍ ଫେଷ୍ଟିଭାଲ, କ୍ଲାସିକ୍ କାର୍ ପରେଡ୍ ଏବଂ ଲେଜିନେସ୍ ବା ଅଳସୁଆ ପ୍ୟାରେଡ୍ ମଧ୍ୟ ହୋଇଥାଏ। ପ୍ରାୟ ଦୁଇ କିଲୋମିଟର ଲମ୍ବା ରାସ୍ତାରେ ହଜାର ହଜାର ଲୋକ ସାମିଲ ହୋଇଥାନ୍ତି। ସମୟ ସହିତ ଏହି ଆୟୋଜନ କେବଳ ଆଉ ଏକ ଉତ୍ସବ ହୋଇ ରହି ନାହିଁ, ଏହା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟରେ ପରିଣତ ହୋଇଛି। ଏହି ଉତ୍ସବ ପ୍ରତିବର୍ଷ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ୨୦୧୨ ମସିହାରେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିଥିଲା।




# ରେସ୍ତୋରାଁର ନିଆରା ଅଫର୍
## ୫୦ ପଇସାରେ ମଧ୍ୟାହ୍ନ ଭୋଜନ




ସାଧାରଣତଃ ରେସ୍ତୋରାଁରେ ବିଭିନ୍ନ ଖାଦ୍ୟପଦାର୍ଥର ଦାମ୍ ଖୁବ୍ ମହଙ୍ଗା ହୋଇଥାଏ। ଏହି କ୍ରମରେ ମୁମ୍ବାଇର ଗୋରେଗାଓଁରେ ଥିବା ଉଡିପି ବିହାର ରେସ୍ତୋରାଁ ଏକ ନିଆରା ଅଫର୍ ଲାଗି ଚର୍ଚ୍ଚା ସାଉଁଟୁଛି। ଲୋକଙ୍କୁ ବହୁତ କମ୍ ଦାମ୍‌ରେ ମିଲ୍ ଯୋଗାଇ ଏହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ରେସ୍ତୋରାଁଟି ଭଙ୍ଗା ହେବା ପୂର୍ବରୁ ସେ ଲୋକଙ୍କୁ ୧୯୭୨ ମସିହାରେ ଖାଦ୍ୟର ଦାମ୍ ଯାହା ଥିଲା, ସେହି ମୂଲ୍ୟରେ ପରଷିଛି। ଏହି ଅଫର୍ ଦିନକ (ଅଗଷ୍ଟ ୧୮) ପାଇଁ ଉଦ୍ଦିଷ୍ଟ ଥିଲା। ଏହାର ଲାଭ ଉଠାଇବା ପାଇଁ ରେସ୍ତୋରାଁ ବାହାରେ ପ୍ରବଳ ଭିଡ଼ ଜମିଥିଲା। ତେବେ ଏକ ନୂଆ ବିଲ୍ଡିଂ ଲାଗି ଏହି ରେସ୍ତୋରାଁକୁ ଭଙ୍ଗା ଯାଉଛି। ରେସ୍ତୋରାଁଟି ଶେଷ ଦିନରେ ଗ୍ରାହକଙ୍କୁ ଏହି ଉପାୟରେ ଖାଦ୍ୟର ସ୍ୱାଦ ଚଖାଇବାକୁ ଚାହିଁଛି। ବିଦାୟକାଳୀନ ସ୍ମୃତିରେ ଉକ୍ତ ରେସ୍ତୋରାଁ ତା'ର ସମସ୍ତ ସ୍ୱାଦିଷ୍ଟ ତଥା ଲୋକପ୍ରିୟ ଖାଦ୍ୟକୁ ୧୯୭୨ ମସିହାରେ ବିକ୍ରି ହେଉଥିବା ଖାଦ୍ୟ ମୂଲ୍ୟରେ ପରଷିଥିଲା। ପଚାଶ ପଇସାରେ ଲୋକେ ପେଟ ପୂରା ମଧ୍ୟାହ୍ନ ଭୋଜନ କରିଛନ୍ତି। କେବଳ ସେତିକି ନୁହେଁ, ଜିଲାପି, ବରା, ଇଡ୍‌ଲି ୧୨ ପଇସାରେ ଗ୍ରାହକଙ୍କୁ ପରଷା ଯାଇଥିଲା। ସେହିଭଳି ରେସ୍ତୋରାଁର ଶେଷଦିନରେ ଗ୍ରାହକମାନେ ଏହି ଅଫର୍‌ର ସୁଯୋଗ ନେବା ପାଇଁ ବେଶ୍ ଉତ୍ସାହିତ ଥିବାର ଦେଖାଯାଇଥିଲା। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ଗୁରୁ



ପ୍ରଣାମ ଘେନ ହେ ଗୁରୁବର
ତୁମ ବିନା ନାହିଁ ମୁକତି ମୋର।
ଜୀବନ ଆକାଶେ ଧ୍ରୁବ ତାରା ତୁମେ
ଆଲୋକ ଶିଖାଟେ ଅନ୍ଧାରର।
କୋଟିଏ ସୂରୁଯ ତୁମ ପାଶେ
ମଥା ଅବନତ କରି ବସେ
ତୁମଠୁ ଓଜନ କିଏ ହେବ ଆଉ
ମୋର ଭାବନାରେ ନ ଆସେ।
ତୁମର ଆଶିଷ ମୋର କାମ୍ୟ
ତୁଣ୍ଡେ ମୋର ଥାଉ ତୁମ ନାମ
ଚଲାପଥେ ମୋର ଆସ ବାରମ୍ବାର
ତୁମ ଚରଣରେ ଚାରିଧାମ।■



ପ୍ରଶାନ୍ତ କୁମାର ସାହୁ
ଚନ୍ଦନ ମଣ୍ଡପ ସାହି, ଇନ୍ଦିପୁର, ଢେଙ୍କାନାଳ
ମୋ-୯୭୭୭୦୯୦୦୫୬

# ଗୁରୁ ତୁମେ ଚିର ବନ୍ଦନୀୟ



ନଳିନୀ ଦାଶ

ଜୟ ଗୁରୁଦେବ ତୁମେ ନିତ୍ୟ ପୂଜନୀୟ
ଜ୍ଞାନରସାଗର କ୍ଷମାଶୀଳ ତ୍ୟାଗମୟ
ନରରୂପୀ ନାରାୟଣ ଚିର ବନ୍ଦନୀୟ
ମହୀମଣ୍ଡଳରେ ଗୁରୁ ଚିର ମହନୀୟ।
ଶିଷ୍ୟଙ୍କ ପାଇଁ ତୁମେତ ଅଗତିର ଗତି
ସ୍ନେହ ଶ୍ରଦ୍ଧା ଭରି ଜ୍ଞାନ ବାଣ୍ଟି ଦିଅ ଶାନ୍ତି
ଉନ୍ନତି ପଥରେ ସାଜିଥାଅ ମହାଶକ୍ତି
ଆକାଶ ଛୁଅନ୍ତି ଶିଷ୍ୟ କରି ପାଦେ ଭକ୍ତି।
ଗୁରୁ ବାକ୍ୟ ଶିଷ୍ୟ ପାଇଁ ହୁଏ ବେଦଗାର
ଜ୍ୟୋତିଦେଇ ସେ ହଟାନ୍ତି ଅଜ୍ଞାନ ତିମିର
ଶୁଭଚିନ୍ତକ ଶିକ୍ଷା ଦୀକ୍ଷାର କର୍ଣ୍ଣଧାର
ଗୁରୁ ସର୍ବଶ୍ରେଷ୍ଠ ପୂଜ୍ୟ ଜୀବନ୍ତ ଠାକୁର।
ଗୁରୁଭକ୍ତି ବଳେ କେତେ ବିଶ୍ୱରେ ସନ୍ତାନ
ଶିକ୍ଷାଲାଭ କରି ହୋଇଛନ୍ତି ମହୀୟାନ
ଯୁଗେଯୁଗେ ଗୁରୁ ହେ ତୁମେ ଚିର ବନ୍ଦନ
ଜିତେ ଶିଷ୍ୟ ପାଦଧୂଳି କରିଲେ ଚନ୍ଦନ।
ଅକୁଣ୍ଠରେ ଦାନ କର ଜ୍ଞାନର ଭଣ୍ଡାର
ତୁମେତ ମଙ୍ଗଳମୟ କ୍ଷମାର ସାଗର
ତୁମେ ତୀର୍ଥ ପୂଣ୍ୟ ବ୍ରତ ହେ ପରମେଶ୍ୱର
ବିଶ୍ୱରେ ପୂଜିତ ହେ ଗୁରୁ ଚିରଅମର।■



ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୭୪୯

## ସକାଳ ଶିଶୁ କୁଇଜ୍-୧୭୪

(୧) ଦଣ୍ଡ ନୃତ୍ୟ ପାଇଁ ଓଡ଼ିଶାର କେଉଁ ଜିଲ୍ଲା ପ୍ରସିଦ୍ଧ?
ଉତ୍ତର : ____________

(୨) 'ବୃହତ୍ ସଂହିତା' ପୁସ୍ତକର ରଚୟିତାଙ୍କ ନାମ କ'ଣ?
ଉତ୍ତର : ____________

(୩) କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ____________

(୪) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?
ଉତ୍ତର : ____________

(୫) କମ୍ପ୍ୟୁଟରରେ ଡାଟା ପ୍ରୋସେସ୍ କଲାବେଳେ କେଉଁ ଭାଷା ବ୍ୟବହାର କରାଯାଏ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ରେୟାଂଶୀ କାନୁନ୍‌ଗୋ, ଭୁବନେଶ୍ୱର
- ଦୀପୁ ନାୟକ, ଟାଙ୍ଗି, ଖୋର୍ଦ୍ଧା
- ସୁଜିତ୍ କୁମାର ରାଉତ,ସୋର, ବାଲେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ

# ଚୁପ୍ ! ସେଇଠି ରହ




ଶିବ ପ୍ରସାଦ ରାଉତ



ଥରେ ଦଳେ ବିଲୁଆ ତୁଳସୀ ବଣ ଜଙ୍ଗଲରୁ କେଉଁ ଏକ ନିରାପଦ ଜଙ୍ଗଲକୁ ଚାଲିଯିବାର ଯୋଜନା କରୁଥାନ୍ତି। କାରଣ ତୁଳସୀ ବଣ ଜଙ୍ଗଲରେ କୋଦାଳକ ନାମକ ଏକ ଭୟଙ୍କର ସିଂହ ଥିଲା। କୋଦାଳକ ଅତ୍ୟନ୍ତ ରାଗୀ ଓ ଜିଦ୍‌ଖୋର ଥିଲା। ଦିନରାତି ଜଙ୍ଗଲ ସାରା ବୁଲିବୁଲି ଅନେକ ଜୀବଜନ୍ତୁକୁ ମାରି ଖାଉଥିଲା। ସେ ଜଙ୍ଗଲରେ ଦୁଇଶହ ବିଲୁଆ ଥିଲେ। ଏହି ଆଠଟାଙ୍କୁ ଛାଡ଼ି ଆଉ ସମସ୍ତଙ୍କୁ କୋଦାଳକ ମାରି ଖାଇ ସାରିଥିଲା। ତେଣୁ ଏଠାରୁ ଚାଲିଗଲେ ବିଲୁଆମାନେ ବଞ୍ଚି ରହିପାରିବେ ବୋଲି ଭାବୁଥାନ୍ତି। ଏକଦା ବିଲୁଆମାନେ ତୁଳସୀ ବଣର ଦକ୍ଷିଣକୁ ଥିବା ସୁଉଚ୍ଚ ପାହାଡ଼ଟା ଡେଇଁ ଅନ୍ୟପଟକୁ ପାରି ହୋଇ ଯିବାକୁ ବସିଥିବାବେଳେ ହଠାତ୍ କୋଦାଳକ ନଜରକୁ ଆସିଗଲେ। ବିଲୁଆମାନେ ଭାବିଲେ ଆଜି ସମସ୍ତଙ୍କର କାଳ ପୂରିଗଲା ସେହି ଆଠ ଜଣିଆ ବିଲୁଆ ଦଳର ଦଳପତି ଚିରାଳ ସମସ୍ତଙ୍କୁ ଚୁପ୍ ଚୁପ୍ କହିଲା -"ଭାଇମାନେ କୋଦାଳକ ତ ଆସୁଛି। ଆମର ଆଉ ବଞ୍ଚିବାର ଉପାୟ ନାହିଁ। ତଥାପି ମୁଁ ଯାହା କହୁଛି, ତୁମେ ତାହା କର। ବର୍ତ୍ତମାନ ସମସ୍ତେ ଧାଡ଼ିରେ ଛିଡ଼ା ହୋଇଯାଅ ଓ ପ୍ରଥମେ ମରିବାକୁ ସମସ୍ତେ ମିଥ୍ୟାରେ କଳି କର।" ସିଂହ କୋଦାଳକ ଭୟଙ୍କର ଗର୍ଜନ କରି ତାଙ୍କ ଆଗକୁ ଦୌଡ଼ି ଆସି ବାଟ ଓଗାଳି ଛିଡ଼ା ହେଲା। ହେଲେ ସିଂହ ଆଶ୍ଚର୍ଯ୍ୟ ହେଲା ଯେ ତା'ର ଗର୍ଜନ ଶୁଣି, ତାକୁ ଦେଖି ବିଲୁଆମାନେ ପଳେଇ ଯାଉନାହାନ୍ତି କି ଡରୁନାହାନ୍ତି। ଓଲଟି ପରସ୍ପର ମଧ୍ୟରେ କଳି କରୁଛନ୍ତି। କୋଦାଳକ ତାଙ୍କୁ ମାରିବା ପରିବର୍ତ୍ତେ ଘଟଣା କ'ଣ ଜାଣିବାକୁ ଚେଷ୍ଟାକଲା। ବିଲୁଆଙ୍କ ଦଳପତି ଚିରାଳ କହିଲା,"ମହାରାଜ ମୁଁ ଏମାନଙ୍କର ଦଳପତି। ଏମାନେ ମୋ କଥା ମାନୁ ନାହାନ୍ତି। ଏଇ କିଛି ସମୟ ପୂର୍ବରୁ ଆକାଶବାଣୀ ହେଲା ଯେ, ଯିଏ ଏହି ତୁଳସୀ ବଣରେ ପ୍ରଥମେ ମରିବ ସେ ସଙ୍ଗେସଙ୍ଗେ ମଣିଷ ଜନ୍ମ ହୋଇ ବିରାଟ ଦେଶର ରାଜା ହେବ। ଏଣୁ ମୁଁ ଏମାନଙ୍କର ଦଳପତି ଭାବରେ ପ୍ରଥମେ ମରିବାକୁ ଚାହିଁଲି ଯେ ଏମାନେ ମୋତେ ପ୍ରଥମେ ମରିବାକୁ ନ ଦେଇ ନିଜେ ମରିବାକୁ ଚାହୁଁଛନ୍ତି। ଆପଣ ତ ଆମ ପଶୁରାଜ କୁହନ୍ତୁ ତ ମୁଁ ମଣିଷ ହୋଇ ଏ ବିରାଟ ଦେଶର ରାଜା ହେବାର ସୌଭାଗ୍ୟ ପ୍ରାପ୍ତହେବା ଉଚିତ୍ କି ନୁହେଁ!" ଚିରାଳ ପୁଣି କହିଲା,"ମହାରାଜ, ମୁଁ ଏମାନଙ୍କୁ ବୁଝାଇଲା ପରେ ବି ସେମାନେ କହୁଛନ୍ତି, ଆମେ ସମସ୍ତେ ଧାଡ଼ିରେ ଛିଡ଼ା ହେବୁ ଏବଂ ଏକସଙ୍ଗରେ ଦୌଡ଼ ଆରମ୍ଭ କରିବୁ। ଆମ ଆଗରେ ଏ ପାହାଡ଼ରୁ ଯେଉଁ ଝରଣା ବହିଯାଉଛି, ତା'ର ଠିକ୍ ତଳେ ଗୋଟିଏ ଭୟଙ୍କର ପ୍ରପାତ ଅଛି। ଯିଏ ଦୌଡ଼ରେ ଆଗୁଆ ହେବ ସେ ସେହି ପ୍ରପାତକୁ ଡେଇଁ ମଣିଷ ରାଜା ହୋଇ ଦେଶ ପାଳନ କରିବ।" ଚିରାଳ ପୁଣି କୋଦାଳକକୁ ଅନୁରୋଧ କଲା ଯେ, "ହେ! ମହାରାଜ ଆପଣ ମୋତେ ପ୍ରଥମେ ଏଇଠି ମାରିଦିଅନ୍ତୁ, ମୁଁ ଟିକେ ଶୂନ୍ୟବାଣୀ ଅନୁଯାୟୀ ରାଜା ହେବି।" ଚିରାଳ ମୁହଁରୁ କଥା ଛଡ଼ାଇ କୋଦାଳକ କହିଲା,'ଚୁପ୍! ତୋର ତ ଭାରି ସାହାସ। ତୁ ହେବୁ ମଣିଷ ରାଜା। ଆଉ ମୁଁ ସବୁବେଳେ ଏଇ ପଶୁରାଜ ହୋଇ ରହିଥିବି। ତେଣୁ ତୁମେମାନେ ସେଇଠି ସେମିତି ଧାଡ଼ିରେ ଛିଡ଼ା ହୁଅ। ମୁଁ ପ୍ରପାତକୁ ଡେଇଁ ଏ ଦେଶର ରାଜା ହେଉଛି। ବାସ୍। ଅପରିଣାମଦର୍ଶୀ କୋଦାଳକ, ଚିରାଳର ଚତୁରତା ଠଉରେଇ ପାରିଲା ନାହିଁ। ତା'ର ମୃତ୍ୟୁରେ ତୁଳସୀବଣ ଅରଣ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲା।■

ବଛଦା,ବାସୁଦେବପୁର,ଭଦ୍ରକ
ମୋ- ୯୪୩୭୭୯୬୭୨୧




ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



ସାଇ ସମୀକ୍ଷା ସ୍ୱାଇଁ
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ



ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ



ଅନ୍ୱେଷା ବଳ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ସ୍ୱର୍ଣ୍ଣଶ୍ରୀ ମହାନ୍ତି
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

ଦୁଲୀପ୍ ଟ୍ରଫିରେ ଦାରଙ୍କ ହ୍ୟାଟ୍ରିକ୍

# ଉତ୍ତରାଞ୍ଚଳ ଇନିଂସ ଅଗ୍ରଣୀ



ବେଙ୍ଗାଲୁରୁ,୨୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ମିଡିୟମ୍ ପେସ୍ ବୋଲର ଆକ୍ୱିବ ନବି ଦାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ପୂର୍ବାଞ୍ଚଳ ସହ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୱିକେଟରକ୍ଷକ କନ୍ହେୟା ୱାଧାୱାନ୍‌ଙ୍କ ୭୬ ଓ ଆୟୁଷ ବଦୋନିଙ୍କ ୬୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୪୦୫ ରନ୍ କରିଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ଝାଡଖଣ୍ଡ ବାମହାତୀ ସ୍ପିନର ମନିଷ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବିଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପୂର୍ବାଞ୍ଚଳ ମାତ୍ର ୨୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, କାମଚଳା ଅଧିନାୟକ ରିୟାନ ପରାଗ ୩୯, ଉତ୍କର୍ଷ ସିଂ ୩୮ ଓ ୱିକେଟରକ୍ଷକ କୁମାର କୁଶାଗ୍ର ୨୯ ରନ୍ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଦାର ମାତ୍ର ୧୦.୧ ଓଭର ବୋଲିଂ କରି ୨୮ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଦୁଲୀପ୍ ଟ୍ରଫିରେ ୩ୟ ବୋଲର ଭାବେ ଦାର୍ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

## ଡାନିସ ମାଲେୱରଙ୍କ ଦ୍ୱିଶତକ

ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳର ଡାନିସ ମାଲେୱର ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୩, ଅଧିନାୟକ ରଜତ ପାଟିଦାର ୧୨୫ ଓ ୟଶ୍ ରାଠୋଡଙ୍କ ଅପରାଜିତ ୮୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୪ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୬୮ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କୁର ମଲିକ ୩୧ ଓ ପାଲଜୋର ତାମଙ୍ଗ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଓପନର କାମାଜିତ୍ ୟୁମନାମ ସର୍ବାଧିକ ୪୮, ଆଶିଷ ଥାପ୍ପା ୩୫ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଦିତ୍ୟ ଠାକୁରେ ୩ଟି ଓ ହର୍ଷ ଦୁବେ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ୧୩ରେ ରୋହିତଙ୍କ ଫିଟ୍‌ନେସ୍ ପରୀକ୍ଷା

ମୁମ୍ବାଇ,୨୯।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ରୋହିତ ଶର୍ମାଙ୍କର ଫିଟନେସ୍ ଟେଷ୍ଟ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସେପ୍ଟେମ୍ବର ୧୩ରେ ହେବ। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପୂର୍ବରୁ ସେ ଓ ବିରାଟ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଏଣୁ ୧୩ରେ ତାଙ୍କର ନିୟମିତ ହେଉଥିବା ୟୋ ୟୋ ଏବଂ ଏବେ ବ୍ରୋଙ୍କୋ ଟେଷ୍ଟ ଦେବେ ବୋଲି ଜଣାଯାଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ-ଏ' ସହ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍‌ରେ ଖେଳିବେ। ଏହା ପରେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ଭାରତ ସୀମିତ ଓଭର ସିରିଜ୍ ଖେଳିବାକୁ ଯିବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଖେଳାଳିଙ୍କୁ ଫିଟ୍ କରାଇବା ଏବଂ ଅଭ୍ୟାସ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଶୁକ୍ଲା ବିସିସିଆଇର କାମଚଳା ସଭାପତି

ମୁମ୍ବାଇ,୨୯।୮ (ଏଜେନ୍ସି): ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ବିସିସିଆଇର କାମଚଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନର କ୍ରୀଡ଼ା ନିୟମ ଅନୁଯାୟୀ ସଭାପତି ଥିବା ରୋଜର ବିନ୍ନିଙ୍କୁ ୭୦ ବର୍ଷ ପୁରିଯିବାରୁ ସଭାପତି ପଦ ଛାଡ଼ିବାକୁ ବାଧ ହୋଇଛନ୍ତି। ଶୁକ୍ଲା ଏହି ପଦରେ ବିସିସିଆଇର ପରବର୍ତ୍ତୀ ନିର୍ବାଚନ ଯାଏ ବା ଆସନ୍ତା ସେପ୍ଟେମ୍ବର ମାସଯାଏ ରହିପାରିବେ। ଏବେ ସରକାର ଆଣିଥିବା କ୍ରୀଡ଼ାନୀତି ଅନୁଯାୟୀ ବିନ୍ନିଙ୍କୁ ୭୦ ବର୍ଷ ପୁରିଯାଇଥିଲେ ମଧ୍ୟ ସଭାପତି ହୋଇପାରିବେ। କିନ୍ତୁ ନିର୍ବାଚନ ବେଳକୁ ନୂଆ କ୍ରୀଡ଼ାନୀତି ପ୍ରଣୟନ ହୋଇଥିବା ଆବଶ୍ୟକ।

ଏସିଆ କପ୍ ପୁରୁଷ ହକି

# ଚୀନ୍‌କୁ ହରାଇ ଭାରତ ବିଜୟୀ

ରାଜଗିର,୨୯।୮ (ଏଜେନ୍ସି)

ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ ଗୋଲ ବଳରେ ଜାତୀୟ କ୍ରୀଡ଼ା ଦିବସରେ ଆରମ୍ଭ ହୋଇଥିବା ଏସିଆ କପ୍ ହକିରେ ଚୀନ୍‌କୁ ୪-୩ ଗୋଲରେ ପରାସ୍ତ କରି ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ୍ ୩ଟି ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ଜୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଆସିଥିଲା। ଚୀନ୍ ପକ୍ଷରୁ ଶେଷ ମୁହୂର୍ତ୍ତରେ ଲଢୁଆ ପ୍ରତ୍ୟାବର୍ତ୍ତନ ହୋଇଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଶେଷ ପର୍ଯ୍ୟନ୍ତ ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣରେ ଜାପାନ ସହ ଖେଳିବ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚ୍‌ରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ, ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ଓ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆର ସନ ଡା-ଇନ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।

ଅନ୍ତର୍ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ନ ଥିଲେ ମଧ୍ୟ ଭାରତ ବିପକ୍ଷରେ ସର୍ବଦା ଲଢୁଆ ଖେଳିଛି ଚୀନ୍। ତାହାର ଏକ ଉଦାହରଣ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍‌ରେ ଦେଖିବାକୁ ମିଳିଛି। ଭାରତର ରକ୍ଷଣଭାଗ ଦୁର୍ବଳତାର ସୁଯୋଗ ନେଇ ଚୀନ୍‌ର ଅଗ୍ରଭାଗ ଖେଳାଳିମାନେ ବାରମ୍ବାର ଆକ୍ରମଣ କରି ଘରୋଇ ଦଳକୁ




ଅସ୍ତବ୍ୟସ୍ତ କରିପକାଇଥିଲେ। ଯାହା ଫଳରେ ଖେଳର ୧୨ତମ ମିନିଟ୍‌ରେ ଡୁ ସିଆଓ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଶିବିରରେ ଛନକା ପଶିଥିଲା ଓ ୧୮ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଖେଳକୁ ୧-୧ରେ ସମାନ ସ୍ଥିତିକୁ ନେଇଯାଇଥିଲେ। ଏହା ପରେ ଦୁଇଟି ପେନାଲଟି କର୍ଣ୍ଣରରୁ ହରମନପ୍ରୀତ୍ ସିଂହ ଦୁଇଟି ଗୋଲ ଦେବା ପରେ ଭାରତ ୩-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଚୀନ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଚେନ୍ ବି ଗୋଲ ଦେଇ ଗୋଲ ବ୍ୟବଧାନକୁ ୩-୨କୁ କମାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଦଳ ଅଧିକ ଆକ୍ରମଣାତ୍ମକ ହୋଇ ଖେଳିଥିଲା। ଯାହା ଫଳରେ ପୁଣି ଏକ ପେନାଲ୍ଟି କର୍ଣ୍ଣରରୁ ଗାଓ ଜିଶେଙ୍ଗ ଗୋଲ ଦେଇ ଖେଳକୁ ୩-୩ରେ ସମାନ ସ୍ତରକୁ ନେଇଆସିଥିଲେ। ଏହି ସମୟରେ ଭାରତ ମଧ୍ୟ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ତୃତୀୟ କ୍ୱାର୍ଟରରେ ସମର୍ଥ ହୋଇ ନ ଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଚୀନ୍ ରକ୍ଷଣଭାଗର ଏକ ଫାଉଲକୁ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଅଧିନାୟକ ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୪-୩ରେ ଆଗୁଆ କରିଥିଲେ। ଚୀନ୍‌ର ପ୍ରବଳ ଆକ୍ରମଣ ଓ ପେନାଲ୍‌ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ଏହି ସମୟରେ ବିପଜ୍ଜନକ ଖେଳ ଲାଗି ଜରମନପ୍ରୀତ୍ ସିଂହଙ୍କୁ ହଳଦିଆ କାର୍ଡ ମିଳିଥିଲା। ଏସବୁକୁ ମୁକାବିଲା କରି ଭାରତ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର ହୋଇଥିଲା। ଏହି ଗ୍ରୁପର ଅନ୍ୟ ଏକ ମ୍ୟାଚରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ ସହଜରେ ହରାଇଥିଲା।

**ସନ୍‌ଙ୍କ ହ୍ୟାଟ୍ରିକ, କୋରିଆର ଜିତ୍**

ସକାଳେ ଖେଳାଯାଇଥିବା ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାଲେସିଆ ଆଗରେ ପ୍ରତିଦ୍ୱନ୍ଦ୍ୱୀ ଦଳ ତିଷ୍ଠି ପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ଙ୍କ ହ୍ୟାଟ୍ରିକ ଯୋଗୁ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇଥିଲା। ଦଳ ପକ୍ଷରୁ ୟାଙ୍ଗ୍ ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୨୯।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେଇଥିବା ଏକମାତ୍ର ପୁରୁଷ ଓଡ଼ିଆ ପ୍ରତିଯୋଗୀ ହୃଦାନନ୍ଦ ଦାସ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ କନିଷ୍ଠ ୮୮ କେଜି କାଟାଗୋରୀର ସ୍ନାଚ୍‌ରେ ୧୩୯, କ୍ଲିନ୍ ଆଣ୍ଡ ଜର୍କରେ ୧୭୮ ଓ ମୋଟରେ ୩୧୭ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୬ଜଣ ଓଡ଼ିଆଙ୍କ ମଧ୍ୟରୁ ୫ଜଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳର ଦୁଇ ଭଉଣୀ ପ୍ରୀତିସ୍ମିତା ଓ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ, ମିନା ସାନ୍ତା-ଏ' ସ୍ୱର୍ଣ୍ଣପଦକ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଓଡ଼ିଆ ଭାରୋତ୍ତୋଳକମାନେ ବିଭିନ୍ନ କାଟାଗୋରୀରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଭାରତ ଖାତାରେ ଯୋଡିବାରେ ସମର୍ଥ ହୋଇଛନ୍ତି। ଏମାନେ ସମସ୍ତେ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପ୍ରି-କ୍ୱାର୍ଟରରେ କାର୍ଲୋସ ଆଲ୍‌କାରାଜ୍

ନ୍ୟୁୟର୍କ,୨୯।୮ (ଏଜେନ୍ସି): ଏଠାରେ ଚାଲିଥିବା ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାରେ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨'ର ଏକ ମ୍ୟାଚରେ ୨ୟ ସିଡ୍ ଆଲ୍‌କାରାଜ ୬-୨, ୬-୪, ୬- ରେ ଇଟାଲୀର ଲୁସିଆନୋ ଡାର୍‌ଡେରୀଙ୍କୁ ସହଜରେ ପରାସ୍ତ କରିଥିଲେ। ପଞ୍ଚମ ଦିବସରେ ସୁଦ୍ଧା ସମସ୍ତ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ୨୭ ନମ୍ବର ସିଡ ଡିନିଲ ସାପୋଭାଲୋଭଙ୍କର ମୁକାବିଲା ହେବ। ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ସିନ୍ନର ୬-୩, ୬-୨, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ଶେଷ ହୋଇଥିବା ସମସ୍ତ ୩ଟି ଯାକ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ନର ଏହାକୁ ମିଶାଇ ୨୩ତମ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଓ ୱିମ୍ବଲଡନରେ ଚାମ୍ପିଅନ ହୋଇଥିବା ସିନ୍ନର ଫ୍ରେଞ୍ଚ ଓପନ ଫାଇନାଲରେ ଆଲକାରାଜଙ୍କଠାରୁ ପରାଜିତ ହୋଇଥିଲେ। ଏବେ ତୃତୀୟ ରାଉଣ୍ଡରେ ସେ କାନାଡାର ସାପୋଭାଲୋଭଙ୍କୁ ଭେଟିବେ। ତେବେ ଦ୍ୱିତୀୟ ରାଉଣ୍ଡରେ ୯ମ ସିଡ୍ କାରେନ ଖାଚାନୋଭ୍ ଓ ୫ମ ସିଡ୍ ଜେକ୍ ଡ୍ରେପର ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଥିବା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ୍, ଷଷ୍ଠ ସିଡ୍ ବେନ୍ ଶେଲଟନ, ୮ମ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଲୋରେଞ୍ଜୋ ମୁସେଟୀ, ୧୪ତମ ସିଡ୍ ଟମି ପଲ ଓ ୧୫ତମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ରହିଛନ୍ତି।


ଜାନିକ ସିନ୍ନର

## ■ ପେଗୁଲା, ପାଓଲିନ୍ ତୃତୀୟ ରାଉଣ୍ଡରେ

ମହିଳା ବିଭାଗ ଏକକରେ ଦୁଇ ଟପ୍ ସିଡ ଆରିନା ସାବାଲେଙ୍କା ଓ ଇଗା ସ୍ୱିଆଟେକ୍ କିଛିଟା ସଂଘର୍ଷ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଲିଲା ଫର୍ଣ୍ଣାଣ୍ଡିଜ୍, ଦ୍ୱିତୀୟ ସିଡ ଇଗା ସ୍ୱିଆଟେକଙ୍କ ସହ ଆନ୍ନା କଲିନସ୍କୟା, ତୃତୀୟ ସିଡ କୋକୋ ଗଫ୍‌ଙ୍କ ସହ ୨୮ ନମ୍ବର ସିଡ୍ ମାଗଡାଲେନା ଫ୍ରେକ୍, ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ସହ ଭେଟେରାନ ଭିକ୍ଟୋରିଆ ଆଜରେଙ୍କାଙ୍କର ମୁକାବିଲା ହେବ। ଅନ୍ୟ ପ୍ରମୁଖ ସିଡେଡ ଖେଳାଳିଙ୍କ ମଧ୍ୟରେ ନାଓମି ଓସାକା, କାରୋଲିନା ମୁଚୋଭା, ୮ମ ସିଡ ଆମାଣ୍ଡେ ଆନିସିମୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୭ମ ସିଡ୍ ଜଷ୍ଟିନ୍ ପାଓଲିନ୍, ୯ମ ସିଡ୍ ଏଲେନା ରିବାକିନା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।


ଇଗା ସ୍ୱିଆଟେକ୍

ଗତକାଲିଠାରୁ ମହିଳା ଯୁଗଳ ବିଭାଗରେ ଖେଳ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଖେଳରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ, ଦ୍ୱିତୀୟ ସିଡ୍ ଜସ୍ମିନ ପାଓଲିନ୍ ଓ ସାରା ଏରାନି, ତୃତୀୟ ସିଡ୍ ଗାବ୍ରିଏଲା ଡାବ୍ରୋୱସ୍କି ଓ ଏରିନ୍ ରୁଟଲାଇଫ୍, ଚତୁର୍ଥ ସିଡ୍ ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦରମେଟୋଭା ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜିଠାରୁ ପୁରୁଷ ଯୁଗଳ ବିଭାଗରେ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତୀୟ ଯୋଡି ଏନ୍ ବାଲାଜୀ ଓ ଆର୍ ବୋଲିପାଲି, ରୋହନ ବୋପନ୍ନା, ୟୁକି ଭାମ୍ବ୍ରୀ ଓ ଅର୍ଜୁନ ଖାଡେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।

ଜାତୀୟ କ୍ରୀଡ଼ା ଦିବସ

# ଅନିମେଷ, ରାଖାଲଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯ ।୮ (ସମିସ)


ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି 'ଜାତୀୟ କ୍ରୀଡ଼ା ଦିବସ'। ଏହି ଅବସରରେ ପ୍ରତିବର୍ଷ ଭଳି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ୮ଜଣ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ବର୍ଷ ୨୦୨୪ ଲାଗି କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଏସମସ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ।




ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିଥିଲେ।

ଦେଶର ଦ୍ରୁତତମ ଧାବକ ଅନିମେଷ କୁଜୁରଙ୍କୁ ଉଲ୍ଲେଖନୀୟ ସଫଳତା ଲାଗି ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ଟ୍ରଫି ଓ ମାନପତ୍ର ସହ ତାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଅନିମେଷ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଗତ ଦୁଇବର୍ଷ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଛତିଶଗଡ଼ର ଏହି ଉଦୀୟମାନ ଧାବକ ବେଶ୍ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ କନିଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ସାତ୍ତ୍ୱିକ ସ୍ୱାଇଁ। ଗତ ଜୁନରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ। ରାଖାଲ କୁମାର ସେଠୀ ବର୍ଷର 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ପୁରସ୍କାର ହାସଲ କରିଥିଲେ।

## ବିଜୟ ଶତପଥୀଙ୍କୁ ଆଜୀବନ ସାଧନା ସମ୍ମାନ



କ୍ରୀଡ଼ା କ୍ଷେତ୍ରରେ ଆଜୀବନ ସାଧନା ଲାଗି ବିଜୟ ଶତପଥୀଙ୍କୁ ପୁରସ୍କୃତ କରାଯାଇଛି। ଅସୁସ୍ଥତା ଯୋଗୁ ତାଙ୍କ ପୁଅ ସୋମନାଥ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବର୍ଷର ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ପୁରସ୍କାର ସୁଷମା ନନ୍ଦଙ୍କୁ ମିଳିଥିଲା। ଦୀର୍ଘ ବର୍ଷ ଧରି ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଛାତ୍ରାବାସରେ ଭଲିବଲ୍ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି 'ପ୍ରମେୟ'ର ବିମଳ କୁମାର ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାର ପ୍ରଚାର ଓ ପ୍ରସାର ଲାଗି ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଦୀପ ଶତପଥୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ପ୍ରଦ୍ୟୁମ୍ନ ବର୍ତ୍ତମାନ ରାଜ୍ୟ ଖୋ ଖୋ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଦୁଇଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଞ୍ଜନ ପ୍ରଧାନ ଯୁଗ୍ମ ଭାବେ ଏହି ପୁରସ୍କାର ପାଇଥିଲେ।

**ବିମଳ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ**

# ନିରାଶ କଲେ ନୀରଜ



ଜୁରିଚ, ୨୯ ।୮ (ଏଜେନ୍ସି): ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍ ଫାଇନାଲ ଗୁରୁବାରଠାରୁ ସୁଇଜରଲାଣ୍ଡର ଜୁରିକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ଇଭେଣ୍ଟ ଗୁଡ଼ିକ ମଧ୍ୟରେ ପୁରୁଷ ଜାଭେଲିନ ଥ୍ରୋ ରହିଥିଲା। ଏଥିରେ ଦୁଇଥରର ଅଲିମ୍ପିକ ପଦକ ବିଜେତା ଭାରତୀୟ ତାରକା ନୀରଜ ଚୋପ୍ରା ନିରାଶ କରିଛନ୍ତି। ଛ' ରାଉଣ୍ଡ ବିଶିଷ୍ଟ ଥ୍ରୋ'ରେ ସେ ୮୫.୦୧ ମିଟର ଥ୍ରୋ ସହ ୨ୟ ସ୍ଥାନରେ ରହିଛନ୍ତି। ନୀରଜ ତାଙ୍କ ଶେଷ ତଥା ୬ଷ୍ଠ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ। ସେ ବାରମ୍ବାର ଫାଉଲ କରିଥିଲେ। ଏଥିରେ ଜର୍ମାନୀର ତାରକା ଥ୍ରୋୟର ଜୁଲିଏନ ୱେବର ୯୧.୫୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଡାଏମଣ୍ଡ ଟ୍ରଫି ଜିତିଥିଲେ। ତ୍ରିନିଦାଦ ଓ ଟବାଗୋର କେଶି ୱାଲକଟ ୮୪.୯୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ନୀରଜ ଏଠାରେ ୨୦୨୨ରେ ପ୍ରଥମ ସ୍ଥାନରେ ରହି ଡାଏମଣ୍ଡ ଟ୍ରଫି ହାସଲ କରିଥିଲେ।

**REQUIREMENT OF VOCATIONAL TRAINERS IN ODISHA**
**Bhagini Nivedita Shiksha Samiti**

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
| --- | --- |
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email.For more information contact above given number.*
**This is not a Govt. Job Management reserve the rights to accept or reject any application.**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS